

କେଶ ଦାନକଲେ ସୋନମ
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-2 •BHUBANESWAR •THURSDAY •26 JUNE 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨ •ଭୁବନେଶ୍ୱର •ଗୁରୁବାର •୨୬ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦







ସରିଳା ଅଣସର

# ଆଜି ନବଯୌବନ ଦର୍ଶନ



■ ପୁରୀ, ୨୫।୬ (ସମିସ): ଶେଷ ହୋଇଛି ମହାପ୍ରଭୁଙ୍କ ଅଣସର। ସୁସ୍ଥ ହୋଇ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଗୁରୁବାର ସକାଳେ ଦଇତାପତି ସେବକମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ନବଯୌବନ ବେଶରେ ଦର୍ଶନ ଦେବେ ଦାରୁବିଗ୍ରହ। ଏଥିସହ ନେତ୍ରୋତ୍ସବ ମଧ୍ୟ ରହିଛି। ଏପଟେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ରଥ ନିର୍ମାଣ।

### ସକାଳ ୮ଟାରେ ଫିଟିବ ଅଣସର ତାଟି
### ୮ରୁ ୯ଟା ଯାଏଁ ପରିମାଣିକ ଦର୍ଶନ
### ୯ରୁ ସାଢ଼େ ୧୦ଟା ସର୍ବସାଧାରଣ ଦର୍ଶନ

**ରଥ ଆଜ୍ଞାମାଳ ବିଜେ ଆଜି**

ଗୁରୁବାର ମହାପ୍ରଭୁଙ୍କ ଆଜ୍ଞାମାଳ ମିଳିବା ପରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ଗଡ଼ିବ ତିନିରଥ। ଶୁକ୍ରବାର ଅନୁଷ୍ଠିତ ହେବ ରଥଯାତ୍ରା। ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ ହୋଇ ନବଦିନାତ୍ମକ ଯାତ୍ରାରେ ଯିବେ ଜନ୍ମବେଦୀ।

ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଥିଲେ ଦାରୁଦିଅଁ। ଅଣସର ଘରେ ଚାଲିଥିଲା ଉପଚାର। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତ ସେବା କରିଥିଲେ। ଫୁଲୁରି ତେଲ, ଓଷୁଅ ଲାଗି ସହ ଦଶମୂଳ ମୋଦକ ସେବନ ପରେ ଏବେ ସୁସ୍ଥ ହୋଇଯାଇଛନ୍ତି ଦାରୁବିଗ୍ରହ। ଗୁରୁବାର ଅଣସର ଘରେ ମହାପ୍ରଭୁଙ୍କ ଆସ୍ଥାନ ଚକା ଅପସାରଣ କରାଯିବ। ଦଶାବତାର ତଥା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି, ମଇଲମ ଏବଂ ଅବକାଶ ନୀତି ବଢ଼ିବ। ପଟି ଠାକୁର ମଣ୍ଡଣି ଘରକୁ, ଅନ୍ୟ ଦିଅଁ ଦକ୍ଷିଣୀ ଘରକୁ ବିଜେ କରିବା ପରେ ସକାଳ ୮ଟାରେ ଅଣସର ତାଟି ଫିଟିବ। ସକାଳ ୮ଟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ▶ପୃଷ୍ଠା-୧୦

# ଅନ୍ତରୀକ୍ଷରେ ଶୁଭାଂଶୁ




## ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟଙ୍କ ମହାକାଶ ଯାତ୍ରା
## ଦେଶବାସୀଙ୍କ ଶୁଭକାମନା, ଭାବବିହ୍ୱଳ ହେଲେ ପିତାମାତା

■ ଫ୍ଲୋରିଡ଼ା, ୨୫।୬ (ଏଜେନ୍ସି): ମହାକାଶ କ୍ଷେତ୍ରରେ ଭାରତ ବଡ଼ ଅଗ୍ରଗତି ହାସଲ କରିଛି। ଗଗନଯାନ ଅଭିଯାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି। ଛଅ ଥର ତାରିଖ ଘୁଞ୍ଚିବା ପରେ ଶେଷରେ ବୁଧବାର ଭାରତୀୟ ବାୟୁସେନା ପାଇଲଟ ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳା ଅକ୍ସିଅମ-୪ ଅଭିଯାନରେ ମହାକାଶକୁ ଯାତ୍ରା କରିଛନ୍ତି। ଫ୍ଲୋରିଡ଼ା ସ୍ଥିତ ନାସାର କେନେଡି ସ୍ପେସ ସେଣ୍ଟରର ୩୯ଏ ଲଞ୍ଚ କମ୍ପ୍ଲେକ୍ସରୁ ସ୍ପେସ୍‌ଏକ୍ସର କ୍ର୍ୟୁ ଡ୍ରାଗନ ଶୁଭାଂଶୁଙ୍କ ସମେତ ୪ ଜଣ ମହାକାଶଚାରୀଙ୍କୁ ନେଇ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଆଇ) ଅଭିମୁଖେ ଯାଇଛି। ୧୯୬୯ରେ ଏହି ଲଞ୍ଚପ୍ୟାଡରୁ ଆପୋଲ ୧୧ ଅଭିଯାନରେ ନିଲ୍ ଆର୍ମଷ୍ଟ୍ରଙ୍ଗ ମହାକାଶକୁ ଯାଇଥିଲେ। ଦ୍ୱିତୀୟ ଭାରତୀୟ ମହାକାଶଚାରୀ ଭାବେ ଶୁଭାଂଶୁ ମହାକାଶକୁ ଯାତ୍ରା କରିଛନ୍ତି। ଏହି ଅଭିଯାନ ପାଇଁ ସୁସ୍ଥ ରହିବା ନିମନ୍ତେ ଶୁଭାଂଶୁ ମାସେ ହେଲା ସଙ୍ଗରୋଧରେ ଥିଲେ। ଏହା ପୂର୍ବରୁ ୪୧



ବର୍ଷ ତଳେ ୧୯୮୪ରେ ୱିଙ୍ଗ କମାଣ୍ଡର ରାକେଶ ଶର୍ମା ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ସୋଭିଏତ ମିଶନରେ ମହାକାଶକୁ ଯାତ୍ରା କରିଥିଲେ। ଅକ୍ସିଅମ-୪ ଅଭିଯାନ ସଫଳ ହେବା ପରେ ଶୁଭାଂଶୁଙ୍କ ମାତାପିତା ଆଶା ଶୁକ୍ଳା ଏବଂ ଶମ୍ଭୁ ଦୟାଳ ଶୁକ୍ଳା ଭାବୁକ ହୋଇ ଯାଇଥିଲେ। ପୁଅର ସଫଳତା ପାଇଁ ତାଳି ବଜାଇ ଖୁସି ମନାଇ ଥିଲେ। ଦେଶବାସୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଶୁଭାଂଶୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ମହାକାଶରେ ପହଞ୍ଚିବା ପରେ ଶୁଭାଂଶୁ ଭାରତ ପାଇଁ ବାର୍ତ୍ତା ପଠାଇଛନ୍ତି। ସେ କହିଛନ୍ତି ଯେ ଦେଶବାସୀଙ୍କୁ ପ୍ରଣାମ। ଏହି ଯାତ୍ରା ଅତୁଳନୀୟ ଥିଲା। ୪୧ ବର୍ଷ ପରେ ଆମେ ପୁଣିଥରେ ମହାକାଶରେ ପହଞ୍ଚିଛେ। ଏହା ଏକ ଅଦ୍ଭୁତ ଯାତ୍ରା। ସେକେଣ୍ଡ ପିଛା ୭.୫ କିମି ବେଗରେ ଆମେ ପୃଥିବୀ ଚାରିପଟେ ଘୂରି ବୁଲୁଛୁ। କାନ୍ଧରେ ଲାଗିଥିବା ତ୍ରିରଙ୍ଗା ଆପଣ ସମସ୍ତଙ୍କ ସହ ରହିଛି ବୋଲି କହୁଛି। ଆଇଏସଏସ ପର୍ଯ୍ୟନ୍ତ ମୋର ଏହି ଯାତ୍ରା କେବଳ ଆରମ୍ଭ ନୁହେଁ, ବରଂ ଭାରତର ମାନବ ଅଭିଯାନର ଏହା ପ୍ରାରମ୍ଭ ମାତ୍ର। ସମସ୍ତେ ଏହି ଯାତ୍ରାରେ ଅଂଶ ହୁଅନ୍ତୁ ବୋଲି ମୁଁ ଚାହୁଁଛି। ଆପଣମାନେ ଗର୍ବ କରିବା ଉଚିତ। ଆସନ୍ତୁ ସମସ୍ତେ ମିଳିମିଶି ମହାକାଶକୁ ଭାରତର ମାନବ ଅଭିଯାନର ପ୍ରାରମ୍ଭ କରିବା। ଜୟ ହିନ୍ଦ୍। ଜୟ ଭାରତ। ▶ପୃଷ୍ଠା-୧୦

# ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷା

■ ଭୁବନେଶ୍ୱର, ୨୫।୬ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବୁଧବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନ୍ୟପଟେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରଭାବ ଆହୁରି ୨ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯଦିଓ ଏହି ଲଘୁଚାପ ବିଶେଷ ଘନୀଭୂତ ହେବ ନାହିଁ ମାତ୍ର ଏହାଦ୍ୱାରା ଉତ୍ତର ଓଡ଼ିଶାର କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ। ଗୁରୁବାର ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଭଳି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାସହିତ ବରଗଡ଼, ଦେବଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳରେ ମଧ୍ୟ ବର୍ଷାର ପ୍ରଭାବ ଅଧିକ ରହିପାରେ। ଏହା ବ୍ୟତୀତ ବାଲେଶ୍ୱର, କଟକ, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଗତ ୩୬ ଘଣ୍ଟା ମଧ୍ୟରେ ବଲାଙ୍ଗିରରେ ୪୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲି ୪୫, ବାଲେଶ୍ୱର ୪୦, ଭୁବନେଶ୍ୱର ୫୦, କେନ୍ଦୁଝର ୨୮, ଭବାନୀପାଟଣା ୨୦, କୋରାପୁଟ ୪୭, ଜଗତସିଂହପୁର ୩୨, ନବରଙ୍ଗପୁର ୩୬, ରାଉରକେଲାରେ ୨୦ ମିମି ବର୍ଷା ରେକର୍ଡ ହୋଇଛି।

ମହାପ୍ରଭୁଙ୍କ ମୋଦକ ଚୋରି ପ୍ରସଙ୍ଗ

# ଚାପରେ ମୋଡ଼ ବଦଳିଯିବନି ତ?

■ ପୁରୀ, ୨୫।୬ (ସମିସ): ମହାପ୍ରଭୁଙ୍କ ମୋଦକ ଚୋରି ଅଭିଯୋଗ ପ୍ରସଙ୍ଗକୁ ନେଇ ଏବେ କାଠଗଡ଼ାରେ ରାଜ୍ୟ ସରକାର। ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି ଭକ୍ତ। କେବେ ଯାହା ଶୁଣିବାକୁ ମିଳୁ ନ ଥିଲା ଏବେ ତାହା ଘଟୁଛି। ଗତବର୍ଷ ରଥଯାତ୍ରାରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡ଼ିଯାଇଥିବାବେଳେ ଏ ବର୍ଷ ରଥଯାତ୍ରା ଆରମ୍ଭରୁ ଦେଖାଦେଇଛି ମହାବିଭ୍ରାଟ। ଅଣସରରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ପାଇଁ ଆସିଥିବା ଦଶମୂଳ ମୋଦକ ଚୋରି ହୋଇଯାଇଛି। ଏଭଳି ଅଭିଯୋଗ ଆଉ କେହି ନୁହେଁ, ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ତଥା ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ମୁଖ୍ୟ ବାଡ଼ଗ୍ରାହୀ ହଳଧର ଦାସ ମହାପାତ୍ର ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖିଥିବାବେଳେ ଏହାକୁ ନେଇ ସବୁଆଡ଼େ ହଟଚମଟ ସୃଷ୍ଟି ହୋଇଛି। ହେଲେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆରମ୍ଭରୁ ଦିଗହରା କରିବାକୁ ଚେଷ୍ଟା କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି କିଛି ଶ୍ରଦ୍ଧାଳୁ। ଭକ୍ତ ମାଧବ ସାହୁ କହିଛନ୍ତି, ଅଭିଯୋଗର ତଦନ୍ତ ସରି ନ ଥିବାବେଳେ ଆଇନ ମନ୍ତ୍ରୀ ଏବଂ ମୁଖ୍ୟ ପ୍ରଶାସକ ଏହା ସତ୍ୟ ଆଧାରିତ ନୁହେଁ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ, ଯାହାକି ସନ୍ଦେହ ବଢ଼ାଇଛି। ▶ପୃଷ୍ଠା-୧୦

# ମୁକୁଳା ଡ୍ରେନ୍ ନେଲା ଆଉ ଏକ ଜୀବନ



## ଗତବର୍ଷ ନାବାଳକ 'ସାଇରାମ', ଏବେ 'ମହେନ୍ଦ୍ର'
## ସହରର ଡ୍ରେନେଜ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

■ ବ୍ରହ୍ମପୁର, ୨୫।୬ (ସମିସ): ଗତ ବର୍ଷାରେ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଲକ୍ଷ୍ମୀନୃସିଂହ ସାହିରେ ମୁକୁଳା ଡ୍ରେନ୍‌ରେ ଭାସି ଜଣେ ନାବାଳକର ଜୀବନ ଯାଇଥିବା ବେଳେ ଚଳିତବର୍ଷ ପୁଣିଥରେ ମୁକୁଳା ଡ୍ରେନ ନେଇଛି ଆଉ ଜଣଙ୍କ ଜୀବନ। ବୁଧବାର ଅପରାହ୍ନରେ ଲଗାଣ ବର୍ଷା ବେଳେ ଏମ୍‌କେସିଜି ମେଡ଼ିକାଲ ଖେଳପଡ଼ିଆ କଡ଼ଦେଇ ଯାଇଥିବା ମୁକୁଳା ଡ୍ରେନରୁ ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କୁ ଭାସି ଯାଉଥିବାବେଳେ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଏମ୍‌କେସିଜି ମେଡ଼ିକାଲର ଆଶୁଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ମୃତ ଘୋଷଣ କରିଥିଲେ। ମୃତ ବ୍ୟକ୍ତି ଜଣକ ଖାରବେଳନଗର ପ୍ରଥମ ଲାଇନ୍ ନିବାସୀ ମହେନ୍ଦ୍ର ପାଣିଗ୍ରାହୀ। ମହେନ୍ଦ୍ର ଅପରାହ୍ନ ୪ଟାରେ ମେଡ଼ିକାଲ ଠାରୁ ସିଦ୍ଧାର୍ଥ ନଗର ଓ ନୂଆ ବସ୍‌ଷ୍ଟାଣ୍ଡକୁ ସଂଯୋଗ କରିଥିବା ରାସ୍ତାରେ ଯାଉଥିଲେ। ରାସ୍ତାକଡ଼ରେ ଏକ ବୃହତ ଡ୍ରେନ୍ ଦୀର୍ଘଦିନ ହେଲା ମୁକୁଳା ରହିଥିବାରୁ ବର୍ଷାରେ ଜାଣିନପାରି ସେ ପଡ଼ିଯାଇଥିଲେ। ▶ପୃଷ୍ଠା-୧୦

# ଆଇସିୟୁରୁ କ୍ୟାବିନକୁ ଆସିଲେ ନବୀନ



## ସାକ୍ଷାତ କରି ଦ୍ରୁତ ଆରୋଗ୍ୟ କାମନା କଲେ ବିଜେଡି ନେତା
## ରାଜ୍ୟବାସୀଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇବାକୁ ନବୀନଙ୍କ ପରାମର୍ଶ
## ନବୀନଙ୍କ ସ୍ୱାସ୍ଥ୍ୟ ନେଇ ବଡ଼ଭାଇ ପ୍ରେମ ପଟ୍ଟନାୟକଙ୍କ ସହ ଆଲୋଚନା

■ ଭୁବନେଶ୍ୱର, ୨୫।୬ (ସମିସ): ମୁମ୍ବାଇ ସ୍ଥିତ କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦ୍ରୁତ ଆରୋଗ୍ୟଲାଭ କରୁଛନ୍ତି। ଗତ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା ଓ ପର୍ଯ୍ୟବେକ୍ଷଣ ନିମନ୍ତେ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ଆଜି ଡାକ୍ତରମାନେ ନବୀନଙ୍କୁ କ୍ୟାବିନ୍‌କୁ ସ୍ଥାନାନ୍ତର କରିଛନ୍ତି। କିଛି ଦିନ ମଧ୍ୟରେ ତାଙ୍କର ଷ୍ଟିଚ୍ ଖୋଲାଯିବା ପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା ନେଇ ସୂଚନା ମିଳିଛି।

ଏହି ଅବସରରେ ଓଡ଼ିଶାର ବହୁ ବିଜେଡି ନେତା ନବୀନଙ୍କୁ ଡ଼ାକ୍ତରଖାନାରେ ଭେଟି ତାଙ୍କୁ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ଦଳ ନେତାମାନଙ୍କୁ ଡ଼ାକ୍ତରଖାନାରେ ଦେଖି ନବୀନ ଖୁସି ବ୍ୟକ୍ତ କରିବା ସହ ସେ ପୁରା ଠିକ୍ ଅଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇବାକୁ ବିଜେଡି ନେତାଙ୍କୁ ପରାମର୍ଶ ଦେଇଛନ୍ତି। ▶ପୃଷ୍ଠା-୧୦






# ମୋହନଙ୍କ 'ମନ୍ତ୍ରୀ ସୂତ୍ର'; ଦଳରେ ଅସହମତି

■ ଭୁବନେଶ୍ୱର, ୨୫।୬ (ସମିସ): ଆସନ୍ତା ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପରେ ଯେକୌଣସି ସମୟରେ ଦିନ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହୋଇପାରେ। ଏ ସମ୍ପର୍କରେ ଆପାତତଃ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି ଓ କେବଳ ତାରିଖ ଘୋଷଣା ବାକି ଅଛି। ମୁଖ୍ୟମନ୍ତ୍ରୀ ନିଜର ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି କରିଛନ୍ତି ଏବଂ ସମ୍ଭାବ୍ୟ ମନ୍ତ୍ରୀ ଓ ବିଭାଗର ନକ୍ସା ପ୍ରସ୍ତୁତ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତି ଲୋକସଭା କ୍ଷେତ୍ରକୁ ଗୋଟିଏ ମନ୍ତ୍ରୀ ବା ଅନୁରୂପ ପାହ୍ୟାର ପଦ ଦେବା ନିମନ୍ତେ ମୋହନ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଲେ ୨୦ ମନ୍ତ୍ରୀ, ବିଧାନସଭା ବାଚସ୍ପତି, ଉପବାଚସ୍ପତି, ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ରାଜ୍ୟ ଯୋଜନା ବୋର୍ଡର୍ ଉପାଧ୍ୟକ୍ଷ ପରି ମନ୍ତ୍ରୀ ପାହ୍ୟାଗୁଡ଼ିକୁ ସମାନୁପାତିକ ଭାବରେ ବଣ୍ଟନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ମୋହନଙ୍କ ଏହି ପ୍ରସ୍ତାବକୁ ଦଳର ଶୀର୍ଷ ନେତୃତ୍ୱ ମଧ୍ୟ ସବୁଜ ସଙ୍କେତ ଦେଇଛନ୍ତି। ତେବେ

## ପ୍ରତି ଲୋକସଭା କ୍ଷେତ୍ରକୁ ଗୋଟିଏ ମନ୍ତ୍ରୀ ବା ଅନୁରୂପ ପଦ

ମୁଖ୍ୟମନ୍ତ୍ରୀଙ୍କ ଏହି 'ମନ୍ତ୍ରୀସୂତ୍ର'କୁ ଦଳର କିଛି ଛାମୁଆଁ ନେତା ପସନ୍ଦ କରୁନଥିବା ସୂଚନା ମିଳିଛି। ଏପରିକି ଗୋଟିଏ ସଂସଦୀୟ କ୍ଷେତ୍ରରୁ ରହିଥିବା ଏକାଧିକ ମନ୍ତ୍ରୀଙ୍କ ମଧ୍ୟରୁ କେହି ନା କେହି ବାଦ ପଡ଼ିବାର ଆଶଙ୍କା ଥିବାରୁ ଦଳରେ ଅସନ୍ତୋଷ ସୃଷ୍ଟି ହୋଇଛି।

ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ସର୍ବାଧିକ ୨୨। ରାଜ୍ୟ ବିଜେପିର ସାଂଗଠନିକ ସଂରଚନା, ଜିଲ୍ଲା ତଥା ସଂସଦୀୟ କ୍ଷେତ୍ରୱାରୀ ବିଚାରକୁ ନେଲେ ମୋହନ ସୂତ୍ର ଫିଟ ବସୁନାହିଁ। ଏମିତି ହେଲେ ବହୁ ଟାଣୁଆ ନେତାଙ୍କୁ ମନ୍ତ୍ରୀ ପଦ ହରାଇବାକୁ ପଡ଼ିପାରେ। ଏହାକୁ ନେଇ ଦଳର ଏକ ବଡ଼ ଗୋଷ୍ଠୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ଶୀର୍ଷ ନେତୃତ୍ୱ ଏହି ଅସନ୍ତୋଷକୁ କିପରି ପ୍ରଶମିତ କରୁଛନ୍ତି, ସେନେଇ ଉତ୍କଣ୍ଠା ପ୍ରକାଶ ପାଇଛି।

ଗତବର୍ଷ ରଥଯାତ୍ରା ବେଳେ ବ୍ୟାପକ ଅବ୍ୟବସ୍ଥା, ବଡ଼ଠାକୁର ରଥ ଉପରେ ପଡ଼ିଯିବା ଭଳି ବଡ଼ ବିଭ୍ରାଟ ଏବଂ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଏଏସଓ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିବା ଘଟଣାରେ ଖୁବ୍ ବିବାଦୀୟ ହୋଇ ପଡ଼ିଥିଲେ ରାଜ୍ୟ ସରକାର। ତେଣୁ ଚଳିତ ରଥଯାତ୍ରା ସମୟରେ ରଥଯାତ୍ରାକୁ ଶୃଙ୍ଖଳିତ ଢଙ୍ଗରେ ଆୟୋଜିତ କରିବାକୁ ସରକାର ପୂରା ଜୋର୍ ଲଗାଇ ଦେଇଥିବା ବେଳେ ଘୋଷଯାତ୍ରା ମଝିରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରି ରିସ୍କ ନେବାକୁ ଚାହୁଁନାହାନ୍ତି। ଘୋଷଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବା ପରେ ହିଁ ମୁଖ୍ୟମନ୍ତ୍ରୀ ନିଜ ଟିମର ସମ୍ପ୍ରସାରଣ କରିବେ। ସମ୍ପ୍ରସାରଣ ପାଇଁ ଗତ ▶ପୃଷ୍ଠା-୧୦




ସକାଳ
THE SAKALA
www.sakalaepaper.com

## ପୂର୍ବତନ ମନ୍ତ୍ରୀ ମଜାଠିଆ ଗିରଫ

ଅମୃତସର, ୨୫।୬ (ଏଜେନ୍ସି): ପଞ୍ଜାବର ପୂର୍ବତନ ମନ୍ତ୍ରୀ ବିକ୍ରମ ମଜାଠିଆଙ୍କୁ ବୁଧବାର ରାଜ୍ୟ ଭିଜିଲାନ୍ସ ଗିରଫ କରିଛି। ଆୟରୁ ଅଧିକ ସମ୍ପତ୍ତି ଠୁଳ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅମୃତସରରୁ ଗିରଫ କରି ତାଙ୍କୁ ମୋହାଲି ନିଆଯାଇଛି। ସେଠାରେ ତାଙ୍କୁ କୋର୍ଟରେ ଉପସ୍ଥାପନ କରାଯିବ। ତେବେ ଏହା ପୂର୍ବରୁ ଅକାଳି ଦଳର ସମର୍ଥକ କୋର୍ଟ ବାହାରେ ପହଞ୍ଚି ଗିରଫ ଏବଂ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ସୂଚନା ଅନୁଯାୟୀ ବୁଧବାର ସକାଳେ ଭିଜିଲାନ୍ସ ଟିମ ମଜାଠିଆଙ୍କ ଅମୃତସରର ଗ୍ରୀନ ଆଭିନ୍ୟୁ ସ୍ଥିତ ଘରେ ପହଞ୍ଚି ଥିଲା। ଏଠାରେ ଭିଜାଲାନ୍ସ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଚଢଉ ହୋଇଥିଲା। ବିକ୍ରମଙ୍କ ଘରୁ ୨୯ଟି ମୋବାଇଲ ଫୋନ, ୪ଟି ଲ୍ୟାପଟପ୍, ୨ଟି ଆଇପ୍ୟାଡ, ୮ ଡାଏରୀ ଏବଂ ଅନ୍ୟ କାଗଜପତ୍ର ଜବତ କରାଯାଇଛି। ରାଜନୈତିକ ଆକ୍ରୋଶ ରଖି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ମଜାଠିଆ କହିଛନ୍ତି।

## ବାସନ ମାଜିବାକୁ କହିବାରୁ ମା'କୁ ହତ୍ୟା

କାନପୁର, ୨୫।୬ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁରରୁ ଜଘନ୍ୟ ମାମଲା ସାମ୍ନାକୁ ଆସିଛି। ବାସନ ମାଜିବାକୁ କହିବାରୁ ଦ୍ୱାଦଶ ଶ୍ରେଣୀର ପଢୁଥିବା ପୁଅ ଉତ୍କ୍ଷିପ୍ତ ହୋଇ ଯାଇଛି। ସେ ରାଗି ଯାଇ ଓଢଣୀରେ ତଣ୍ଟି ଚିପି ମାଆକୁ ହତ୍ୟା କରିଛି। ମୃତଦେହକୁ ଖଟ ତଳେ ଥିବା




ବାକ୍ସରେ ଭର୍ତ୍ତି କରିଦେଇଛି। ଏହାର କିଛି ସମୟ ପରେ ସାନ ପୁଅ ବିଦ୍ୟାଳୟରୁ ଫେରିଥିଲା। ମାଆ କୁଆଡେ ଯାଇଛି ବୋଲି ବଡ଼ ଭାଇକୁ ପଚାରି ଥିଲା। କିନ୍ତୁ ବଡ଼ ଭାଇ କିଛି କହି ନ ଥିଲା। ସେ ଅନେକ ସମୟ ପର୍ଯ୍ୟନ୍ତ ମାଆକୁ ଖୋଜିଥିଲା। ଶେଷରେ ଘର ଭିତରେ ଥିବା ଖଟରେ ମା'ଙ୍କ ଓଢଣୀ ବାହାରକୁ ବାହାରିଥିବା ଦେଖିବାକୁ ପାଇଥିଲା। ବେଡ୍ ଖୋଲିବାରୁ ମା' ଚେତାଶୂନ୍ୟ ଥିବା ଦେଖିବାକୁ ପାଇଥିଲା। ପରେ ସାନ ପୁଅ ମାମୁଁଙ୍କୁ ଏବଂ ପୁଲିସକୁ ଏ ବିଷୟରେ ସୂଚନା ଦେଇଥିଲା। ପୁଲିସ ପହଞ୍ଚିବା ସମୟରେ ମା'ଙ୍କ ଶ୍ୱାସକ୍ରିୟା ଚାଲୁଥିଲା। ଏହା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ଏହି ଘଟଣା ଘଟିଥିଲା। ଏବେ ପୁଲିସ ଅଭିଯୁକ୍ତ ବଡ଼ ପୁଅକୁ ଗିରଫ କରିଛି।

## ଅଭିନନ୍ଦନଙ୍କୁ ଧରିଥିବା ପାକ୍ ମେଜରଙ୍କୁ ହତ୍ୟା

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ବାଲାକୋଟ ଏୟାର ଷ୍ଟ୍ରାଇକ (୨୦୧୯) ପରେ ଭାରତର ଲଢୁଆ ବିମାନ ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ଧରିବା ନେଇ ଦାବି କରୁଥିବା ପାକିସ୍ତାନ ମେଜର ସୈଦ ମୁଇଜଙ୍କୁ ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ (ଟିଟିପି) ହତ୍ୟା କରିଛି। ଏହି ଯବାନ ପାକିସ୍ତାନର ସ୍ୱତନ୍ତ୍ର ସର୍ଭିସ ଗ୍ରୁପର ଷଷ୍ଠ ବାଟାଲିୟନରେ ନିଯୁକ୍ତ ଥିଲେ। ପାକିସ୍ତାନ ଖୈବରପଖତୁନଖ୍ୱା ପ୍ରଦେଶରେ ଚାଲିଥିବା ଆତଙ୍କବାଦୀ ବିରୋଧୀ ଲଢେଇରେ ସେ ପ୍ରାଣ ହରାଇଛନ୍ତି। ଟିଟିପି ପକ୍ଷରୁ ମଧ୍ୟ ଏହି ଦାବି କରାଯାଇଛି। ୨୦୧୯ ଫେବୃଆରୀ ପୁରୁଣା ଲଢୁଆ ବିମାନ ମିଗ୍-୨୧ରୁ ଉଡ଼ାଣ କରି ପାକିସ୍ତାନର ଏଫ୍-୧୬ ଲଢୁଆ ବିମାନକୁ ଧ୍ୱଂସ କରିବା ପରେ ୱିଙ୍ଗ କମାଣ୍ଡର ତଥା ଗ୍ରୁପ୍ କ୍ୟାପ୍ଟେନ ଅଭିନନ୍ଦନ ବର୍ଥମାନ ହିରୋ ପାଲଟି ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସଂଘର୍ଷ ସମୟରେ ତାଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ପାକିସ୍ତାନରେ ପଡ଼ିଥିଲା। ଏହା ପୂର୍ବରୁ ସେ ପାରାଚୁଟ ମାଧ୍ୟମରେ ବିମାନରୁ ସୁରକ୍ଷିତ ଭାବେ ପାକିସ୍ତାନରେ ଅବତରଣ କରିଥିଲେ। ପରେ ପାକିସ୍ତାନ ଯବାନ ତାଙ୍କୁ ଧରି ନେଇଥିଲେ। ଭାରତ ଚାପ ଯୋଗୁଁ ୫୮ ଘଣ୍ଟା ପରେ ପାକିସ୍ତାନ ତାଙ୍କୁ ଛାଡିଥିଲା।

## ଦିବ୍ୟାଙ୍ଗଙ୍କୁ ମାରି ଟ୍ରଙ୍କରେ ଲୁଚାଇଲେ ଦମ୍ପତି

ରାୟପୁର, ୨୫।୬ (ଏଜେନ୍ସି): ଯେଉଁ ଦିବ୍ୟାଙ୍ଗଙ୍କ ଯତ୍ନ ନେଉଥିଲେ ତାଙ୍କୁ ସମ୍ପତ୍ତି ଲୋଭରେ ହତ୍ୟା କରିଛନ୍ତି। ଆଉ ମୃତଦେହକୁ ଷ୍ଟିଲ ଟ୍ରଙ୍କରେ ଭର୍ତ୍ତି କରି ସିମେଣ୍ଟ ଦେଇ ନିବୁଜ କରିଦେଇଥିଲେ। ପ୍ରମାଣ



ନଷ୍ଟ କରିବାକୁ କଲୋନୀରେ ଥିବା ଏକ ଶୂନଶାନ ସ୍ଥାନରେ ଏହାକୁ ଫୋପାଡ଼ି ଦେଇଥିଲେ। ପରେ ଘର ଭଡ଼ା ଦେଇ ଫେରାର ହୋଇଯାଇଥିଲେ। ଛତିଶଗଡ଼ ରାୟପୁରରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ଦମ୍ପତିଙ୍କୁ ପୁଲିସ ଦିଲ୍ଲୀ ବିମାବନ୍ଦରରୁ ଗିରଫ କରି ବୁଧବାର ରାୟପୁର ଆଣିଛି। ସୂଚନା ଅନୁଯାୟୀ ଅଙ୍କିତ ଉପାଧ୍ୟାୟ ଏବଂ ତାଙ୍କ ପତ୍ନୀ ଶିବାନୀ ଶର୍ମା ଦିବ୍ୟାଙ୍ଗ କିଶୋର ପାଇକରା (୪୫)ଙ୍କ ଯତ୍ନ ନେଉଥିଲେ। ନିଜ ନାମରେ ଥିବା ଏକ ଜମିକୁ କିଶୋର ୫୦ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ମାତ୍ର ଏଥିରେ ସମ୍ପୃକ୍ତ ଥିବା ଦମ୍ପତି ତାଙ୍କୁ ୩୦ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା କହିଥିଲେ। କିଶୋର ଏହା ଜାଣିବା ପରେ ବାକି ୨୦ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଏଥିପାଇଁ ଦମ୍ପତି ତାଙ୍କୁ ରାସ୍ତାରୁ ହଟାଇ ଦେବାକୁ ଷଡ଼ଯନ୍ତ୍ର କରିଥିଲେ। ଗତ ୨୩ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। କିନ୍ତୁ ଦମ୍ପତିଙ୍କ କାର୍ଯ୍ୟକଳାପ ସିସିଟିଭିରେ କଏଦ ହୋଇ ଯାଇଥିଲା।

# ଇରାନ ପରମାଣୁ କାର୍ଯ୍ୟକ୍ରମ ଆରମ୍ଭ କଲେ ଆକ୍ରମଣ ହେବ



ୱାସିଂଟନ, ୨୫।୬(ଏଜେନ୍ସି): ଇରାନର ତିନିଟି ପରମାଣୁ କେନ୍ଦ୍ରକୁ ବୋମାମାଡ଼ ଆକ୍ରମଣ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିଦିଆଯାଇଛି। ଏହାସତ୍ତ୍ୱେ ଇରାନ ପୁଣି ପରମାଣୁ କାର୍ଯ୍ୟକ୍ରମ ଆରମ୍ଭ କଲେ ଆମେରିକା ଆକ୍ରମଣ କରିବାକୁ ପଛାଇବ ନାହିଁ। ଆଜି ଏଭଳି ଧମକ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ସେ କହିଛନ୍ତି ଯେ ଇରାନର ପରମାଣୁ କେନ୍ଦ୍ର ଏଭଳି କ୍ଷତିଗ୍ରସ୍ତ ହୋଇଛି ଯେ ନିକଟ ଭବିଷ୍ୟତରେ ପରମାଣୁ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଏହା ସମର୍ଥ ହୋଇପାରିବ ନାହିଁ। ବୋମାମାଡ଼ରେ ଇରାନୀ ପରମାଣୁ କେନ୍ଦ୍ରର ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ ବୋଲି ଆମେରିକୀୟ ପ୍ରତିରକ୍ଷା ବିଭାଗର ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏହାକୁ ମିଛ କହିଛନ୍ତି ଟ୍ରମ୍ପ। ବିବିସି ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଆମେରିକାର ବୋମାମାଡ଼ ପରେ ସେହି ଦେଶର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ଏକ ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତ କରିଛି। ଏହି ରିପୋର୍ଟ କେତେକ ଗଣମାଧ୍ୟମରେ ପ୍ରଘଟ ହୋଇଛି। ପେଣ୍ଟାଗନ ରିପୋର୍ଟରେ କୁହାଯାଇଛି ଯେ ଇରାନୀ ପରମାଣୁ କେନ୍ଦ୍ର ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ। ପେଣ୍ଟାଗନ ଏମିତି କୌଣସି ରିପୋର୍ଟ ପ୍ରସ୍ତୁତ କରିନାହିଁ ଏବଂ ଏହା ଫେକ୍ ନ୍ୟୁଜ୍ ବୋଲି ଉଲ୍ଲେଖ କହିଛନ୍ତି ଟ୍ରମ୍ପ। ବୋମାମାଡ଼ ପୂର୍ବରୁ ଇରାନ ଏହାର ପରମାଣୁ କେନ୍ଦ୍ରରୁ ୪୦୦ କିଲୋଗ୍ରାମ ଓଜନର ୟୁରାନିୟମ୍ ହଟାଇନେଇଥିଲା ବୋଲି ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହାକୁ ମଧ୍ୟ ମିଛ ବୋଲି କହିଛନ୍ତି ଟ୍ରମ୍ପ। ହ୍ୱାଇଟ୍ ହାଉସ୍ ପକ୍ଷରୁ ମଧ୍ୟ ବିବୃତି ଜାରି କରି କୁହାଯାଇଛି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅଡୁଆରେ ପକାଇବା ଲାଗି ଏଭଳି ମିଛ ଖବର ପ୍ରକାଶ ପାଉଛି।

■ ମାନିଲା ଇରାନ, ପରମାଣୁ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି

■ ବିଶେଷ କ୍ଷତିଗ୍ରସ୍ତ ହୋଇନି: ପେଣ୍ଟାଗନ୍ ରିପୋର୍ଟ

ଗଣମାଧ୍ୟମ ସହିତ ଆଜି କଥାବାର୍ତ୍ତା ବେଳେ ଟ୍ରମ୍ପ କହିଲେ ଯେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବନ୍ଦ ରହିଛି। ସେମାନେ ଆଉ ଯୁଦ୍ଧ କରିବେ ନାହିଁ। ଏହି ଯୁଦ୍ଧ ବନ୍ଦ କରିବା ଲାଗି ଇରାନର ପରମାଣୁ କେନ୍ଦ୍ର ଉପରେ ସେ ବୋମାମାଡ଼ କରିଥିଲେ। ଏହି ବୋମାମାଡ଼କୁ ସେ ହିରୋସିମା ପରମାଣୁ ଆକ୍ରମଣ ସହ ତୁଳନା କରିଥିଲେ। ସେ କହିଥିଲେ ଯେ ଇରାନ ଓ ଇସ୍ରାଏଲ ସ୍କୁଲ ପିଲା ଭଳି ଲଢୁଥିଲେ। ସେମାନଙ୍କୁ ବନ୍ଦ କରିବା ଲାଗି ଏଭଳି ବୋମାମାଡ଼ କରାଯାଇଥିଲା। ଯୁଦ୍ଧବିରତି ଉଲ୍ଲଂଘନ ପରେ ସେ ଦେଇଥିବା ଅଶ୍ଳୀଳ ମନ୍ତବ୍ୟ ସଂପର୍କରେ ପ୍ରଶ୍ନ ହେବାରୁ ସେ କହିଲେ ଇରାନ ଓ ଇସ୍ରାଏଲ ସ୍କୁଲ ପିଲାଙ୍କ ପରି ଲଢୁଥିଲେ। ସେମାନଙ୍କୁ ରାସ୍ତାକୁ ଆଣିବା ଲାଗି ଏଭଳି ଭାଷା ଜରୁରି। ସେମାନେ ୧୨ ଦିନ ଧରି ଯୁଦ୍ଧ ଚଳାଇଥିଲେ ଏବଂ ଏଥିରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି। ଆମେରିକା ବୋମାମାଡ଼ କରିନଥିଲେ ସେମାନେ ଏବେ ବି ଯୁଦ୍ଧ ଜାରି ରଖିଥାଆନ୍ତେ।

ଇତିମଧ୍ୟରେ ଇରାନ ପ୍ରଥମ ଥର ଲାଗି ସ୍ୱୀକାର କରିଛି ଯେ ଆମେରିକାର ବୋମାମାଡ଼ରେ ଏହାର ତିନିଟି ଯାକ ପରମାଣୁ କେନ୍ଦ୍ର ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଇରାନ ବିଦେଶ ବିଭାଗର ମୁଖପାତ୍ର କହିଛନ୍ତି, ଇରାନର ପରମାଣୁ କେନ୍ଦ୍ର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି, ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ଏସଂପର୍କରେ ସେ ଅଧିକ କିଛି ତଥ୍ୟ ଦେବାକୁ ମନା କରିଦେଇଛନ୍ତି। ଏହାପୂର୍ବରୁ ଇରାନ କହୁଥିଲା ଯେ ଆମେରିକାର ବୋମାମାଡ଼ରେ ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇନାହିଁ। ସୂଚନାଯୋଗ୍ୟ ଯେ ଜୁନ୍ ୨୨ ତାରିଖରେ ଆମେରିକାର ବି-୨ ବୋମାବର୍ଷୀ ବିମାନ ଇରାନ ନତାଞ୍ଜ, ଫରଦୋ ଏବଂ ଇସଫାହାନ ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ବୋମାମାଡ଼ କରି ଧ୍ୱସ୍ତ କରିଦେଇଥିଲା।

# ନାଟୋ ଶିଖର ସମ୍ମିଳନୀରେ ଟ୍ରମ୍ପଙ୍କ ଏଜେଣ୍ଡାକୁ ବିରୋଧ

ହେଗ୍, ୨୫।୬ (ଏଜେନ୍ସି): ନେଦରଲାଣ୍ଡର ହେଗ୍ ସହରରେ ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ (ନାଟୋ) ସମ୍ମିଳନୀ ଚାଲିଛି। ଏହାର ଦ୍ୱିତୀୟ ଦିନରେ ବୁଧବାର ଅନେକ ପ୍ରମୁଖ ବୈଠକ ବସିଛି। ନାଟୋ ଇତିହାସରେ ଏହାକୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୈଠକ କୁହାଯାଉଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଏହି ସମ୍ମିଳନୀ ଚାଲିଛି। ଏହି ବୈଠକରେ ବି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍କା ଲାଗିଛି। ଟ୍ରମ୍ପଙ୍କ ଦାବି ଅନୁଯାୟୀ ପ୍ରତିରକ୍ଷା ବ୍ୟୟରେ ୟୁରୋପୀୟ ଦେଶ ଗୁଡିକର ଅଂଶଧନ ବୃଦ୍ଧି କରିବାକୁ ଏଜେଣ୍ଡା ରଖା ଯାଇଛି। ସବୁ ସଦସ୍ୟ ରାଷ୍ଟ୍ର ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା ଉପରେ ଖର୍ଚ୍ଚ କରନ୍ତୁ ବୋଲି ଟ୍ରମ୍ପ ଚାହୁଁଛନ୍ତି। କିନ୍ତୁ ଏବେ ୟୁରୋପୀୟ ରାଷ୍ଟ୍ରଗୁଡିକର ମୋଟ ଯୋଗଦାନ ମାତ୍ର ୩୦ ପ୍ରତିଶତ ରହିଛି। ଏହା ଜିଡିପିର କେବଳ ୨ ପ୍ରତିଶତ। ଆମେରିକା ନାଟୋକୁ ବହୁତ ଅର୍ଥ ଦେଉଛି, କିନ୍ତୁ ଅନ୍ୟ ଦେଶ ନିଜ ଦାୟିତ୍ୱ ଠିକ୍‌ରେ ନିର୍ବାହ କରୁନାହାନ୍ତି ବୋଲି ଟ୍ରମ୍ପ କହୁଛନ୍ତି। ମାତ୍ର ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବାକୁ

■ ପ୍ରତିରକ୍ଷା ବ୍ୟୟ ବଢ଼ାଇବାକୁ ମନାକଲା ସ୍ପେନ

■ ଫ୍ରାନ୍ସ, ଇଟାଲୀ, କାନାଡ଼ାର ବି ବିରୋଧ

■ ଆର୍ଟିକିଲ୍-୫କୁ ନେଇ ମତଭେଦ

ସ୍ପେନ ସିଧା ମନା କରିଦେଇଛି। ସେହିପରି ଫ୍ରାନ୍ସ, ଇଟାଲୀ ଏବଂ କାନାଡ଼ା ମଧ୍ୟ ଟ୍ରମ୍ପଙ୍କ ସହ ସହମତ ନାହାନ୍ତି।

ଏହା ପୂର୍ବରୁ ସଂଗଠରେ ମତଭେଦ ଥିବା ସାମ୍ନାକୁ ଆସିଥିଲା। ନାଟୋ ଦେଶଙ୍କ ପ୍ରତିରକ୍ଷା ଖର୍ଚ୍ଚକୁ ନେଇ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ମତଭେଦ ହୋଇଥିଲା। ନାଟୋ ମହାସଚିବ ମାର୍କ ରୁଟେ କହିଥିଲେ ଯେ ସଂଗଠନ ୟୁକ୍ରେନ ଭଳି ସମସ୍ୟାର ସମାଧାନ କରିପାରିବ। କିନ୍ତୁ ଟ୍ରମ୍ପ ନାଟୋର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଆର୍ଟିକିଲ୍-୫ (ପରସ୍ପରର ସୁରକ୍ଷା ପ୍ରତିଶ୍ରୁତି) ଉପରେ ପ୍ରତ୍ୟକ୍ଷ ସମର୍ଥନ ଦେବାକୁ ମନା କରିଦେଇଛନ୍ତି। ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ନେଇ ଦ୍ୱିତୀୟ ଦିନରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିପରି ପ୍ରତିରକ୍ଷା ବଜେଟକୁ ନେଇ ଟ୍ରମ୍ପଙ୍କ ଆଭିମୁଖ୍ୟ ଉପରେ ମଧ୍ୟ ୟୁରୋପୀୟ ଦେଶଗୁଡିକ ଅନେକ ନିଷ୍ପତ୍ତି ନେଇପାରନ୍ତି। ନାଟୋରେ ମତଭେଦ ଥିବା ସମୟରେ ଟ୍ରମ୍ପଙ୍କୁ ଲକ୍ଷ୍ୟ ରଖି ରୁଟେ ଏକ ନୂଆ ପ୍ରସ୍ତାବ ରଖିଛନ୍ତି। ସେ ସଦସ୍ୟ ଦେଶଙ୍କୁ ଜିଡିପିର ୩.୫ ପ୍ରତିଶତ ସିଧାସଳଖ ସେନା ଏବଂ ଅସ୍ତ୍ରଶସ୍ତ୍ର ଉପରେ ଖର୍ଚ୍ଚ କରିବାକୁ କହିଛନ୍ତି। ଆଉ ୧.୫ ପ୍ରତିଶତ ପ୍ରତିରକ୍ଷା ସମ୍ବନ୍ଧିତ ଖର୍ଚ୍ଚ ଉପରେ କରିବାକୁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଏହି ଲକ୍ଷ୍ୟ ହାସଲ କରିବାକୁ ୟୁରୋପୀୟ ଦେଶଗୁଡିକ ପାଇଁ ଆହୁରି ୧୦ ବର୍ଷ ଲାଗିଯିବ। କିନ୍ତୁ ସ୍ପେନ ଏହାକୁ ବିରୋଧ କରିଛି।

# ଏମର୍ଜେନ୍ସିକୁ ୫୦ ବର୍ଷ: ମୌନ ପ୍ରାର୍ଥନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ଏମର୍ଜେନ୍ସିକୁ ବୁଧବାର ୫୦ ବର୍ଷ ପୂରଣ ହୋଇଛି। ୧୯୭୫ ଜୁନ୍ ୨୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ସ୍ଥିତି ଘୋଷଣା କରିଥିଲେ। ଏହା ୧୯୭୭ ମାର୍ଚ୍ଚ ୨୧ ଅର୍ଥାତ୍ ୨୧ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା। ବିଜେପି ଏହି ଦିନକୁ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରୁଛି। ଏମର୍ଜେନ୍ସିକୁ ନେଇ ଏବେ ରାଜନୀତି ଜୋର ଧରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି କ୍ୟାବିନେଟ ବୈଠକ ବସିଛି। ଏଥିରେ ଏକ ପ୍ରସ୍ତାବ ପାରିତ କରାଯାଇଛି। ପୀଡ଼ିତଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ପାଇଁ ୨ ମିନିଟ୍‌ର ମୌନ ପ୍ରାର୍ଥନା କରାଯାଇଛି। ସେହିପରି କ୍ୟାବିନେଟ ବୈଠକରେ ତିନୋଟି ବଡ଼ ନିଷ୍ପତ୍ତି ନିଆଯାଇଛି। ପୁନେ ମେଟ୍ରୋର ସମ୍ପ୍ରସାରଣ ଲାଗି ୩୬୨୬ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ଝାଡ଼ଖଣ୍ଡର ଝରିଆ ଅଣ୍ଡରଗ୍ରାଉଣ୍ଡ ଫାୟର ଲାଗି ୫୯୪୦ କୋଟି ଟଙ୍କାର ସଂଶୋଧିତ ମାଷ୍ଟର ପ୍ଲାନକୁ ଅନୁମୋଦନ ଦିଆଯାଇଛି। ଆଗ୍ରାରେ ୧୧୧ କୋଟି ବ୍ୟୟରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଛି।



■ କଂଗ୍ରେସ ଗଣତନ୍ତ୍ରକୁ କଏଦ କରିଥିଲା: ମୋଦୀ

■ ମିଛ ଲୁଚାଇବାକୁ ନାଟକ କରୁଛନ୍ତି: ଖଡ଼୍‌ଗେ

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଜରୁରୀକାଳୀନ ସ୍ଥିତିକୁ ନେଇ କଂଗ୍ରେସକୁ ନିଶାଣ କରିଥିଲେ। ସେ ସାମାଜିକ ଗଣମାଧ୍ୟମରେ ଲେଖିଥିଲେ ଯେ ଆଜିର ଦିନରେ କଂଗ୍ରେସ ଗଣତନ୍ତ୍ରକୁ କଏଦ କରି ନେଇଥିଲା। ଗଣମାଧ୍ୟମର ସ୍ୱାଧୀନତାକୁ ଶେଷ କରି ଦେଇଥିଲା। ସଂସଦର ସ୍ୱରକୁ ଚପାଇ ଦିଆଯାଇଥିଲା। ଅଦାଲତକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରାଯାଇଥିଲା। ଏହା ଭାରତର ଗଣତାନ୍ତ୍ରିକ ଇତିହାସର ସବୁଠୁ କଳା ଅଧ୍ୟାୟ ଥିଲା। ଭାରତର ଗଣତାନ୍ତ୍ରିକ ସିଦ୍ଧାନ୍ତକୁ ରକ୍ଷା କରିବା ଆମର କର୍ତ୍ତବ୍ୟ। ସ୍ୱାଧୀନତା ସଂଗ୍ରାମୀଙ୍କ ସାମୂହିକ ଉଦ୍ୟମ ଲାଗି କଂଗ୍ରେସ ସରକାର ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠା ସହିତ ନିର୍ବାଚନ କରାଇ ଥିଲେ। କିନ୍ତୁ ଏଥିରେ ଶୋଚନୀୟ ପରାଜୟବରଣ କରିଥିଲେ। ଏମର୍ଜେନ୍ସି ବିରୋଧରେ ଲଢିଥିବା ବ୍ୟକ୍ତିଙ୍କୁ ମୋଦୀ ସଲାମ କରିଛନ୍ତି।

ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନମନ୍ତ୍ରୀଙ୍କୁ ଜବାବ ଦେଇଛନ୍ତି। ଏମାନେ ନିଜ ଭୁଲ୍ ଛପାଇବା ପାଇଁ ନାଟକ କରୁଥିବା କହିଛନ୍ତି। ଦେଶର ସ୍ୱାଧୀନତା ଆନ୍ଦୋଳନ ଏବଂ ସମ୍ବିଧାନ ନିର୍ମାଣରେ ଯାହାର କୌଣସି ଯୋଗଦାନ ନାହିଁ ସେ ସବୁବେଳେ ସମ୍ବିଧାନ ବିରୋଧରେ ଆଲୋଚନା କରୁଛନ୍ତି। ଆମ୍ବେଦକର, ନେହେରୁ ଏବଂ ସମ୍ବିଧାନ ସଭା ଯେଉଁ ସମ୍ବିଧାନ ପ୍ରସ୍ତୁତ କରିଥିଲା ତାହାକୁ ସେମାନେ ରାମଲୀଳା ମୈଦାନରେ ଜଳାଇ ଥିଲେ। ଆମ୍ବେଦକର, ନେହେରୁ, ଗାନ୍ଧୀଙ୍କ ଫଟୋ ମଧ୍ୟ ଜଳାଇ ଥିଲେ। ସମ୍ବିଧାନରେ ମନୁସ୍ମୃତିର ଅଂଶ ନ ଥିବାରୁ ସେମାନେ ଏହାକୁ ମାନୁନାହାନ୍ତି।

## ଶଶୀ ଥରୁର-ଖଡ଼୍‌ଗେ ମୁହାଁମୁହିଁ

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିବାକୁ ନେଇ କଂଗ୍ରେସରେ ବିବାଦ ସୃଷ୍ଟି ହୋଇଛି। ସାଂସଦ ଶଶୀ ଥରୁର ମୋଦୀଙ୍କୁ ପ୍ରଶଂସା କରିଛନ୍ତି। ଏହାକୁ ନେଇ ସେ ବିଜେପିରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି। ତେବେ ମୋଦୀଙ୍କୁ ପ୍ରଶଂସାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ଥରୁର ମୁହାଁମୁହିଁ ହୋଇଛନ୍ତି। ସମାଲୋଚନା କରି ଖଡଗେ କହିଛନ୍ତି ଯେ ସେ ଇଂରାଜୀ ପଢି ପାରନ୍ତି ନାହିଁ। କିନ୍ତୁ ଥରରୁଙ୍କ ଭାଷା ବହୁତ ବଢ଼ିଆ। ଆମେ ତାଙ୍କୁ ଦଳର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ନିଯୁକ୍ତ କରିଛୁ। ସବୁ ବିରୋଧୀ ମିଶି ସେନା ସହ ଥିବା କହିଥିଲେ। ଆମ ପାଇଁ ଦେଶ ପ୍ରଥମ, କିନ୍ତୁ କିଛି ଲୋକଙ୍କ ପାଇଁ ମୋଦୀ ପ୍ରଥମ। ଏହାର କିଛି ସମୟ ପରେ ଥରୁର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ନାମ ନ ନେଇ ଖଡଗେଙ୍କୁ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ଉଡ଼ିବା ପାଇଁ ଅନୁମତି ମାଗିବାକୁ ପଡେ ନାହିଁ। ଡେଣା ତୁମ ନିଜର। ଆଉ ଆକାଶ କାହାର ନୁହେଁ। ଏହା ପୂର୍ବରୁ 'ଦ ହିନ୍ଦୁ'ରେ ଏକ ସ୍ତମ୍ଭ ଲେଖି ଥରୁର ପ୍ରଧାନମନ୍ତ୍ରୀଙ୍କ ବିଦେଶ ନୀତି ଏବଂ କାମ କରିବାରୁ ଶୈଳୀକୁ ପ୍ରଶଂସା କରିଥିଲେ। ତାଙ୍କୁ ଅଧିକ ସମର୍ଥନ ମିଳିବା ଆବଶ୍ୟକ ବୋଲି କହିଥିଲେ। ପରେ କଂଗ୍ରେସ ଏହାକୁ ଥରୁରଙ୍କ ବ୍ୟକ୍ତିଗତ ମତ କହିଥିଲା।



## ରାସାୟନିକ କାରଖାନାରେ ନିଆଁ; ୪ ମୃତ

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ନୂଆଦିଲ୍ଲୀର ରିଠାଲା ଅଞ୍ଚଳର ମେଟ୍ରୋ ଷ୍ଟେସନ ନିକଟରେ ଥିବା ଏକ ରାସାୟନିକ କାରଖାନାରେ ବୁଧବାର ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଛି। କିଛି ଲୋକ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ଏହାର ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଛି। ୧୬ଟି ଦମକଳ ଗାଡ଼ି ନିଆଁ ଲିଭା କାର୍ଯ୍ୟରେ ଲାଗିଛି। ଏହା ନିକଟରେ ଏକ ଆବାସିକ ଅଞ୍ଚଳ ଅଛି। ଏଠାରେ ନିୟମ ପାଳନ ନ କରି ଅନେକ କାରଖାନା ଚାଲୁଅଛି। ଏଥିଯୋଗୁଁ ନିରୀହ ଲୋକମାନେ ପ୍ରବାହିତ ହେଉଛନ୍ତି। ସୂଚନା ଅନୁଯାୟୀ କାରଖାନାର କାନ୍ଥ ଭାଙ୍ଗିବା ପାଇଁ ଜେସିବି ମେସିନର ସାହାଯ୍ୟ ମଧ୍ୟ ନିଆଯାଉଛି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

## ବାଦଲଫଟା ବର୍ଷା; ଭାସିଗଲେ ୨୦ ଶ୍ରମିକ

ଧର୍ମଶାଳା, ୨୫।୬ (ଏଜେନ୍ସି): ହିମାଚଳ ପ୍ରଦେଶର ଧର୍ମଶାଳାରେ ବୁଧବାର ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ଖନିୟାରା ଅଞ୍ଚଳର ସୋକଣି ଦାକୋଟ ସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ହାଇଡ୍ରାଲ ପ୍ରୋଜେକ୍ଟରେ କାମ କରୁଥିବା ୧୫-୨୦ ଶ୍ରମିକ ମନୁଣୀ ଖଡ ନଦୀର ପ୍ରଖର ସୁଅରେ ଭାସି ଯାଇଛନ୍ତି। ଏ ପର୍ଯ୍ୟନ୍ତ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କ ସନ୍ଧାନ ଜାରି ରହିଛି। ଅନ୍ୟ ଦିନରେ ମନୁଣୀ ନଦୀ ଶୁଖି ଯାଇଥାଏ। କିନ୍ତୁ ବର୍ଷା ଯୋଗୁଁ ଅଚାନକ ବନ୍ୟା ଆସି ଯାଇଥିଲା। ନଦୀ କୂଳରେ ଅସ୍ଥାୟୀ ଘର ନିର୍ମାଣ କରି ଏହି ଶ୍ରମିକ ରହୁଥିଲେ। ତେଣୁ ବନ୍ୟା ସଂସ୍ପର୍ଶରେ ଆସି ଯାଇଥିଲେ। ସେହିପରି କୁଲୁ ଜିଲ୍ଲାର ଜିଭା ନଳାରେ ବାପା-ଝିଅ ସମେତ ୩ ଜଣ ଭାସି ଯାଇଛନ୍ତି। ସେହିପରି ବୁଧବାର ସକାଳେ ହଲଦ୍ୱାନୀରେ ଏକ କାର୍ କେନାଲରେ ଭାସି ଯାଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଛି।

# ପରକୀୟା ପ୍ରୀତି, ଋଣ, ଆଉ ହତ୍ୟା

## ପ୍ରେମିକ ସହ ମିଶି ସ୍ୱାମୀକୁ ମାରିଲା ସ୍ତ୍ରୀ

ଅମରାବତୀ, ୨୫।୬ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ରାଜା ରଘୁବଂଶୀଙ୍କୁ ସିଲଂରେ ହତ୍ୟା କରିବା ମାମଲାକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଛି। ଏଭଳି ସମୟରେ ଆନ୍ଧ୍ର ପ୍ରଦେଶରୁ ଏହାଠାରୁ ଜଘନ୍ୟ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ପ୍ରେମିକ ସହ ମିଶି ଗୁଣ୍ଡା ଲଗାଇ ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିଛି। ପରେ ମୃତଦେହକୁ କେନାଲରେ ଫୋପଡ଼ା ଯାଇଛି। କେନାଲରୁ ମୃତଦେହ ଉଦ୍ଧାର ହେବାର ଦିନକ ପରେ ପୁଲିସ ମାମଲାର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ଅଭିଯୁକ୍ତ ସ୍ତ୍ରୀ, ଶାଶୁ ଏବଂ ତିନି ଗୁଣ୍ଡାଙ୍କ ସମେତ ୮ ଜଣଙ୍କୁ ପୁଲିସ ଗିରଫ କରିଛି। ପରକୀୟାପ୍ରୀତି, ପ୍ରେମ, ଋଣ ପାଇଁ ଆଉ ଜଣେ ନିରୀହଙ୍କ ଜୀବନ ଚାଲିଯାଇଛି।

ସୂଚନା ଅନୁଯାୟୀ ମେ' ୧୮ ତାରିଖରେ କୁର୍ଣ୍ଣୁଲର ଐଶ୍ୱର୍ଯ୍ୟା (୨୩) ତେଲଙ୍ଗାନା ଗଡ଼ୱାଲର ଭୂ-ସର୍ବେକ୍ଷକ ତଥା ନୃତ୍ୟଶିଳ୍ପୀ ତେଜେଶ୍ୱର (୨୬)ଙ୍କୁ ବିବାହ କରିଥିଲେ। ତେଜେଶ୍ୱରଙ୍କୁ ସେ ଭଲ ପାଉଥିବା ନେଇ ବୁଝାଇବାରେ ସଫଳ ହୋଇଥିଲେ। କିନ୍ତୁ ଏହାର ମାସକ ପରେ ସ୍ୱାମୀ ନିଖୋଜ ହୋଇ ଯାଇଥିଲେ। ଏହା ପରେ ପୁଲିସ ତଦନ୍ତ କରି ଐଶ୍ୱର୍ଯ୍ୟା ଏବଂ ତାଙ୍କ ମାଆଙ୍କୁ ଗିରଫ କରିଥିଲା। ପୁଲିସ ସୂଚନା ଅନୁଯାୟୀ ଏକ ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ କର୍ପୋରେସନ (ଏନବିଏଫସି)ରେ ବିବାହିତ ବ୍ୟାଙ୍କ ମ୍ୟାନେଜର ତିରୁମାଲା ରାଓଙ୍କ ସହ ଐଶ୍ୱର୍ଯ୍ୟାଙ୍କ ପରକୀୟାପ୍ରୀତି ଥିଲା। ସେ ତାଙ୍କ ସହ ମିଶି ସ୍ୱାମୀଙ୍କୁ ମାରିବା ପାଇଁ ତିନି ଜଣଙ୍କୁ ଠିକ୍ କରିଥିଲେ। ଏହି ତିନି ଜଣ ଋଣ ନେବାକୁ ବ୍ୟାଙ୍କକୁ ଆସିଥିଲେ। କିନ୍ତୁ ୨ ଲକ୍ଷ ଟଙ୍କା ଅଗ୍ରୀମ ଏବଂ ଋଣ ପ୍ରତିଶ୍ରୁତ ଦେଇ ତେଜେଶ୍ୱରଙ୍କୁ ମାରିବାକୁ କହିଥିଲେ। ଐଶ୍ୱର୍ଯ୍ୟାଙ୍କ ମାଆ ସୁଜାତା ମଧ୍ୟ ସେହି ବ୍ୟାଙ୍କରେ ଝାଡୁଦାର ଭାବେ କାମ କରୁଥିଲେ। ସୁଜାତାଙ୍କ ସହ ମଧ୍ୟ ବ୍ୟାଙ୍କ ମ୍ୟାନେଜରଙ୍କ ଅବୈଧ ସମ୍ପର୍କ ଥିଲା। ବିବାହ ପୂର୍ବରୁ ମାଆଙ୍କ ଅନୁପସ୍ଥିତିରେ ସେହି ବ୍ୟାଙ୍କକୁ ଝିଅ କାମ କରିବାକୁ ଯାଉଥିଲେ। ସେଠାରେ ରାଓଙ୍କ ସହ ତାଙ୍କ ଚିହ୍ନା ପରିଚୟ ହୋଇଥିଲା। ଉଭୟେ ପରସ୍ପରକୁ ଭଲ ପାଇ ବସିଥିଲେ। ଐଶ୍ୱର୍ଯ୍ୟା ତାଙ୍କୁ ବାହା ହେବାକୁ ମଧ୍ୟ ଚାହୁଁଥିଲେ। କିନ୍ତୁ ଏଥିରେ ମାଆ ବାଧକ ସାଜିଥିଲେ। ପୂର୍ବରୁ ଫେବୃଆରୀ ୧୩ ତେଜେଶ୍ୱରଙ୍କ ସହ ତାଙ୍କ ବିବାହ ହୋଇଥାନ୍ତା। କିନ୍ତୁ ଝିଅ ନ ମଙ୍ଗିବାରୁ ବିବାହକୁ ମାଆ ଘୁଞ୍ଚାଇ ଦେଇଥିଲେ। ମାଆ ଯୌତୁକ ଦେବାକୁ ଅସମର୍ଥ କହି ତେଜେଶ୍ୱରକୁ ଐଶ୍ୱର୍ଯ୍ୟା ବୁଝାଇ ଥିଲେ। ଐଶ୍ୱର୍ଯ୍ୟାଙ୍କ ପରକୀୟାପ୍ରୀତି ବିଷୟରେ ଜାଣି ବି ସେ ବିନା ଯୌତୁକରେ ବାହାହେବାକୁ ରାଜି ହୋଇଥିଲେ। କିନ୍ତୁ ପରେ ସବୁ ବଦଳି ଗଲା।

୯ ବର୍ଷ ହେଲା ବାହା ହୋଇଥିବା ସତ୍ତ୍ୱେ ରାଓଙ୍କ କୌଣସି ପିଲାପିଲି ନ ଥିଲା। ତେଣୁ ସେ ଅନେକ ଥର ନିଜ ସ୍ତ୍ରୀକୁ ମାରିବାକୁ ମଧ୍ୟ ପ୍ରୟାସ କରିଥିଲେ। ଫେବୃଆରୀରୁ ଜୁନ୍ ମଧ୍ୟରେ ଐଶ୍ୱର୍ଯ୍ୟା ରାଓଙ୍କ ସହ ୨ ହଜାର ଥର କଥା ହୋଇଥିଲେ। ବୋହୁ ସବୁବେଳେ କଥା ହେଉଥିବା ଦେଖି ଶାଶୂ ଘର ଲୋକ ବିରୋଧ କରୁଥିଲେ। କିନ୍ତୁ ସେ ଏହାକୁ ନେଇ ଝଗଡା କରିଥିଲେ ଏବଂ ମା ସହ କଥା ହେଉଥିବା କହିଥିଲେ। ପରେ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଗତ ୧୮ ତାରିଖରେ ତେଜେଶ୍ୱର ନିଖୋଜ ହୋଇ ଯାଇଥିଲେ। ତାଙ୍କୁ ଗୁଣ୍ଡା ଜମି ସର୍ବେକ୍ଷଣ ନାମରେ କାରରେ ନେଇ ତଣ୍ଟି କାଟି ଏବଂ ମୁଣ୍ଡକୁ ବାଡେଇ ହତ୍ୟା କରିଥିଲେ।



ଭିଡିଓ ଏବଂ ଫଟୋ ରାଓଙ୍କ ପାଖକୁ ପଠାଇ କେନାଲରେ ଫୋପାଡ଼ି ଦେଇଥିଲେ। ଏହା ପରେ ରାଓ ଐଶ୍ୱର୍ଯ୍ୟାଙ୍କ ସହ ଲଦାଖ ପଳାଇବାକୁ ଯୋଜନା କରିଥିଲେ। କିନ୍ତୁ ଆନ୍ଧ୍ର ଏବଂ ତେଲଙ୍ଗାନା ପୁଲିସ ମାମଲାର ପର୍ଦ୍ଦାଫାସ କରିଥିଲା।

■ ରଥଖଳାରୁ...

## ତିନିରଥ ନିର୍ମାଣ ଶେଷ



ପୁରୀ,୨୫।୬(ସମିସ): ଦିନକ ପରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରଥଖଳାରେ ତିନିରଥ ନିର୍ମାଣ ଶେଷ ହୋଇଛି। ବୁଧବାର ତିନିରଥର ଠେକରାବାଡ଼ ବୁଲିବା ସହ ସଖୀଙ୍କୁ ସ୍ଥାପନ କରାଯାଇଛି। ସେହିପରି ନାଟଗୋଡ଼ ପାଖରେ ଦ୍ୱାରପାଳଙ୍କୁ ରଖାଯାଇଛି। ତିନିରଥର କନକମୁଣ୍ଡିରେ ପିତ୍ତଳ ସାମଗ୍ରୀ ଖଞ୍ଜାଯାଇ କନା ପକାଯାଇଛି। ଚିତ୍ରକର ସେବକମାନେ ତିନିରଥର ପ୍ରଭାରେ ରଙ୍ଗ କାମ ଶେଷ କରିଛନ୍ତି। ଏହାପରେ ପ୍ରଭା ଉଠିବ। ଭୋଇ ସେବକ ଏବଂ ମହାରଣା ସେବକ ମିଳିତ ଭାବେ ରଥ ଉପରକୁ ପ୍ରଭା ଉଠାଇବେ। ତିନିରଥର ବ୍ରେକ୍ କାମ ସରିବା ପରେ ସେଥିରେ ରଙ୍ଗ ମଧ୍ୟ ସରିଛି। କୋଠ ସୁଆଁସିଆ ସେବକମାନେ ରଥଗୁଡ଼ିକରେ କନା ପକାଇଛନ୍ତି। ଦରଜୀ ସେବକମାନେ ସାରଥି ପୋଷାକ, ବିଜେ ଚକା ପାଇଁ ବନାରସି ଜରି କନା ଖୋଳ ଏବଂ ଠାକୁରଙ୍କ ପିଠି, ମସ୍ତକ ପଶ୍ଚାତ ଭାଗ ପାଇଁ ଅପସର ତକିଆ ନିର୍ମାଣ କରିଛନ୍ତି।

## ୨୮ ରୁ ରତ୍ନଭଣ୍ଡାର ମରାମତି

ପୁରୀ,୨୫।୬(ସମିସ): ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ମୁଖ୍ୟ ପ୍ରଶାସକଙ୍କ ସହ ଏଏସ୍ଆଇର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ, ରତ୍ନଭଣ୍ଡାର ମରାମତି ଏବଂ ବାର୍ଷିକ ଯାଞ୍ଚ ବୈଠକର ମୁଖ୍ୟ ପ୍ରସଙ୍ଗ ରହିଥିଲା। ତେବେ ୨୭ ତାରିଖରେ ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଆଡ଼ପମଣ୍ଡପକୁ ଯାତ୍ରା କରିବେ। ତେଣୁ ୨୮ ତାରିଖରେ ଏଏସ୍ଆଇର ଉଚ୍ଚସ୍ତରୀୟ ଯୁଗ୍ମ କମିଟି ଶ୍ରୀମନ୍ଦିରର ବାର୍ଷିକ ଯାଞ୍ଚ କରିବ। ୨୮ରୁ ଜୁଲାଇ ୬ ତାରିଖ ମଧ୍ୟରେ ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଭିତର ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟତଃ ଶେଷ ହୋଇଯାଇଛି। ଏଏସ୍ଆଇ ସଂରକ୍ଷକ ଚିତ୍ତରଞ୍ଜନ ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାର ସହ ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ଯାଞ୍ଚ ହେବ। ଆସନ୍ତା ୨୮ରୁ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ଭିତର ରତ୍ନଭଣ୍ଡାରର ବାକି ଥିବା ସମସ୍ତ ମରାମତି କାର୍ଯ୍ୟ ଶେଷ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ବାକି ରହିଥିବା ଚଟାଣ କାର୍ଯ୍ୟ କରାଯିବା ସହ ବାହାର ରତ୍ନଭଣ୍ଡାରରେ ଷ୍ଟେନଲେସ୍ ବିମ୍ ଲଗାଯିବ। ଏଥିସହ ନଷ୍ଟ ହୋଇଥିବା ସମସ୍ତ ପଥର ମଧ୍ୟ ପରିବର୍ତ୍ତନ କରାଯିବ। ପୂର୍ବରୁ ଭିତର ରତ୍ନଭଣ୍ଡାରରେ ୯ଟି ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିମ୍ ଲାଗି ସାରିଥିବାବେଳେ ମୋଟ୍ ୨୭୭ ପଥର ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ୧୪୮ଟି ପଥର ଭିତର ରତ୍ନଭଣ୍ଡାରରେ ଲାଗିଛି। ସୂଚନାଥାଉ କି, ୨୦୨୪ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୪ ମାସ ମଧ୍ୟରେ ସମୁଦାୟ ୧୯୩ ଘଣ୍ଟା ୫ ମିନିଟ୍ କାର୍ଯ୍ୟ କରାଯାଇଛି।

## ଛାତ୍ରୀ, ମହିଳା ଅସୁରକ୍ଷିତ; ଗର୍ଜିଲା ଯୁବ ଓ ଛାତ୍ର ବିଜେଡି




■ କଲେଜ ଓ ବିଶ୍ୱ ବିଦ୍ୟାଳୟ ଆଗରେ ବିକ୍ଷୋଭ, ପ୍ଲାକାର୍ଡ ପ୍ରଦର୍ଶନ
■ ରାଜ୍ୟରେ ମହିଳା ଅସୁରକ୍ଷିତ, ସରକାର ଉତ୍ସବ ପାଳିବାରେ ବ୍ୟସ୍ତ
■ ଶାସନ ଗାଦିରେ ରହିବାର ନୈତିକ ଅଧିକାର ବିଜେପି ସରକାର ହରାଇ ବସିଛି
■ ସଫଳ ଆନ୍ଦୋଳନ ପାଇଁ ଧନ୍ୟବାଦ ଜଣାଇଲା ଯୁବ ଓ ଛାତ୍ର ସଂଗଠନ

ଭୁବନେଶ୍ୱର,୨୫।୬(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ନାରୀ ନିର୍ଯାତନା, ଦୁଷ୍କର୍ମ, ଅତ୍ୟାଚାର ଘଟଣା ବୃଦ୍ଧିକୁ ନେଇ ଆଜି ରାଜ୍ୟବ୍ୟାପୀ ଯୁବ ଓ ଛାତ୍ର ବିଜୁ ଜନତା ଦଳ ବ୍ୟାପକ ପ୍ରଦର୍ଶନ କରିଛି। ଉପକୂଳରୁ ଉପାନ୍ତ, ମାଲକାନଗିରିରୁ ମୟୂରଭଞ୍ଜ ଯାଏଁ ଯୁବ, ଛାତ୍ର ବିଜେଡିର କର୍ମକର୍ତ୍ତା ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନାରାବାଜି, ପ୍ଲାକାର୍ଡ ପ୍ରଦର୍ଶନ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାରୁ ଛାତ୍ରୀ ଓ ମହିଳାମାନେ ନିଜ ସୁରକ୍ଷିତ ମଣୁନାହାନ୍ତି। ଆଜି ଜଣେ ମହିଳା ଦିନ ଦ୍ୱିପ୍ରହରରେ ରାଜ୍ୟର କୌଣସି ସ୍ଥାନକୁ ନିର୍ଭୟରେ ଯିବାକୁ ଭୟ କରୁଛି। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ୩୦୫୪ରୁ ଊର୍ଦ୍ଧ୍ୱ ନାରୀ ନିର୍ଯାତନା ମାମଲା ରୁଜୁ ହେବା ଓ ପ୍ରତିଦିନ ୧୫ଜଣ ମହିଳା ଧର୍ଷଣ ଶିକାର ହେବା ବିଜେପି ସରକାରର ପାରିବା ପଣିଆକୁ ପଦାରେ ପକାଉଛି ବୋଲି ବିଜେଡି ନେତୃବୃନ୍ଦ ଅଭିଯୋଗ କରିଛନ୍ତି।

ପୂର୍ବ ଘୋଷଣା ଅନୁଯାୟୀ ବୁଧବାର ରାଜ୍ୟବ୍ୟାପୀ ବିଭିନ୍ନ ଅଞ୍ଚଳରେ ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇଥିଲେ। ଛାତ୍ର ବିଜେଡିର କର୍ମକର୍ତ୍ତା ଏବଂ ସମର୍ଥକମାନେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ନିଜର ପ୍ରତିବାଦ କରିଥିଲେ। ମୋହନ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ସେମାନେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ମଧ୍ୟ ଦାହ କରିଥିଲେ। ଛାତ୍ର ବିଜେଡି ନେତାଙ୍କ କ୍ଷୋଭ ଅନୁଯାୟୀ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ଆଜି ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ ହେଉଛି। ନିକଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡଭାଇଜରୀରେ ଓଡ଼ିଶା ସମେତ ଭାରତର ୬ଟି ରାଜ୍ୟକୁ ଯିବାକୁ ସେମାନଙ୍କ ନାଗରିକଙ୍କୁ ବାରଣ କରାଯାଇଛି। ଏହି ରାଜ୍ୟ ଗୁଡ଼ିକରେ ଅଧିକ ସଂଖ୍ୟାରେ ମହିଳାମାନେ ଦୁଷ୍କର୍ମର ଶିକାର ହେଉଥିବା ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଆମ ରାଜ୍ୟ ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ଓଡ଼ିଶାରେ ଦୈନିକ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଥିବା ବେଳେ ସଦ୍ୟସଦ୍ୟ ଗୋପାଳପୁରରେ ଜଣେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଏବଂ ବ୍ରହ୍ମପୁରରେ ଜଣେ ପୂର୍ବତନ ବିଜେପି ନଗର ସଭାପତିଙ୍କ ଦ୍ୱାରା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାକୁ ନିଶା ଦେଇ ଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଲଜ୍ଜା ଆଣିଛି। ମାତ୍ର ରାଜ୍ୟ ସରକାର ମହିଳା ସୁରକ୍ଷାକୁ ସୁନିଶ୍ଚିତ ନକରି ମିଛ ଉତ୍ସବରେ ମାତିଛନ୍ତି। ଏ ସରକାର ଶାସନ ଗାଦିରେ ରହିବାର ସମସ୍ତ ନୈତିକ ଅଧିକାର ହରାଇ ବସିଛନ୍ତି ବୋଲି ଛାତ୍ର ଓ ଯୁବ ବିଜେଡିର ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

ଅପରପକ୍ଷେ ଆନ୍ଦୋଳନକୁ ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନଙ୍କ ସମର୍ଥନ ଓ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲାର କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମରେ ସଫଳ ହୋଇଥିବାରୁ ସମସ୍ତଙ୍କୁ ରାଜ୍ୟ ଯୁବ ବିଜୁ ଜନତା ଦଳ ସଭାପତି ବ୍ୟୋମକେଶ ରାୟ ଓ ରାଜ୍ୟ ଛାତ୍ର ବିଜୁ ଜନତା ଦଳର ସଭାପତି ଦେବୀ ରଂଜନ ତ୍ରିପାଠୀ ଧନ୍ୟବାଦ ଜଣାଇଛନ୍ତି।

## ସଡ଼କ ଦୁର୍ଘଟଣାରେ କାକା-ପୁତୁରାଙ୍କ ମୃତ୍ୟୁ

ନୀଳଗିରି, ୨୫।୬ (ସମିସ): ସଡ଼କ ଦୁର୍ଘଟଣାରେ ଚାଲିଗଲା କାକା ପୁତୁରାଙ୍କ ଜୀବନ। ନୀଳଗିରି ଥାନା ନରସିଂହପୁର ପଞ୍ଚାୟତ ଗୋବରା ଗ୍ରାମର ହରେକୃଷ୍ଣ ମହାଳିକ (୩୨)ଙ୍କ ଆସନ୍ତା ଶୁକ୍ରବାର ବାହାଘର ହୋଇଥାନ୍ତା। ତେଣୁ ବୁଧବାର ଭୋର ପ୍ରାୟ ୪ଟା ୩୦ରେ ପୁତୁରା ଜ୍ୟୋତିଶଙ୍କର ମହାଳିକ (୨୦)ଙ୍କ ସହିତ ହରେକୃଷ୍ଣ ଏକ କାର୍‌ରେ ଶେରଗଡ଼ ଅଞ୍ଚଳରୁ ତାଙ୍କ ବନ୍ଧୁଙ୍କୁ ଆଣିବାକୁ ଯାଉଥିଲେ। ଶେରଗଡ଼ ନୀଳଗିରି ଝରଣାଘାଟି ଦେଇ ମୟୂରଭଞ୍ଜକୁ ସଂଯୋଗ କରୁଥିବା ୧୯ନଂ ରାଜ୍ୟ ରାଜପଥ ରାସ୍ତାର ନୀଳଗିରି ଏନ୍ଏସି ବାଲିଗୋହିରୀ ଛକ ନିକଟରେ ଶେରଗଡ଼ରୁ ନୀଳଗିରି ଅଭିମୁଖେ ଆସୁଥିବା ଏକ ଡମ୍ପର କାର୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହରେକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜ୍ୟୋତିଶଙ୍କର ମହାଳିକଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲକୁ ନେଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇ ଯାଇଛି। ଦୁର୍ଘଟଣା ଘଟିବା ସ୍ଥାନରେ ଉତ୍ତେଜନା ଦେଖା ଦେଇଥିଲା। ମୃତକଙ୍କ ପରିବାର ଓ ଗ୍ରାମବାସୀ ଶେରଗଡ଼-ନୀଳଗିରି- ଝରଣାଘାଟି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ନୀଳଗିରି ତହସିଲଦାର ସୋନମ୍ ଦାସ, ନୀଳଗିରି ଏସଡିପିଓ ପ୍ରମୋଦ ମଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପହଞ୍ଚି କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ନୀଳଗିରି ପୁଲିସ ଦୁର୍ଘଟଣାଗ୍ରସ୍ତ ଡମ୍ପର ଓ କାର୍‌କୁ ଜବତ କରିଛି।

ବ୍ରହ୍ମପୁର ନାବାଳିକା ଦୁଷ୍କର୍ମ ଘଟଣା

## ବିଜେପି ନେତାଙ୍କ କୁତ୍ସିତ ଚେହେରା ପଦାକୁ ଆସିଲା: ବିଜେଡି

ଭୁବନେଶ୍ୱର,୨୫।୬(ସମିସ): ରାଜ୍ୟରେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି। ଏହି ସମୟରେ ବ୍ରହ୍ମପୁରରେ ଜଣେ ବିଜେପି ନେତା ତଥା ପୂର୍ବତନ ବିଜେପି ନଗର ସଭାପତି ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାକୁ ନିଶା ଦେଇ ଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଲଜ୍ଜା ଆଣିଛି। ଏପରି ଘଟଣା ବିଜେପି ନେତାଙ୍କ କୁତ୍ସିତ ଚେହେରା ପଦାକୁ ଆଣିଛି ବୋଲି ବିଜେଡି କହିଛି।

ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ନାରୀ ସୁରକ୍ଷା ସ୍ଲୋଗାନ ଦେଇ ବିଜେପି ସରକାରକୁ ଆସିଲା ପରେ ରାଜ୍ୟର ମହିଳା ସମାଜ ଆଜି ସବୁଠୁ ଅଧିକ ଅସୁରକ୍ଷିତ । ଦଳର ଜଣେ ଆଗ ଧାଡ଼ିର ନେତାଙ୍କ ଦ୍ୱାରା ଏଭଳି ଏକ ଘୃଣ୍ୟ କାମ ପଦାକୁ ଆସିବା ପରେ ବିଜେପିର ଅସଲ ମୁଖା ଖୋଲି ଯାଇଛି। ନକଲି ଡ଼ାକ୍ତର ଭବାନୀ ପ୍ରସାଦ ଦାସ ବ୍ରହ୍ମପୁର ସହରରେ ବାଜପେୟୀ କ୍ଲିନିକ ନାମରେ ଏକ ନର୍ସିଂ ହୋମ ଚଳାଇ ଆସୁଥିଲେ। ପୂର୍ବରୁ ବିଜେପିର ବ୍ରହ୍ମପୁର ନଗର ସଭାପତି ଓ ବିଶ୍ୱ ହିନ୍ଦୁ ପରିଷଦ ଗଞ୍ଜାମ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ବର୍ତ୍ତମାନ ସେ ବିଜେପିର ଶ୍ରମିକ ସାମ୍ମୁଖ୍ୟର ଜିଲ୍ଲା ସଭାପତି ଅଛନ୍ତି। ନେତାଜଣଙ୍କ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନାବାଳିକାକୁ ନର୍ସିଂ ଟ୍ରେନିଂ କରାଇ ତାକୁ ନର୍ସ ଭାବେ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ତାକୁ ଆଣି ନିଜ ନର୍ସିଂ ହୋମରେ ରଖିଥିଲେ। ରାତିରେ ସେହି ନାବାଳିକାକୁ ନିଶା ଦେଇ ଦୁଷ୍କର୍ମ କରିଥିଲେ। ନାବାଳିକାଙ୍କ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ତାକୁ ଚପାଇ ଦେବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତ ଭବାନୀ ପ୍ରସାଦ ଦାସ ବିଜେପିର ଜଣେ ଆଗଧାଡ଼ିର କର୍ମକର୍ତ୍ତା ଅଟନ୍ତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଅଭିଯୁକ୍ତଙ୍କ ଫଟୋ ମଧ୍ୟ ରହିଛି। ଜିଲ୍ଲାର ଦୁଇ ଜଣ ମନ୍ତ୍ରୀ ଯଥା ଖଣି ମନ୍ତ୍ରୀ ବିଭୁତି ଜେନା ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହିତ ଅଭିଯୁକ୍ତଙ୍କ ଘନିଷ୍ଠତା ରହିଛି। ଅଭିଯୁକ୍ତ ଜଣକ ବହୁଦିନ ଧରି କ୍ଲିନିକ ଚଳାଇ ଆସୁଥିବାରୁ ପୂର୍ବରୁ ଅନେକ ଝିଅ ମାନଙ୍କ ସହିତ ମଧ୍ୟ ଏପରି କରିଥାଇ ପାରନ୍ତି ବୋଲି ସନ୍ଦେହ ଉପୁଜିଛି। ଏହାଛଡା ଏହି କ୍ଲିନିକ ମାଧ୍ୟମରେ ମହିଳା ଟ୍ରାଫିକିଙ୍ଗ ଓ ଅର୍ଗାନ ଟ୍ରାଫିକିଙ୍ଗ ହେଉଥିବାର ସନ୍ଦେହ ସୃଷ୍ଟି ହୋଇଛି। ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ସହିତ ଏ ଦିଗରେ ଅନୁସନ୍ଧାନ ପାଇଁ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ସେ କହିଛନ୍ତି ।



ସେ ପୁଣି କହିଛନ୍ତି ରାଜ୍ୟରେ ଦୁଷ୍କର୍ମ ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ଯୋଗୁ ମହିଳା ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ବିଜେଡି ପକ୍ଷରୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଣୁ ସାଜି ବସି ରହିଛନ୍ତି ଓ ଉତ୍ସବରେ ମାତିଛନ୍ତି। ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣା ଲୋକଲୋଚନଙ୍କୁ ଆସିବାରେ ଲାଗିଛି। ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟକୁ ଶନି ଓ ରାହୁ ଗ୍ରାସିଛନ୍ତି। ଗୋଟିଏ ଦାୟିତ୍ୱ ସଂପର୍ଣ୍ଣ ବିରୋଧୀ ଦଳ ଭାବେ ଆମେ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଉଛୁ, ମହିଳା ମାନଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ଉପଯୁକ୍ତ ପଦକ୍ଷେପ ନିଅ, ନଚେତ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ର ଉପସ୍ଥିତ ଥିଲେ।

■ ଦଳିତ ଓ ମହିଳା ନିର୍ଯାତନା ବୃଦ୍ଧି

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ




ଭୁବନେଶ୍ୱର,୨୫।୬(ସମିସ): ରାଜ୍ୟରେ ଦଳିତଙ୍କ ଉପରେ ଅମାନୁଷିକ ଆକ୍ରମଣ, ମହିଳା ନିର୍ଯାତନା ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଓଡ଼ିଆ ଅସ୍ମିତାର ଦୁରାବସ୍ଥା ଦର୍ଶାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଘେରାଉ କରିଛି ରାଜ୍ୟ ଯୁବ କଂଗ୍ରେସ। ଯୁବ କଂଗ୍ରେସକର୍ମୀମାନେ ରାଜମହଲ ଛକରୁ ଏକ ବିଶାଳ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଲାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏହାପରେ ପୋଲିସ ସମସ୍ତ ଯୁବ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ ଯୋଗେ ଉଠାଇନେଇଥିଲା। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ଭାବରେ ଭୁଷୁଡ଼ି ପଡ଼ିଛି। ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ସମ୍ପ୍ରଦାୟର କିନ୍ତୁ ଆଜିର ଦିନରେ ରାଜ୍ୟରେ ଦଳିତ ଏବଂ ଆଦିବାସୀମାନେ ସଂପୂର୍ଣ୍ଣ ଭାବରେ ଅସୁରକ୍ଷିତ। ଗୋପାଳପୁର ଠାରେ ଯେଉଁଭଳି ଭାବରେ ଗଣଦୁଷ୍କର୍ମ ଘଟିଲା ଏହା ରାଜ୍ୟର ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା କେନ୍ଦୁଝରରେ ଦୁଷ୍କର୍ମକରି ଜଣେ ମହିଳାଙ୍କୁ ଗଛରେ ଟାଙ୍ଗି ଦିଆଗଲା। ଯଦି ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ନାରୀମାନେ ଅସୁରକ୍ଷିତ ତାହାଲେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନାର ନାମକରଣ କ'ଣ ପାଇଁ କରିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଗଞ୍ଜାମ ଜିଲ୍ଲାର ଧରାକୋଟ ଥାନା ଅନ୍ତର୍ଗତ ସିଙ୍ଗପୁର ଗ୍ରାମରେ ଦଳିତ ବ୍ୟକ୍ତିମାନଙ୍କୁ ଯେଉଁଭଳି ଭାବରେ ଅମାନୁଷିକ ଭାବେ ନିର୍ଯାତନା ଦେଇ ସେମାନଙ୍କୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଆଣ୍ଠେଇକି ଯିବାକୁ ବାଧ କରାଗଲା ଏହା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। କଥାକଥିତ ଗୋରକ୍ଷକ ସଂଗଠନ ସେମାନଙ୍କୁ ଗୋଚାଲାଣକାରୀ ଆଖ୍ୟା ଦେଇ ବଟି ମାଗିଦେଇଥିଲେ। ସେମାନେ ବଟି ଦେବାପାଇଁ ମନା କରିଦେବାରୁ ସେମାନଙ୍କୁ କଥାକଥିତ ଗୋ ରକ୍ଷକ ସଂଗଠନର ସଭ୍ୟମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ସେହି ନିର୍ଯ୍ୟାତିତ ଦଳିତ ପରିବାର ପାଖକୁ ଯାଇନାହାନ୍ତି। ସୁତରାଂ ମୋହନ ସରକାର ଏକ ଦଳିତ ବିରୋଧି ସରକାର ବୋଲି ପ୍ରମାଣିତ ହୋଇଥିବା ଶ୍ରୀ ପାତ୍ର କହିଛନ୍ତି। ଦିଲ୍ଲୀରୁ ରିମୋଟକ୍ରଣ୍ଟୋଲରେ ଏ ସରକାର ଚାଲିଛି। ଏଥିରୁ ସ୍ପଷ୍ଟ ଯେ ବିଜେପିର ଓଡ଼ିଆ ଅସ୍ମିତାର ଆହ୍ୱାନ ଏକ ପ୍ରହସନରେ ପରିଣତ ହୋଇଛି। ଗୃହ ବିଭାଗକୁ ଚଳାଇବାପାଇଁ ଅକ୍ଷମ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଯୁବ କଂଗ୍ରେସ ଦାବି କରିଛି।

## 'ଷ୍ଟପ୍ ଡାଇରିଆ'ରେ ଫୁଲ୍‌ଷ୍ଟପ୍

■ ରାଜ୍ୟବାସୀଙ୍କୁ ପୁଣି ଡରାଇଲାଣି ଝାଡ଼ାବାନ୍ତି
■ ସଚେତନତା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ଫୁରସତ୍ ନାହିଁ
■ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ଅନିୟମିତତା

ଭୁବନେଶ୍ୱର, ୨୫।୬(ସମିସ): ଜୁନ୍ ପ୍ରଥମ ସପ୍ତାହରେ ଯାଜପୁରରେ ଝାଡ଼ାବାନ୍ତି ବ୍ୟାପିଲା। ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ୍‌ପଣ ଓ ଅଦୂରଦର୍ଶିତା ଯୋଗୁଁ ଦିନ କେଇଟା ଭିତରେ ଅଧା ଓଡ଼ିଶାକୁ ମାଡ଼ିଗଲା। ଅତିକମ୍‌ରେ ୨୩ ଜଣଙ୍କ ଜୀବନ ନେଲା ଝାଡ଼ାବାନ୍ତି। ଏଥିରେ ଶହ ଶହ ଲୋକ ଆକ୍ରାନ୍ତ ହେଲେ। ହେଲେ ବର୍ଷପୂର୍ତ୍ତି ଉତ୍ସବରେ ରାଜ୍ୟ ସରକାର ଏମିତି ମାତିଲେ ଯେ ଏହାକୁ ବିଶେଷ ଗୁରୁତ୍ୱ ଦେଲେନାହିଁ। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଚେଇଁଲେ ସରକାର। ଝାଡ଼ାବାନ୍ତି କାହିଁକି ବ୍ୟାପୁଛି? ସଂକ୍ରମଣ କାରଣ ଖୋଜିବାକୁ ଲାଗିଲେ, କିନ୍ତୁ ପାଇଲେନି। ଶେଷରେ କେନ୍ଦ୍ରରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଦଳ ଆସି ଅନୁଧ୍ୟାନ କଲେ। ଦୂଷିତ ପାଣି ଓ ବିଷାକ୍ତ ଖାଦ୍ୟରୁ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡ଼ିଲା। ଏଥିପାଇଁ ଜନସଚେତନତା ସୃଷ୍ଟି କରିବା ପାଇଁ ଗତ ଜୁନ୍ ୧୬ ତାରିଖରେ ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ 'ଷ୍ଟପ୍ ଡାଇରିଆ' ଅଭିଯାନ ଆରମ୍ଭ କରିଥିଲେ। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ତୃଣମୂଳସ୍ତରରୁ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା। ମାତ୍ର ଏହାକୁ ଯେଉଁଭଳି ଢଙ୍ଗରେ କାର୍ଯ୍ୟକାରୀ କରାଯିବା କଥା, ସେତିକି କରାଯାଉନି। ଫଳରେ ପୁଣି ଡରାଇଲାଣି ଝାଡ଼ାବାନ୍ତି।

ଝାଡ଼ାବାନ୍ତି ପରିସ୍ଥିତିରୁ ରାଜ୍ୟ ସରକାର କିଛି ଶିଖିଲେ ନାହିଁ। ଅଙ୍ଗନବାଡ଼ି, ଆଶାକର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରିଦେଇ ସ୍ୱାସ୍ଥ୍ୟ ବିଭାଗ ଚୁପ୍ ବସିଯାଇଛି। ହେଲେ ଏମାନେ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ଥିବାରୁ ଲୋକଙ୍କୁ ସଚେତନତା କରିପାରୁ ନ ଥିବା ପରୋକ୍ଷରେ ସ୍ୱୀକାର କରିଛନ୍ତି। ତେଣୁ ପୁନର୍ବାର ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା ସୃଷ୍ଟି ହେଉଛି। ସେହିଭଳି ଜଳ ଉତ୍ସ ଗୁଡ଼ିକୁ ପରିଷ୍କାର କରିବା ଦିଗରେ ମଧ୍ୟ ଅବହେଳା କରାଯାଉଛି। ଦୁର୍ଗାପୂଜା ପର୍ଯ୍ୟନ୍ତ ଡାଇରିଆ ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ ହେଁ ଏବେଠାରୁ ଢିଲାପଣ ଆଗକୁ ଆହୁରି ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି।

ହାତ ଧୋଇବା, ପରିଚ୍ଛନ୍ନତା ନିୟମ ପାଳନ କରିବା, ସୁଷମ ଖାଦ୍ୟ ଖାଇବା, ନିରାପଦ ପାଣି ପିଇବା, ଜଳ ଉତ୍ସକୁ ବିଶୋଧିତ ରଖିବା ବାହାରେ ମଳତ୍ୟାଗ ନ କରିବା ଆଦି ଅଭ୍ୟାସ ଦ୍ୱାରା ଡାଇରିଆ ରୋଗର ପ୍ରତିରୋଧ ହୋଇପାରିବ। ତୃଣମୂଳସ୍ତରରେ ଏସବୁ ଦିଗକୁ ଧ୍ୟାନ ଦେଇ ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର, କମ୍ୟୁନିଟି ସେଣ୍ଟର ଓ ଆରୋଗ୍ୟ ମନ୍ଦିରମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ ପ୍ୟାକେଟ, ଜିଙ୍କ୍ ଟାବଲେଟ୍ ଓ ଔଷଧ ମହଜୁଦ ରଖାଯାଇଥିବା କୁହାଯାଉଛି। ମାତ୍ର ଏହା ଲୋକଙ୍କ ପାଖରେ ପହଞ୍ଚିପାରୁନି। ସହରାଞ୍ଚଳ ନିକଟରେ ଥିବା କିଛି ସ୍ଥାନରେ ଏସବୁ ଠିକ୍ ଭାବେ ପହଞ୍ଚୁଥିବା ବେଳେ ରାଜ୍ୟର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଏସବୁ ସାମଗ୍ରୀ ପହଞ୍ଚିପାରୁନଥିବା ଅଭିଯୋଗ ହେଉଛି। ସହରାଞ୍ଚଳରେ କାର୍ଯ୍ୟରତ ସମସ୍ତ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଏଏନ୍ଏମ୍, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟ କରୁଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହେଉଛି। ବିଶେଷକରି ଆରମ୍ଭରୁ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ କୁହାଯାଇଥିଲା। ମାତ୍ର ତାହା କରିବା ସମ୍ଭବପର ନୁହେଁ ବୋଲି ସ୍ୱାସ୍ଥ୍ୟକର୍ମୀମାନେ କହିଛନ୍ତି। ସେମାନଙ୍କ କହିବାନୁସାରେ, ଟିକାକରଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ କାମରେ ଆମକୁ ନିୟୋଜିତ କରାଯାଉଛି। ତେଣୁ ପ୍ରତ୍ୟେକ ଅଞ୍ଚଳକୁ ଯିବା ଆମ ପାଇଁ ସମ୍ଭବ ହେଉନି। ତା'ପରେ ଲୋକମାନଙ୍କୁ ନିରାକରଣ ନେଇ ବୁଝାଇବା ପାଇଁ ସମୟର ଆବଶ୍ୟକତା ରହିଛି। ହେଲେ ଆମ ପାଖରେ ଅନ୍ୟାନ୍ୟ କାମ ଥିବାରୁ ଏହା ସମ୍ଭବ ହେଉନି ବୋଲି ସ୍ୱାସ୍ଥ୍ୟ କର୍ମୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଉଲ୍ଲେଖଥାଉ କି, ଓଡ଼ିଶାରେ ଡାଇରିଆ ଇତିହାସ ବେଶ୍ ପୁରୁଣା। ଏହି ଜଳବାହିତ ରୋଗ ଅତୀତରେ ରାଜ୍ୟରେ ମହାମାରୀ ଭଳି ପରିସ୍ଥିତି ସୃଷ୍ଟି କରୁଥିଲା। ମାତ୍ର ପୂର୍ବ ସରକାରଙ୍କ ତୃଣମୂଳସ୍ତରରେ ସଚେତନତା ହିଁ ଏହାକୁ ରୋକିପାରିଥିଲା। ଏଥିସହ ପୂର୍ବ ସରକାର ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ବିଶେଷ ଗୁରୁତ୍ୱ ଦେଉଥିଲେ। ତେଣୁ ଗ୍ରାମାଞ୍ଚଳ ଗୁଡ଼ିକରେ ଏକାଧିକ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରିଥିଲେ। ହେଲେ ନୂଆ ସରକାର ଆସିବା ପରେ ଏହି ପ୍ରକଳ୍ପ କାର୍ଯ୍ୟକୁ ଏକପ୍ରକାର ବନ୍ଦ କରି ଦେଇଛନ୍ତି। ଫଳସ୍ୱରୂପ ଲୋକମାନଙ୍କ ପାଖରେ ସ୍ୱଚ୍ଛ ପିଇବା ପାଣି ପହଞ୍ଚିପାରୁନି। କେବଳ ନଳକୂପ ଓ କୁଅରେ ବ୍ଲିଚିଂ ଆଦି ପକାଇ ଦେଇ ସରକାର ନିଜର ଦାୟିତ୍ୱ ସାରି ଦେଉଛନ୍ତି। ସ୍ଥାୟୀଭାବେ ସୁଦ୍ଧା ଜଳଯୋଗାଣ ଉପରେ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ତରଫରୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ବେଗରେ ଶେଷ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ବର୍ଷକୁ ୨ଥର ହେବ ସିବିଏସ୍‌ଇ ଦଶମ ପରୀକ୍ଷା

■ ପ୍ରଥମ ପରୀକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ
■ ଅଧିକ ନମ୍ବର ଲାଗି ଦ୍ୱିତୀୟଟି ହେବ ଇଚ୍ଛାଧୀନ

ଭୁବନେଶ୍ୱର,୨୫।୬(ସମିସ): ବର୍ଷକୁ ଦୁଇଥର ହେବ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ଦଶମ ପରୀକ୍ଷା। ଚଳିତ ଶିକ୍ଷାବର୍ଷରୁ ଏହା ଲାଗୁ ହେବ। ଫେବୃଆରୀରେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ହେବ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ମଇ ମାସରେ କରାଯିବ। ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସ୍ୱୟମ୍ ଭରଦ୍ୱାଜ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ଯେ ପିଲାଙ୍କ ମୁଣ୍ଡରୁ ପରୀକ୍ଷା ଚାପ ହ୍ରାସ କରିବାକୁ ଏହି ପଦକ୍ଷେପ ନିଆଯାଇଛି। ଫେବୃଆରୀ ମଧ୍ୟଭାଗରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପରୀକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଓ ଏହାର ଫଳ ଏପ୍ରିଲରେ ପ୍ରକାଶ ପାଇବ। ଯେଉଁ ପିଲାଙ୍କ ମାର୍କ କମ୍ ରହିଥିବ, ସେମାନେ ନମ୍ବର ସୁଧାର ପାଇଁ ମେ' ମାସରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଦେଇ ପାରିବେ। ଏହାର ପରୀକ୍ଷା ଫଳ ଜୁନ୍ ରେ ବାହାରିବ। ଯେଉଁ ପରୀକ୍ଷାରେ ଅଧିକ ନମ୍ବର ରହିବ, ତାକୁ ଚୂଡାନ୍ତ ମାର୍କ ଭାବେ ଗ୍ରହଣ କରାଯିବ। ଅପରପକ୍ଷରେ ଇଣ୍ଟରନାଲ୍ ପରୀକ୍ଷା କେବଳ ଥରେ ଓ ପ୍ରଥମ ପରୀକ୍ଷା ପୂର୍ବରୁ ହେବ ବୋଲି ସ୍ପଷ୍ଟ କରାଯାଇଛି।

ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ନୂତନ ପଦକ୍ଷେପ ପିଲାଙ୍କୁ ଚାପମୁକ୍ତ କରିବ। କୌଣସି କାରଣରୁ ପରୀକ୍ଷା ଖରାପ ହେଲେ ପୂର୍ବରୁ ପିଲାମାନଙ୍କୁ ବର୍ଷଟିଏ ଅପେକ୍ଷା କରିବାକୁ ପଡୁଥିଲା। ମାତ୍ର ତ୍ୱରିତ ପରୀକ୍ଷା ହେଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାବର୍ଷ ନଷ୍ଟ ହେବ ନାହିଁ। ଏହି ସଂଶୋଧନ ପାଇଁ ଗତ ଫେବୃଆରୀ ମାସରେ ଡ୍ରାଫ୍ଟ ନୋଟ୍ ଜାରି କରାଯାଇ ସମସ୍ତଙ୍କ ମତାମତ ଲୋଡ଼ାଯାଇଥିଲା। ବହୁ ମତକୁ ଅନୁଶୀଳନ କଲାପରେ ନୂତନ ନିଷ୍ପତ୍ତିକୁ ଅନୁମୋଦନ କରାଯାଇଛି ବୋଲି ପରୀକ୍ଷା ନିୟନ୍ତ୍ରକ ଶ୍ରୀ ଭରଦ୍ୱାଜ କହିଛନ୍ତି।

# କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଭୂମିପୂଜା

ତାଳଚେରସଦର, ୨୫।୬(ସମିସ)



ରାମଚନ୍ଦ୍ର ବଜାର ନିକଟ ସୌଭାଗ୍ୟ ସାଗର ପୋଖରୀ ପାଖରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଭୂମିପୂଜା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ତାଳଚେର ପୌରାଧ୍ୟକ୍ଷ ପବିତ୍ର ଭୂତିଆ ଯୋଗଦେଇ ଭୂମିପୂଜା କରିଥିଲେ। ଏହି କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ବିଶେଷ କରି ୮ ଓ ୯ ନମ୍ବର ୱାର୍ଡବାସୀ ସମେତ ଏହା ସଂଲଗ୍ନ ୱାର୍ଡର ଲୋକେ ଉପକୃତ ହେବେ ବୋଲି ପୌରାଧ୍ୟକ୍ଷ ଭୂତିଆ ପ୍ରକାଶ କରିଥିଲେ। କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ବେଳେ ପୌରାଧ୍ୟକ୍ଷ ଭୂତିଆଙ୍କ ଉଦ୍ୟମରେ ଏହା ସାକାର ହେବାକୁ ଯାଉଥିବାରୁ ସାଧାରଣରେ ତାଙ୍କୁ ପ୍ରଶଂସା କରାଯାଇଛି। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ହେବ ବୋଲି ସୂଚନା ମିଳିଛି। ଭୂମିପୂଜନ କାର୍ଯ୍ୟକ୍ରମରେ ୯ ନମ୍ବର ୱାର୍ଡ କାଉନସିଲର ମମତା ରାଉତ, ୮ ନମ୍ବର ୱାର୍ଡ କାଉନସିଲର ସନ୍ତୋଷ ବେହେରା, ୪ ନମ୍ବର ୱାର୍ଡ କାଉନସିଲର ଜଗନ୍ନାଥ ଗଡ଼ନାୟକ, ବଜାର କମିଟି ସଭାପତି ସୁଧୀର ପଟ୍ଟନାୟକ, ପଞ୍ଚାନନ ସାହୁ, ତପନ କୁମାର ମହାରଣା, ଭାଗ୍ୟରଥି ମହାପାତ୍ର, ଲଳିତ ବଲ୍ଲଭ ରାଉତ ପୌର ଯନ୍ତ୍ରୀ ଗୋଲେଖ ସାହୁ, ଆସିଷ୍ଟାଣ୍ଟ ଯନ୍ତ୍ରୀ ପ୍ରଣତି ନନ୍ଦ, ଇଂ ଶଶାଙ୍କ ଶେଖର ନାୟକ, ପଦ୍ମିନୀ ବାରିକ, ସତ୍ୟଭାମା ଦାସଙ୍କ ସମେତ ବହୁ ଜନସାଧାରଣ ଓ ବଜାର କମିଟି ସଦସ୍ୟ ଉପସ୍ଥିତ ଥିଲେ। ବଜାରର ପୁରୁଣା ଦୋକାନ ଗୃହ ଭଙ୍ଗାଯାଇ ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଏହି ଅବସରରେ ପୌରାଧ୍ୟକ୍ଷ ଭୁତିଆ ସୂଚନା ଦେଇଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ହିନ୍ଦୋଳ, ୨୫।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ହିନ୍ଦୋଳର ୨୩ରୁ ଊର୍ଦ୍ଧ୍ୱ ସରପଞ୍ଚ ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟଙ୍କ ସହ ଶତାଧିକ ଜନସାଧାରଣ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ହିନ୍ଦୋଳ ବ୍ଲକ ଓଡ଼ାପଡ଼ା ବ୍ଲକ ଓ ହିନ୍ଦୋଳ ବ୍ଲକ ସମେତ ହିନ୍ଦୋଳ ଏନଏସିକୁ ନେଇ ଗଠିତ। ହିନ୍ଦୋଳ ଉପଖଣ୍ଡର ମଧ୍ୟସ୍ଥଳ ସାତମାଇଲଠାରୁ ଖଜୁରିଆକଟା ମଧ୍ୟରେ କମ ଦୂରତା ମଧ୍ୟରେ ଡାକ୍ତରଖାନା, ଦମକଳ କେନ୍ଦ୍ର, ଥାନା ରହିଥିବା ବେଳେ ଗମନାଗମନର ସୁବିଧା ରହିଛି। ଏହି ଅଞ୍ଚଳରେ ବିଦ୍ୟାଳୟ ସ୍ଥାପନ ହେଲେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭକରି ଅଭିଭାବକ ପର୍ଯ୍ୟନ୍ତ ସମସ୍ତେ ସୁରୁଖୁରୁରେ ବିଦ୍ୟାଳୟକୁ ଆସିପାରିବେ। ହିନ୍ଦୋଳ ଉପଖଣ୍ଡର ୮୦ ପ୍ରତିଶତ ଲୋକଙ୍କ ସୁବିଧା ପାଇଁ କେନ୍ଦ୍ରସ୍ଥଳରେ ବିଦ୍ୟାଳୟ ସ୍ଥାପନ କରିବାକୁ ଦଳମତ ନିର୍ବିଶେଷରେ ସମସ୍ତେ ଦାବି କରିଛନ୍ତି।



**• ଶୁକ୍ରବାର ରଥଯାତ୍ରା**

## ବଜରଙ୍ଗ କ୍ଲବ୍ ଦ୍ୱାରା ବଡ଼ଦାଣ୍ଡ ସଫେଇ

ଢେଙ୍କାନାଳ, ୨୫।୬(ସମିସ): ଢେଙ୍କାନାଳ ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ ତରଫରୁ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡ ସଫେଇ କରାଯାଇଛି। କର୍ମକର୍ତ୍ତାମାନେ ଝାଡ଼ୁ ମାରି ସଫା କରିବା ସହ ପାଣିରେ ଧୋଇଥିଲେ। ପରେ ରଙ୍ଗୋଲି ଓ ଝୋଟି ପକାଯାଇ ଠାକୁରଙ୍କ ପହଣ୍ଡି ଯାତ୍ରାକୁ ଆକର୍ଷଣୀୟ କରାଯିବ। ଏହି ସଫେଇ କାର୍ଯ୍ୟକ୍ରମରେ କ୍ଲବର ସନ୍ଦୀପ ଷଡ଼ଙ୍ଗୀ, ସଞ୍ଜୀବ ପଣ୍ଡା, ସଞ୍ଜୟ ଭଞ୍ଜ, ରାଜେଶ ପରିଡ଼ା, ନବୀନ ରେଡ୍ଡୀ, ତୋଫାନ ଭଞ୍ଜ, ଛୋଟୁ ମହାପାତ୍ର ଓ ପାକଲ୍ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକଙ୍କ ଗସ୍ତ



ଢେଙ୍କାନାଳ, ୨୫।୬(ସମିସ): ଉତ୍ତରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ କଲ୍ୟାଣୀ ଦାସ ଢେଙ୍କାନାଳ ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ସୋମବାରଠାରୁ ସେ ୨ ଦିନିଆ ଗସ୍ତରେ ଆସି ଜିଲ୍ଲା କାର୍ଯ୍ୟାଳୟ ଓ ସମସ୍ତ ସୂଚନା କେନ୍ଦ୍ରର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇ ଅଫିସ କାର୍ଯ୍ୟର ସୁପରିଚାଳନା ନିମନ୍ତେ କର୍ମଚାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ସମାଜସେବୀ ନୃସିଂହ ରଥଙ୍କ ପରଲୋକ

ଢେଙ୍କାନାଳ, ୨୫।୬(ସମିସ): ଢେଙ୍କାନାଳ ସହର ମୁକ୍ତାଦେଇପୁର ଶାସନ ନିବାସୀ ନୃସିଂହ ରଥଙ୍କ ୮୫ ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଜଣେ ସମାଜସେବୀ ତଥା ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ୱର୍ଗତ ରଥଙ୍କ ପୁତୁରା ଅନୁଗୋଳ ଜିଲ୍ଲା ଜଜ୍ ଦାମୋଦର ରଥ, ମୁକ୍ତାଦେଇପୁର ଶାସନ ମହାଜନ ମହାସଭା ସଭାପତି ଶଶିମଉଳି ରଥ, ସମ୍ପାଦକ ଆଇନଜୀବୀ ଶିବସାଇ ମହାପାତ୍ର, ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ପାତ୍ର, ଆଇନଜୀବୀ ଗଣେଶ୍ୱର ରଥ, ଦେବାଶିଷ ମିଶ୍ର, ଆଲୋକ ରଥ, ଏମ୍‌ସିସି ସଭାପତି ତ୍ରୈଲୋକ୍ୟ ମୋହନ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ସ୍ୱର୍ଗତ ରଥଙ୍କ ସହଧର୍ମିଣୀ ଚନ୍ଦ୍ରମଣି ରଥ, ସାନପୁଅ ବିରଞ୍ଚି ନାରାୟଣ ରଥଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ସୁଆଗିଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଗୌରୀଶଙ୍କର ରଥ ମୁଖାଗ୍ନି ଦେଇଥିଲେ।



# ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ଆଚାର୍ଯ୍ୟ କର୍ମଶାଳା

ନାଲକୋ ନଗର, ୨୫।୬(ସମିସ): ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ମଧ୍ୟ ସମ୍ଭାଗ ତତ୍ତ୍ୱାବଧାନରେ ଜୁନ ୨୩ରୁ ତିନିଦିନ ଧରି ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଶିକ୍ଷାବିକାଶ ସମିତି ସମ୍ପାଦକ ଡ. ସରୋଜ କୁମାର ହାତୀ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ କର୍ମଶାଳାର ଉଦ୍ଦେଶ୍ୟ କଥନ କରିଥିଲେ। ବିଦ୍ୟାଳୟଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁକ୍ତଦୁଇ ଏବଂ ଦଶମ ଶ୍ରେଣୀରେ ଏ-୧ ଗ୍ରେଡ୍‌ରେ ପାସ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତା ଡ. ସରୋଜ କୁମାର ହାତୀ ଶତାବ୍ଦୀର ପଞ୍ଚ ପରିବର୍ତ୍ତନର କ୍ରିୟାନ୍ୱୟନରେ ଆମ ଭୂମିକା ତଥା ଯୁଗୋପଯୋଗୀ ଶିକ୍ଷାର ବାର୍ତ୍ତା ଦେଇଥିଲେ। ଶିକ୍ଷାବିକାଶ ସମିତି ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ 'ପରିବର୍ତ୍ତନ ଆମ ଲକ୍ଷ୍ୟ-ପଞ୍ଚପଦୀ ଶିକ୍ଷଣ ପଦ୍ଧତି' ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଦୈନନ୍ଦିନ ଜୀବନରେ ଗୀତା ବିଷୟରେ ସାରା ଜଗତକୁ ଶାନ୍ତିର ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚିନାରାୟଣ ମହାପାତ୍ର, ଗଣେଶ୍ୱର ପାତ୍ର, ପ୍ରାନ୍ତ ସଙ୍ଗୀତ ପ୍ରମୁଖ ଜିତେନ୍ଦ୍ର କୁମାର ପଣ୍ଡା, ପ୍ରାନ୍ତ ଶିଶୁବାଟିକା ପ୍ରମୁଖ ପି. ମୋହନରାଓ ପାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଡା. ସୁଧାକର ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଏନଟିପିସି ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ ଶିକ୍ଷାକ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ବିଷୟରେ ଶିକ୍ଷାଦାନ କରିଥିଲେ। ଅନୁଗୋଳ ବିଇଡି କଲେଜ ଅଧ୍ୟାପିକା ପ୍ଲାବନୀ ବଳ ଜାତୀୟ ଶିକ୍ଷାନୀତି କିପରି ଶ୍ରେଣୀଗୃହରେ କାର୍ଯ୍ୟକାରୀ ହୋଇପାରିବ ସେ ବିଷୟରେ ଶିକ୍ଷାଦାନ କରିଥିଲେ। ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ ଯୁଗାନୁକୂଳ ବିଦ୍ୟାଳୟ ଉପରେ ଆଲୋକପାତ କରିଥିଲେ। କଲ୍ୟାଣୀ ମହାନ୍ତି, ସୁଶାନ୍ତ କୁମାର ତ୍ରିପାଠୀ, ଚନ୍ଦ୍ରଶେଖର ବେହେରା, ବ୍ରହ୍ମାନନ୍ଦ ସାହୁ, ଶ୍ରୀବତ୍ସ କୁମାର ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପଧ୍ୟକ୍ଷା ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




# ବନ୍ତୋଲ ପଞ୍ଚାୟତ: ମନରେଗା କାର୍ଯ୍ୟରେ ମହାଦୁର୍ନୀତି

ତାଳଚେରସଦର, ୨୫।୬(ସମିସ): ତାଳଚେର ବ୍ଲକ ବନ୍ତୋଲ ପଞ୍ଚାୟତ ବନ୍ତୋଲ ଗ୍ରାମରେ ମାନରେଗା ଯୋଜନାରେ ମହାଦୁର୍ନୀତି ହୋଇଥିବା ତାଳଚେର ବିଡିଓଙ୍କୁ ଗ୍ରାମ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। କମିଟି ସଦସ୍ୟମାନେ ବିଡିଓଙ୍କୁ ଭେଟି ଏହାର ତଦନ୍ତ ଦାବି କରିଛନ୍ତି। ମନରେଗା ଯୋଜନାରେ ଗ୍ରାମରେ ହୋଇଥିବା ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଗ୍ରାମବାସୀଙ୍କ ନିଜସ୍ୱ ଉଦ୍ୟମରେ ଏନ୍‌ଟିପିସି/ଟିଟିପିଏସ୍‌ରୁ ମାଟି ଓ ମେସିନ ଆଣି କରାଯାଇଥିଲେ ହେଁ ପଞ୍ଚାୟତ ଅଧିକାରୀ ଓ ସରପଞ୍ଚ ଏହି କାର୍ଯ୍ୟ ମନରେଗା ଯୋଜନାରେ ହୋଇଥିବା ଦର୍ଶାଇ ୩ ଲକ୍ଷରୁ ଅଧିକ ଟଙ୍କା ଉଠାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ବନ୍ତୋଲ ସରକାରୀ ଘାଇରୁ ବଛୋଇ ହତାର ଉନ୍ନତୀକରଣ କାର୍ଯ୍ୟ ଆଦୌ ହୋଇ ନ ଥିବା ସତ୍ତ୍ୱେ ମିଥ୍ୟା ବିଲ୍ କରାଯାଇ ସରକାରୀ ଅର୍ଥ ଆତ୍ମସାତ ହୋଇଛି। ସୂଚନାଯୋଗ୍ୟ ଏହି କାର୍ଯ୍ୟ ଘଣ୍ଟାପଡ଼ା ମୌଜା ଅଧୀନରେ ନିର୍ମିତ କରାଯାଇଥିବା ଫଳକରେ ଉଲ୍ଲେଖ ଅଛି। ବନ୍ତୋଲ ଗ୍ରାମ ବରଗାଡ଼ିଆ ପୋଖରୀ ଓ ଚେପଟିବନ୍ଧ ଅମୃତ ଯୋଜନାରେ ସାମିଲ କରାଯାଇ କାମ ହୋଇଥିଲେ ମଧ୍ୟ ଅଧପନ୍ତରିଆ ରହିଛି। ଗ୍ରାମବାସୀ ଏ ସମ୍ବନ୍ଧରେ ସରପଞ୍ଚ ଓ ବ୍ଲକରେ ଜଣାଇଥିଲେ ହେଁ କେହି କୌଣସି ଉତ୍ତର ହେଉ ନ ଥିବା ଗ୍ରାମ କମିଟି ପ୍ରକାଶ କରିଛି। ଏ ସମସ୍ତ ତଥ୍ୟ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମ କମିଟି ପକ୍ଷରୁ ଦାବି କରାଯାଇଛି। ଏ ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମ କମିଟି ସଭାପତି ମିହିର କୁମାର ରଥ, ସମ୍ପାଦକ ସୁରେଶ ଚନ୍ଦ୍ର ରଥ, ସମିତି ସଭ୍ୟା ଅମ୍ରିତା ପାଣି, ନାଏବ ସରପଞ୍ଚ ବିଶ୍ୱଜିତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

**• ବିଡିଓଙ୍କୁ ଭେଟି ତଦନ୍ତ ଦାବିକଲେ ଗ୍ରାମ କମିଟି**



# ହାତୀ ଆକ୍ରମଣରେ ଗଜସାଥୀଙ୍କ ମୃତ୍ୟୁ

ଛେଣ୍ଡିପଦା, ୨୫।୬(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ବନାଞ୍ଚଳ କତଡ଼ା ଡଙ୍ଗାଧର ସାହିରେ ଘଟିଛି ଅଭାବନୀୟ ଘଟଣା। ହାତୀ ଘଉଡ଼ାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଗଜସାଥୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କତଡ଼ା ଗାଁର ଯୁଗଳ ନାଏକ। ଏ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଜରପଡ଼ା ଥାନା ପୁଲିସ ଓ ବନବିଭାଗ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି।

ମଙ୍ଗଳବାର ବିଳମ୍ବିତ ରାତିରେ ଡଙ୍ଗାଧର ସାହିକୁ ହାତୀପଲ ପଶି ଆସିଥିଲେ। ଖବର ପାଇ ହାତୀ ସ୍କ୍ୱାଡ୍ ଓ ଗଜସାଥୀ ମିଳିତ ଭାବେ ହାତୀ ଘଉଡ଼ାଇବା ପାଇଁ ଯାଇଥିଲେ। ହାତୀ ଘଉଡ଼ାଇବା ସମୟରେ ଯୁଗଳ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସାଥୀ କର୍ମଚାରୀଙ୍କ ଆଗରେ ହାତୀ ଯୁଗଳଙ୍କୁ ଶୁଣ୍ଢରେ କଚାଡ଼ି ମାରିଦେଇଥିଲା। ଘଟଣାସ୍ଥଳର ଯୁଗଳଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଫଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ୭ ଘଣ୍ଟା ପର୍ଯ୍ୟନ୍ତ ମୃତଦେହ ପଡ଼ି ରହିଥିଲା। ଘଟଣାସ୍ଥଳରେ ଏସିଏଫ କୃଷ୍ଣଚନ୍ଦ୍ର ସାହୁ, ରେଞ୍ଜର ମାଧବ ଚନ୍ଦ୍ର ନାୟକ, ଜରପଡ଼ା ଥାନା ଅଧିକାରୀ ମନୋଜ ପ୍ରଧାନ ପ୍ରମୁଖ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ସରକାରୀ ନିୟମ ଅନୁଯାୟୀ ପରିବାରକୁ କ୍ଷତିପୂରଣ, ଜଣଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଜାରି ରଖିଛି।

## କାର ଧକ୍କାରେ ୨ ବାଇକ ଆରୋହୀ ଗୁରୁତର

ଛେଣ୍ଡିପଦା, ୨୫।୬(ସମିସ): କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା କୁମୁରସିଙ୍ଗ ନିକଟରେ ବୁଧବାର ଅପରାହ୍ନ ସାଢ଼େ ୨ଟାରେ କାର ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୁମୁରସିଙ୍ଗ ଗ୍ରାମର କାହ୍ନୁଚରଣ ସାହୁ (୩୫) ଓ ରାକେଶ ରୋଶନ ମହାପାତ୍ର (୩୨)। କାହ୍ନୁଚରଣ ଓ ରାକେଶ ବାଇକରେ ରାସ୍ତା ପାର୍ ହେଉଥିବା ବେଳେ ଅନୁଗୋଳରୁ ସମ୍ବଲପୁର ଆଡ଼କୁ ଯାଉଥିବା ଏକ କାର୍ ବାଇକକୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପଟେ କାରରେ ବସିଥିବା ୨ଜଣ ସାମାନ୍ୟ ଆହତ ହୋଇଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ସୂଚନା ଦେଇଛନ୍ତି।

# ପକ୍କା ରାସ୍ତା ନିର୍ମାଣ ଦାବି

ଅନୁଗୋଳ, ୨୫।୬(ସମିସ): ଅନୁଗୋଳ ବ୍ଲକ ଅନ୍ତର୍ଗତ ଜଙ୍ଗଲ ଅଧ୍ୟୁଷିତ ମାଣିକଯୋଡ଼ି ପଞ୍ଚାୟତ ମାଣିକଯୋଡ଼ିଠାରୁ ସିଟିକୋଇଲି, କନ୍ଧକୋଇଲି ଦେଇ ଲେମୁତଇଳା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରିବାକୁ ଗତ ୮ବର୍ଷ ଧରି ଗ୍ରାମବାସୀ ବିକ୍ଷୋଭ, ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସରକାର ଓ ପ୍ରଶାସନ କୌଣସି ପଦକ୍ଷେପ ନେଇନାହାନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳ ଜିଲ୍ଲା ସଦର ମହକୁମାଠାରୁ ୪୦ କିମି ଦୂରରେ ଅବସ୍ଥିତ। ଏହି ଉପାନ୍ତ ଅଞ୍ଚଳବାସୀ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବର୍ଷାଋତୁରେ ରାସ୍ତା ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ବନ୍ୟଜନ୍ତୁ ଉପଦ୍ରୁତ ଏହି ଅଞ୍ଚଳ ପ୍ରତି ଲୋକପ୍ରତିନିଧିଙ୍କ ଦୃଷ୍ଟି ମଧ୍ୟ ନ ପଡ଼ିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଏବଂ ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କୁ ଡାକଯୋଗେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ବାଧ୍ୟହୋଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପୁନର୍ବାର ଆନ୍ଦୋଳନ କରିବେ ବୋଲି ଗ୍ରାମ କମିଟି ସଭାପତି ସୁରେଶ ଷଣ୍ଢ, କୁମୁଦ ପଧାନ କହିଛନ୍ତି।



## ଯୁବ ଓ ଛାତ୍ର ବିଜେଡିର ବିକ୍ଷୋଭ

ଛେଣ୍ଡିପଦା, ୨୫।୬(ସମିସ): ଓଡ଼ିଶାରେ ମହିଳାଙ୍କ ବିରୋଧରେ ବଢ଼ୁଥିବା ଅପରାଧ ଘଟଣାକୁ ନେଇ ବିଜୁ ଜନତା ଦଳ (ବିଜେଡି)ର ଛାତ୍ର ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ହୋଇଥିବା ବେଳେ ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟ ସମ୍ମୁଖରେ ଦଳର ଯୁବ ଓ ଛାତ୍ର ସଂଗଠନ ପ୍ରତିବାଦ କରିଛି। ଛାତ୍ରଛାତ୍ରୀମାନେ ଶ୍ରେଣୀ ବର୍ଜନ କରିବା ସହ କଳାବ୍ୟାଜ ପରିଧାନ କରି ବିକ୍ଷୋଭ କରିଥିଲେ। ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସରକାର ମହିଳା ନିର୍ଯାତନା ରୋକିବାକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଛେଣ୍ଡିପଦା ବ୍ଲକ ଯୁବ ସଭାପତି ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବ୍ଲକ ବିଜେଡି ସଭାପତି ବିଜୟ କୁମାର ଗଡ଼ନାୟକ, ଟାଙ୍ଗିରି ସରପଞ୍ଚ ଅମରେଶ ନାଥ, ଆଇନଜୀବୀ ନଗେନ ନନ୍ଦ, ତପନ କୁମାର ସାହୁ, ଲୋସନ କୁମାର ସାହୁ, ବିକାଶ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ପାଲଲହଡ଼ାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଉଚ୍ଚସ୍ତରୀୟ କମିଟିର ପରିଦର୍ଶନ




ପାଲଲହଡ଼ା, ୨୫।୬(ସମିସ): ପାଲଲହଡ଼ା ଉପଖଣ୍ଡ ସଦର ମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ଆସନ୍ତା ଶିକ୍ଷାବର୍ଷରୁ ନାମଲେଖା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ବୁଧବାର ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ କମିଟି ପାଲଲହଡ଼ା ଗସ୍ତରେ ଆସି ଭିତ୍ତିଭୂମି ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିମନ୍ତେ ଦୁଇଟି ସ୍ଥାନ ପରିଦର୍ଶନ କରିଥିବା ବେଳେ ମାଲ୍ୟଗିରି ମହାବିଦ୍ୟାଳୟରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ଆରମ୍ଭ ହେବାକୁ ଥିବାରୁ ଏହାର ଭିତ୍ତିଭୂମି ପରଖିଥିଲେ। ପାଲଲହଡ଼ାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ବେଳେ ଏବେ ଆଶା ଉଜ୍ଜୀବିତ ହୋଇଛି ବୋଲି ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର କହିଛନ୍ତି। ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ଆକାଂକ୍ଷା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**■ ଦିବ୍ୟାଙ୍ଗଙ୍କୁ ଠକିଦେଇଛି ପ୍ରଶାସନ**

# ୮୩ ବର୍ଷ ବୟସରେ ବି ମିଳୁନି ବର୍ଦ୍ଧିତ ଭତ୍ତା

ହିନ୍ଦୋଳ, ୨୫।୬(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତ କୁମୁରୁସିଙ୍ଗ ଗ୍ରାମର ୮୩ ବର୍ଷୀୟ ନିଃସହାୟ ଦିବ୍ୟାଙ୍ଗ କନ୍ଦର ବେହେରାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା। ପରିବାରରେ ତାଙ୍କ ବ୍ୟତୀତ ଆଉ କେହି ନାହାନ୍ତି। ଜନ୍ମରୁ ତାଙ୍କ ଦୁଇଗୋଡ଼ ଚାଲୁନାହିଁ। ସରକାରଙ୍କ ପକ୍ଷରୁ ମିଳିଥିବା ଗୋଟିଏ ୩ ଚକିଆ ସାଇକଲ ହିଁ ତାଙ୍କର ଏକମାତ୍ର ଭରସା। କନ୍ଦର ଆଦୌ ଚାଲିପାରୁ ନ ଥିବା ବେଳେ ସରକାରଙ୍କ ପକ୍ଷରୁ ତାଙ୍କୁ ୬୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ସରକାରଙ୍କ ପକ୍ଷରୁ ତାଙ୍କୁ ୧ହଜାର ଟଙ୍କା ଭତ୍ତା ମିଳୁଛି। ବର୍ଦ୍ଧିତ ଭତ୍ତା ତାଲିକାରେ ତାଙ୍କ ନାଁ ନାହିଁ। ବର୍ଦ୍ଧିତ ଭତ୍ତା ପାଇବା ପାଇଁ ସେ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାଇଁ ନୟାନ୍ତ ହୋଇପଡ଼ିଛନ୍ତି। ସେପଟେ ମୁଣ୍ଡ ଗୁଞ୍ଜିବାକୁ କନ୍ଦରଙ୍କ ଘରଟିଏ ନାହିଁ। ଝାଟିମାଟି ପଲିଥିନ ଛପର ଘରେ ସେ ରହୁଥିବା ବେଳେ କିଛିଦିନ ପୂର୍ବରୁ ଅନ୍ତ୍ୟୋଦୟ ଯୋଜନା ମାଧ୍ୟମରେ ଗୃହ ବଣ୍ଟନ କରାଯାଇ ଥିଲେ ମଧ୍ୟ ତାଙ୍କୁ ପ୍ରଶାସନ ଘର ଖଣ୍ଡିଏ ବି ଦେଇନାହିଁ। କନ୍ଦର ଜଣେ କ୍ୟାନ୍ସର ରୋଗୀ ହୋଇଥିବା ବେଳେ ତାଙ୍କୁ କିପରି ଅନ୍ତ୍ୟୋଦୟ ଯୋଜନାରେ ଘର ମିଳିପାରିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି କନ୍ଦରଙ୍କ ନାମରେ ରାସନ କାର୍ଡ ଖଣ୍ଡିଏ ମଧ୍ୟ ନାହିଁ। ରାସନ କାର୍ଡ ପାଇଁ ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରିବା ପରେ ମଧ୍ୟ ତାଙ୍କୁ ଏଯାଏଁ ମିଳିପାରି ନ ଥିବା କହିଛନ୍ତି। ପ୍ରଶାସନ କେବେ କନ୍ଦରଙ୍କ ଦୁଃଖ ବୁଝୁଛି ତାହା ଦେଖିବାକୁ ବାକି ରହିଲା।



ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ଦୋଳଗୋବିନ୍ଦ ତ୍ରିପାଠୀ
ରତାଦିଆ ଖଣ୍ଡସାହି (ବନ୍ଧପଡ଼ା), କେନ୍ଦ୍ରାପଡ଼ା
ଆବିର୍ଭାବ: ତା୨୨.୦୩.୧୯୪୦
ତିରୋଧାନ: ତା ୨୯.୦୬.୨୦୨୨
ପିତା ଧର୍ମ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପ
ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା। ପରିବାର ଓ ବନ୍ଧୁବାନ୍ଧବଙ୍କ ମାଗିବା ଆଗରୁ ସମସ୍ତଙ୍କର ଆବଶ୍ୟକତା ପୂରଣ କରୁଥିବା ମହନୀୟ ଗୁଣଟି ଏବେ ଆମ ମନକୁ ଆନ୍ଦୋଳିତ କରୁଛି। ଆଜି ଏହି ନେତ୍ରୋତ୍ସବ ଦିନରେ ସମସ୍ତଙ୍କ ଲୁହଭିଜା ନେତ୍ର ସବୁବେଳେ ଆପଣଙ୍କୁ ଦେଖିଲା ଭଳି ଲାଗୁଛି। ଆଜି ତୃତୀୟ ଶ୍ରାଦ୍ଧ ଦିବସରେ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଆମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ଅଳି କରୁଛୁ।
ଶୋକସନ୍ତପ୍ତ :
ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ

**ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଘଟଣାରେ ଅହେତୁକ ବୃଦ୍ଧି**

# ବିଜେଡି ଯୁବଛାତ୍ର ସଂଗଠନ ପକ୍ଷରୁ ଛାତ୍ର ଆନ୍ଦୋଳନ










ଅନୁଗୋଳ, ୨୫ ।୬(ସମିସ)

ରାଜ୍ୟରେ ମହିଳମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କରାଯାଇଛି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରଠାରୁ ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ଯୁବତୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ହେଉଛି। ଗୋପାଳପୁର ଭଳି ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀରେ ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । କେବଳ ଗୋପାଳପୁର ନୁହେଁ, ସାରା ରାଜ୍ୟରେ ଏବେ ମହିଳା ବିରୋଧୀ ଅପରାଧ ଅହେତୁକ ଭାବେ ବୃଦ୍ଧି ପାଇଛି । ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଯୁବତୀ ଦୁଷ୍କର୍ମର ଶିକାର ହେଉଛନ୍ତି । ସରକାର ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସେହିପରି ରାଜ୍ୟର ୧୧ ଜିଲ୍ଲା ହଇଜା ଓ ଡାଇରିଆରେ କଲବଲ ହେଉଥିବା ବେଳେ ସରକାର ଏକ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ସରକାରଙ୍କୁ ଚେତାଇଦେବା ଉଦ୍ଦେଶ୍ୟରେ, ବୁଧବାର ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କରାଯାଇଥିଲା। ଅନୁଗୋଳରେ ଯୁବନେତା ଅରୁଣାଭ ସିଂହ ଏବଂ ଛାତ୍ରନେତା ରାଜୀବ ଲୋଚନ ଦାସ, ସୁଜିତ ପ୍ରସାଦ ଦ୍ୱିବେଦୀ, ଅଜିତ ଦ୍ୱିବେଦୀଙ୍କ ନେତୃତ୍ୱରେ ବୁଧବାର ଅନୁଗୋଳ ସରକାରୀ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଛାତ୍ରଛାତ୍ରୀ ଶ୍ରେଣୀ ବର୍ଜନ, କଳାବ୍ୟାଜ୍ ପରିଧାନ କରି ପିକେଟିଂ କରିଥିଲେ।

**କଣିହାଁ/ପବିତ୍ରନଗର:** ରାଜ୍ୟରେ ମହିଳା ବିଶେଷକରି ଛାତ୍ରୀମାନଙ୍କ ପ୍ରତି ବଢ଼ି ଚାଲିଥିବା ଅପରାଧ ପ୍ରତିବାଦରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଛାତ୍ର ଓ ଯୁବ ବିଜେଡି ତରଫରୁ ବୁଧବାର ରାଜ୍ୟ ବ୍ୟାପୀ ଆନ୍ଦୋଳନ କରାଯାଇଛି। କଣିହାଁ କଲେଜ, ପବିତ୍ର ନଗର ଡିଗ୍ରୀ ମହାବିଦ୍ୟାଳୟ, ରେଙ୍ଗାଲି ପବିତ୍ର ମୋହନ କଲେଜରେ ପ୍ରତିବାଦ ସଭା ଆୟୋଜିତ ହୋଇଛି। ତାଳଚେର ଓ ପାଲଲହଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରୁ ଯୁବ ଓ ଛାତ୍ର ନେତାମାନେ ଉପସ୍ଥିତ ରହି ଡବଲ ଇଞ୍ଜିନ ସରକାରର ନିଷ୍କ୍ରିୟତା ନେଇ ବର୍ଷିଥିଲେ। କଣିହାଁ ମହାବିଦ୍ୟାଳୟଠାରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ଛାତ୍ରନେତା ତପନ ନାଏକ, କାହ୍ନା ପ୍ରଧାନ, ଜିତେନ୍ଦ୍ରିୟ ସାହୁ, ସରପଞ୍ଚ ବୃନ୍ଦାବନ ପ୍ରଧାନ, ମହେଶ୍ୱର ସାମଲ, କ୍ଷେତ୍ରବାସୀ ସାହୁ, ନିର୍ମଳ ସାହୁ, ଦୁର୍ଯ୍ୟୋଧନ ଜେନା ସମେତ ବହୁ ଛାତ୍ରଛାତ୍ରୀ ହାତରେ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ନାରୀ ସୁରକ୍ଷା ନେଇ ସରକାର ସଚେତନ ହେବାକୁ ସ୍ଲୋଗାନ ଦେଇଥିଲେ। ପ୍ରାକ୍ତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ନେତୃତ୍ୱରେ ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟରେ ବିକ୍ଷୋଭ କରାଯାଇଛି। ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁବାସ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରାବିଲ ପଞ୍ଚାୟତ ସଭାପତି ବିରଞ୍ଚି ନାରାୟଣ ସାହୁ, ଛାତ୍ରନେତା ପାଣ୍ଡବ ସାହୁ, ବାପି ମହାନ୍ତି, ଦେବୀପ୍ରସାଦ ମହାନ୍ତି, ମଣ୍ଟୁ ମହାନ୍ତି, ସୁରଥ ଦେହୁରୀ, ନନ୍ଦକିଶୋର ସାହୁ, ସୁରେନ ବେହେରା ପ୍ରମୁଖ ବହୁ ଛାତ୍ରଛାତ୍ରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

**ବଅଁରପାଳ:** ସ୍ଥାନୀୟ ସୋମନାଥ ସିଂହ ଜଗଦେବ ସ୍ନାତକ ମହାବିଦ୍ୟାଳୟ ଓ ତଳମୂଳ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିଜେଡିର ଛାତ୍ର ଓ ଯୁବନେତା ବିଜେପି ସରକାର ବିରୋଧରେ ନାରାବାଜି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସୋମନାଥ ସିଂହ ଜଗଦେବ ସ୍ନାତକ ମହାବିଦ୍ୟାଳୟଠାରେ ଯୁବନେତା ଅରୁଣାଭ ସିଂହ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଆନ୍ଦୋଳନରେ ସୁଶାନ୍ତ ସିଂହ, ବିବେକାନନ୍ଦ ସାହୁ, ସୁସେନ୍ ଗଡ଼ନାୟକ ପ୍ରମୁଖଙ୍କ ସହ ଶତାଧିକ ଛାତ୍ର ଯୋଗଦେଇଥିଲେ। ସେହିପରି ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥଙ୍କ ନେତୃତ୍ୱରେ ତଳମୂଳ କଲେଜଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିନୋଦ ବେହେରା ଓ ଅମରେଶ ସାହୁଙ୍କ ସମେତ ଶତାଧିକ ଛାତ୍ର ବିକ୍ଷୋଭ ପ୍ରଦର୍ଶନ ଓ କୁଶପୁତ୍ତଳିକା ଦାହ କରିଥିଲେ।

**ବଇଣ୍ଡା:** ବଇଣ୍ଡା ଜନତା ମହାବିଦ୍ୟାଳୟ ସମ୍ମୁଖରେ ଯୁବଛାତ୍ର ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଇଛି। ବ୍ଲକ ଯୁବ ସଭାପତି ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥୀ ପ୍ରଧାନ ଯୋଗଦେଇ ବିଜେପି ସରକାର ବର୍ତ୍ତମାନ ମହିଳାମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ବୋଲି କହିଥିଲେ। ସରକାରର ବର୍ଷକ ମଧ୍ୟରେ ଅନେକ ନାବାଳିକା ସମେତ ମହିଳା ଦୁଷ୍କର୍ମର ଶିକାର ହେଇଛନ୍ତି। ହେଲେ ସେମାନଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି। ଆଗାମୀ ଦିନରେ ଛାତ୍ରୀଙ୍କ ସହ ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ଯୁବ ସଭାପତି ଜିତେନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ବେହେରା, ଆଶିଷ ବେହେରା, ବୁବୁ ପ୍ରଧାନ, ଅର୍ଜୁନ କୁମାର ସାହୁ, କୁମୁଦ ସାହୁ, ଉତ୍ତମ ମାଟିଆରି, ବିନୟ ବିଶ୍ୱାଳ, କଳ୍ପତରୁ ସାହୁ, ରାଜା ଶର୍ମା, ସୁବାସ ଶତପଥୀଙ୍କ ସମେତ ବହୁ ବିଜେଡି ନେତା ଯୋଗଦେଇଥିଲେ।

## ମହିଳା ନିଖୋଜ ଅଭିଯୋଗ

ବଇଣ୍ଡା, ୨୫ ।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ସୋନାଲୀ ବେହରା ନିଖୋଜ ହୋଇଯାଇଥିବା ତାଙ୍କ ସ୍ୱାମୀ ରଞ୍ଜିତ ବେହେରା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁଯାୟୀ ରଞ୍ଜିତ ଘରେ ନ ଥିବା ବେଳେ ସୋନାଲୀ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ରଞ୍ଜିତ ବିଭିନ୍ନ ସ୍ଥାନରେ ଖୋଜିବା ପରେ ତାଙ୍କୁ ନ ପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି । ସୋନାଲୀଙ୍କୁ ଅପହରଣ କରି ଅନ୍ୟ ରାଜ୍ୟକୁ ଚାଲାଣ ପାଇଁ ଯୋଜନା କରାଯାଉଥିବା ରଞ୍ଜିତ ଅଭିଯୋଗ କରିଛନ୍ତି । ପୁଲିସ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।

## ବାପପୁଅଙ୍କୁ ଠେଙ୍ଗାରେ ଆକ୍ରମଣ

ବଇଣ୍ଡା, ୨୫ ।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଭେଜିଗୋଠ ଗ୍ରାମର ଭୁବନ ସାହୁ ଓ ତାଙ୍କ ପୁଅ ସୁବର୍ଣ୍ଣ ସାହୁଙ୍କୁ ସେହି ଗ୍ରାମର ସମୀର ସାହୁ, ସରୋଜ ସାହୁ, ତାଙ୍କ ମା' ରମା ସାହୁ ଠେଙ୍ଗାରେ ଆକ୍ରମଣ କରିଥିବା ମଙ୍ଗଳବାର ଭୁବନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୁବର୍ଣ୍ଣ ତାଙ୍କ ଚାଷଜମିକୁ ଚାଷ କରିବା ପାଇଁ ଯାଇଥିଲେ। ଏହି ସମୟରେ ସମୀର, ସରୋଜ ଓ ରମା ସେଠାକୁ ଯାଇ ଚାଷ କରିବାକୁ ବିରୋଧ କରିଥିଲେ । ପରେ ଠେଙ୍ଗାରେ ଆକ୍ରମଣ କରିଥିଲେ । ଏ ସମ୍ପର୍କରେ ସୁବର୍ଣ୍ଣ ତାଙ୍କ ଘରେ କହିବା ପରେ ବାପା ଭୁବନ ସମୀରଙ୍କୁ ପଚାରିବାରୁ ସେମାନେ ଉଭୟଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ।

## ଦୁର୍ଘଟଣାରେ ଆହତ ଚାଳକଙ୍କ ମୃତ୍ୟୁ

ବଇଣ୍ଡା, ୨୫ ।୬(ସମିସ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ରାଣୀଭୂଇଁ ନିକଟରେ ସଂଘଟିତ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଟ୍ରକ ଚାଳକ ରେଙ୍ଗାଲି ଥାନା ସୁଲେଇପାଳ ଗ୍ରାମର ସୁବାହୁ ବେହେରାଙ୍କ ମୃତ୍ୟୁ ହୋଇଛି । ଏ ନେଇ ତାଙ୍କ ସ୍ତ୍ରୀ ସୁଶିଳା ବେହେରା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିଛି। ସୁବାହୁ ତାଳଚେର ଅଞ୍ଚଳରେ ଏକ କୋଇଲା ଗାଡ଼ି ଚଳାଉଥିବା ବେଳେ ଗତ ୧୩ ତାରିଖ ସେ କୋଇଲା ବୋଝେଇ କରି ସମ୍ବଲପୁର ଅଭିମୁଖେ ଯାଉଥିଲେ। ରାଣୀଭୂଇଁ ନିକଟରେ ଭାରସାମ୍ୟ ହରାଇବାକୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## ପିକ୍ଅପ୍ ଭ୍ୟାନକୁ ଧକ୍କାଦେଲା ଟ୍ରେଲର; ଜଣେ ଗୁରୁତର

ବଇଣ୍ଡା, ୨୫ ।୬(ସମିସ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ବଇଣ୍ଡା କଲ୍ୟାଣ ମଣ୍ଡପ ନିକଟରେ ବୁଧବାର ପିକଅପ ଭ୍ୟାନକୁ ସହ ଟ୍ରେଲର ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ପିକଅପ୍ ଭ୍ୟାନ ଚାଳକ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ତାଙ୍କ ପରିଚୟ ମିଳିନାହିଁ। ହଣ୍ଡପା ଓ ବଇଣ୍ଡା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି। ହଣ୍ଡପାରୁ ଅନୁଗୋଳ ଅଭିମୁଖେ ଆସୁଥିବା ପିକଅପ ଭ୍ୟାନ କଲ୍ୟାଣ ମଣ୍ଡପ ନିକଟରେ ଅଚଳ ହୋଇ ଠିଆ ହୋଇଥିବା ବେଳେ ଚାଳକ ଗାଡ଼ି ନିକଟରେ କାମ କରୁଥିଲେ। ଏହି ସମୟରେ ଦ୍ରୁତଗତିରେ ଅନୁଗୋଳରୁ ସମ୍ବଲପୁର ଯାଉଥିବା ଏକ ଟ୍ରେଲର ପିକ୍ଅପ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲା ।

## ଖମାର କଲେଜରେ ନବନିର୍ମିତ ଅତ୍ୟାଧୁନିକ ଶ୍ରେଣୀଗୃହ ଉଦ୍‌ଘାଟିତ




ଖମାର, ୨୫ ।୬(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ପରିସରରେ ନବନିର୍ମିତ ଅତ୍ୟାଧୁନିକ ଶ୍ରେଣୀଗୃହ ଉଦଘାଟିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌରେନ କୁମାର ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ୨୦୨୫-୨୬ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇତିହାସ ବିଭାଗ ଅଧ୍ୟାପକ ଅଶୋକ କୁମାର ସାମଲ ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ଅଧ୍ୟାପିକା ସୁଷମା ମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

■ ସମ୍ବିଧାନ ହତ୍ୟା ଦିବସ

## ଛାତ୍ରଛାତ୍ରୀ ସଚେତନତା ଅଭିଯାନ




କଣିହାଁ, ୨୫ ।୬(ସମିସ): ୧୯୭୫ ଜୁନ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଲାଗୁ କରିଥିବା ବେଳେ ୨୦୨୪ରୁ ଏନ୍‌ଡିଏ ସରକାର ଏହିଦିନକୁ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରୁଛି। ଏହି କ୍ରମରେ ବୁଧବାର ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳିଠାରେ ପବିତ୍ର ମୋହନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ +୩ ଛାତ୍ରଛାତ୍ରୀମାନେ ଏ ସମ୍ପର୍କରେ ଏକ ସଚେତନତା ଅଭିଯାନ କରିଛନ୍ତି। ଜରୁରୀ ପରିସ୍ଥିତି ସମୟରେ ଲୋକଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଇଥିଲା । ଗଣମାଧ୍ୟମ ସ୍ୱାଧୀନତାକୁ ସଙ୍କୁଚିତ କରାଯାଇଥିଲା। ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ନିରବ କରି ଦିଆଯାଇଥିଲା। ଜରୁରୀ ପରିସ୍ଥିତିକୁ ସଦା ସ୍ମରଣ କରାଇବା ଏବଂ ଗଣତନ୍ତ୍ରର ଶାସନ ବଜାୟ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି। ପବିତ୍ର ମୋହନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ +୩ ଛାତ୍ରଛାତ୍ରୀ ଜ୍ୟୋସ୍ନାମୟୀ ସାହୁ, ସୁମନ ମାଝୀ, ଶକ୍ତିମାନ ପ୍ରଧାନ, ଶୁଭଶ୍ରୀ ସାମଲ, ବନସ୍ମିତା ସାମଲ, ଅଭିମନ୍ୟୁ ଧୀର, ମାନସୀ ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ଲାଷ୍ଟିକମୁକ୍ତ 'ରଥଯାତ୍ରା' ପାଇଁ ମାର୍ଗଦର୍ଶିକା

● ମାଟି, କାଗଜ ପାତ୍ର ବ୍ୟବହାର କରିବାକୁ ପରାମର୍ଶ

ଅନୁଗୋଳ, ୨୫ ।୬(ସମିସ): ଆସନ୍ତା ୨୭ ତାରିଖ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଅନୁଗୋଳରେ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମାର୍ଗଦର୍ଶିକା ଜାରି କରିଛି ପୌରପାଳିକା। ରଥଯାତ୍ରା ସମୟରେ ବହୁ ବାଣିଜ୍ୟିକ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଭକ୍ତମାନଙ୍କ ପାଇଁ ପାଣି, ସର୍ବତ ଓ ଶୁଖିଲା ଖାଦ୍ୟ ବିତରଣ କରିଥାନ୍ତି। ଏଥିପାଇଁ ପ୍ଲାଷ୍ଟିକ ଆବର୍ଜନା ସୃଷ୍ଟି ହୋଇଥାଏ, ଯାହା ପରିବେଶ ପାଇଁ କ୍ଷତିକାରକ। ଏଣୁ ଅନୁଗୋଳ ପୌରପାଳିକା ପ୍ଲାଷ୍ଟିକମୁକ୍ତ ରଥଯାତ୍ରା ପାଇଁ ସମସ୍ତଙ୍କୁ ପ୍ଲାଷ୍ଟିକ ବଦଳରେ କାଗଜ ଅବା ମାଟିରେ ସହଜରେ ମିଶିପାରୁଥିବା ପାତ୍ର ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଅନୁଷ୍ଠାନଗୁଡ଼ିକ ଏହାକୁ ଅମାନ୍ୟ କଲେ ପୌର ଆଇନ ଅନୁସାରେ ଦଣ୍ଡବିଧାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## ରଥଯାତ୍ରା ପ୍ରସ୍ତୁତି ବୈଠକ



ପାଲଲହଡ଼ା, ୨୫ ।୬(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଗଡ଼ଜାତ ରାଜ୍ୟରେ ବହୁ ପୁରାତନ କାଳରୁ ଚାଲି ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ବୁଧବାର ଉପଜିଲ୍ଲାପାଳ ତଥା ଉପଖଣ୍ଡ ଦେବୋତ୍ତର ଅଧିକାରୀ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ପାଲଲହଡ଼ା ଗଡ଼ଜାତର ଯୁବରାଜ ବାଲକୃଷ୍ଣ ପାଲ, ତହସିଲଦାର ଆକାଂକ୍ଷା ମହାପାତ୍ର, ଏସ୍‌ଡିପିଓ କୈଳାସ ସେଠୀ, ବିଡିଓ ନିଶାନ ମିଶ୍ର, ନିଜିଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ, ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାଶ, ତନ୍ମୟ କୁମାର ସାହୁ, ମଣ୍ଡଳ ସଭାପତି ଆଶିଷ ସାମଲ ପ୍ରମୁଖଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଦସ୍ୟ, ବ୍ରାହ୍ମଣ ସମାଜ, ବିଭାଗୀୟ ଅଧିକାରୀ, ଅଞ୍ଚଳର ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ନିଜ ମତାମତ ପ୍ରଦାନ କରିଥିଲେ। ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଶେଷକରି ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ପାଳନ କରିବା ସହ ପାନୀୟଜଳ ଯୋଗାଣ ତଥା ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ବିଧାୟକ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ପାଇଁ ଉପଜିଲ୍ଲାପାଳ ପଟେଲ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ




ପାଲଲହଡ଼ା, ୨୫ ।୬(ସମିସ): ବିଜେପି ପକ୍ଷରୁ ସୋମବାର ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଛି। ପାଲଲହଡ଼ା ବିଜେପି ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ସଭାପତିତ୍ୱରେ ରାଜପଥ ଡାକବଙ୍ଗଳାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଶତାଧିକ ବିଜେପି କର୍ମୀ ଓ ନେତା ଉପସ୍ଥିତ ଥିଲେ। ବରିଷ୍ଠ ନେତା ଲିଙ୍ଗରାଜ ଦାସ, ତନ୍ମୟ କୁମାର ସାହୁ ପ୍ରମୁଖ ଡ. ମୁଖାର୍ଜୀଙ୍କ ଜୀବନୀ, ରାଷ୍ଟ୍ରପ୍ରେମ ଓ ବଳିଦାନ ବିଷୟରେ ଆଲୋଚନା କରିଥିଲେ। ପଞ୍ଚାନନ ସାହୁ, ଦେବେନ ମାଝୀ, ଅର୍ଜୁନ ମାଝୀ, ବିକାଶ ନହରା ପ୍ରମୁଖ ସହଯୋଗ କରିଥିଲେ।

**ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ସରକାର**

## ସମସ୍ୟାରେ ଜର୍ଜରିତ ରେଙ୍ଗାଳମୁଣ୍ଡା କଲୋନୀ ବିଦ୍ୟାଳୟ

ଖମାର, ୨୫ ।୬(ସମିସ)

● ବିପଦସଙ୍କୁଳ ଅବସ୍ଥାରେ ଶ୍ରେଣୀଗୃହ
● ଜନପ୍ରତିନିଧି ଓ ପ୍ରଶାସନ ଜାଣି ଅଜଣା




ପାଲଲହଡ଼ା ବିଇଓଙ୍କ ଅଧୀନରେ ଥିବା ଇଞ୍ଜିଡ଼ି ପଞ୍ଚାୟତ ରେଙ୍ଗାଳମୁଣ୍ଡା କଲୋନୀ (ଝାରକିଲିଣ୍ଡା) ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହି ବିଦ୍ୟାଳୟଟି ୧୯୮୪ରେ ସ୍ଥାପିତ ହୋଇଥିଲେ ସୁଦ୍ଧା ସରକାର ଏହାର ବିକାଶ ଦିଗରେ ଧ୍ୟାନ ଦେଇନାହାନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଥିବା ବେଳେ ୨ ଶିକ୍ଷକ ନିଯୁକ୍ତ ଅଛନ୍ତି । ତେବେ ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଭଙ୍ଗା ଆଜବେଷ୍ଟସ, ଫଟାକାନ୍ଥ ଘରେ ଅସୁରକ୍ଷିତ ଭାବେ ପାଠ ପଢୁଛନ୍ତି। କେତେବେଳେ କେଉଁ ପରିସ୍ଥିତିରେ ବି ପିଲାମାନଙ୍କ ସହ କ'ଣ ଘଟିବ ତାହା କହିବା ମୁସ୍କିଲ। ଅପରପକ୍ଷରେ ସ୍କୁଲ ପାଚେରି ମୁକୁଳା ପଡ଼ିଛି । ଶୌଚାଳୟ ଏବଂ ପାନୀୟ ଜଳ ବ୍ୟବସ୍ଥା ନାହିଁ। ବର୍ଷା ହେଲେ ସମସ୍ତ ପାଞ୍ଚ ଶ୍ରେଣୀର ଛାତ୍ରଛାତ୍ରୀ ସ୍କୁଲ ଅଫିସ ରୁମ୍‌ରେ ଆଶ୍ରୟ ନିଅନ୍ତି। ବର୍ତ୍ତମାନ ସୁଦ୍ଧା ସ୍କୁଲ ଜାଗା ଜଙ୍ଗଲ କିସମ ଅଛି। ସ୍କୁଲ ଜମିର ନିଜସ୍ୱ ପଟ୍ଟା ନାହିଁ। ପିଲାଙ୍କ ଖେଳକୁଦ ପାଇଁ ପଡ଼ିଆ ବି ନାହିଁ। ତୁରନ୍ତ ସ୍କୁଲର ସମସ୍ତ ଆନୁଷଙ୍ଗିକ ସମସ୍ୟା ସମାଧାନ କରିବାକୁ ପ୍ରଧାନଶିକ୍ଷକ ବାବନ ପିଙ୍ଗୁଆ ଏବଂ ସହକାରୀ ଶିକ୍ଷକ ବିଚ୍ଛନ୍ଦ ଚରଣ ଦେହୁରୀ ନିବେଦନ କରିଛନ୍ତି।

## ହିଙ୍ଗୁଳା ପାଠାଗାର ପକ୍ଷରୁ ପାଠ୍ୟୋପକରଣ ବଣ୍ଟନ

ତାଳଚେର, ୨୫ ।୬(ସମିସ): ତାଳଚେର ବ୍ଲକ କଳମଚୁଇଁ ପଞ୍ଚାୟତସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଗୋପାଳପ୍ରସାଦ ପଞ୍ଚାୟତ ବନବାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ଜ୍ୟୋତିଷ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପାଠାଗାରର ବରିଷ୍ଠ ସଦସ୍ୟ ସାଗର ପ୍ରଧାନ ଓ ପଞ୍ଚାନନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପାଠାଗାର ପକ୍ଷରୁ ବିଦ୍ୟାଳୟର ୩୨ ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି ସହ ଖାତା, କଲମ, ପେନସିଲ୍, ରବର ଇତ୍ୟାଦି ପ୍ରଦାନ କରାଯାଇଥିଲା। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ହେଉଥିବା ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'କୁ ବିଦ୍ୟାଳୟ ପାଠାଗାରକୁ ସମ୍ପାଦକ ସ୍ୱାଇଁ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ବେହେରା ସହଯୋଗ କରିଥିଲେ। ସମ୍ପାଦକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ସମ୍ପାଦକୀୟ



କୃତ୍ରିମ ବୁଦ୍ଧିମତ୍ତାର ସମ୍ପୂର୍ଣ୍ଣ ବିକାଶ ଘଟିଲେ ମଣିଷ-ମଣିଷ ମଧ୍ୟରେ ପ୍ରତିଯୋଗିତାର ଅନ୍ତ ହେବ।
-ଷ୍ଟିଫେନ୍ ହକିଙ୍ଗ

ସକାଳ THE SAKALA

## ଅସୁରକ୍ଷିତ ମହିଳା

ଭାରତ ଆସୁଥିବା ଆମେରିକାର ପର୍ଯ୍ୟଟକଙ୍କୁ ତାଙ୍କ ଦେଶର ବୈଦେଶିକ ମନ୍ତ୍ରଣାଳୟ ଯଥାସମ୍ଭବ ସତର୍କ ରହିବାକୁ ଚେତାବନୀ ଦେଇଛି। ଭାରତକୁ ହଠାତ କାହିଁକି ଅସୁରକ୍ଷିତ ରାଷ୍ଟ୍ର ରୂପେ ପରିଗଣିତ କରାଗଲା ତାହା ଯେକୌଣସି ଭାରତୀୟଙ୍କ ସକାଶେ ଚିନ୍ତା ଓ ଉଦ୍‌ବେଗର ବିଷୟ। ଓଡ଼ିଶା ସମେତ ଦେଶର ୬ଟି ରାଜ୍ୟ ପ୍ରତି ବିଶେଷ ସତର୍କ ରହିବାକୁ ସେହି ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଛି। ଆମ ଦେଶରେ ଓଡ଼ିଶା ଅପେକ୍ଷାକୃତ ଅଧିକ ଶାନ୍ତିପ୍ରିୟ ରାଜ୍ୟ ଓ ଭାଇଚାରା ସମ୍ପର୍କରେ ବିଶ୍ୱାସୀ। ସେଥିରେ ଆମେରିକା ହଠାତ୍ କଳଙ୍କ ଲେପିଲା କାହିଁକି? ଓଡ଼ିଆ ଅସ୍ମିତାକୁ ସୁରକ୍ଷା ଦେବା ସକାଶେ ରାଜ୍ୟବାସୀ ୨୪ ବର୍ଷର ଲୋକପ୍ରିୟ ସରକାରରେ ପରିବର୍ତ୍ତନ ଘଟାଇଥିଲେ ବୋଲି ବ୍ୟାଖ୍ୟାନ ସୃଷ୍ଟି କରାଯାଉଛି। ଯେଉଁ ସତର୍କତା ଚେତାବନୀ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି କରାଯାଇଛି ତାହା କ'ଣ ଆମ ଅସ୍ମିତାର ପରିପନ୍ଥୀ ନୁହେଁ?

ଏତେ ସବୁ କାହିଁକି ମଧ୍ୟରେ ଏବେ ଆସିବା ଅସଲ କଥାକୁ। ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଅଛି ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗ। ରାଜ୍ୟବାସୀଙ୍କ ସୁରକ୍ଷା ଓ ନିରାପତ୍ତା ଦାୟିତ୍ୱ ସେ ନିଜେ ସମ୍ଭାଳୁଛନ୍ତି। ତେଣୁ ବିଦେଶୀ ପର୍ଯ୍ୟଟକଙ୍କ ଯାତାୟତ ଓ ରହଣିରେ ସ୍ୱାଭାବିକ ଭାବେ କିଛି ଅସୁବିଧା ବା ପ୍ରତିବନ୍ଧକ ରହିବା କଥା ନୁହେଁ। ଆମେରିକା ସରକାରଙ୍କ ଦ୍ୱାରା ସେମାନଙ୍କ ନାଗରିକଙ୍କ ସକାଶେ ଜାରି ପର୍ଯ୍ୟଟନ ଚେତାବନୀରେ ଦର୍ଶାଯାଇଛି ଯେ ଭାରତରେ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରେ ଦୁଷ୍କର୍ମ ସ୍ଥାନ ସର୍ବାଗ୍ରେ। ପର୍ଯ୍ୟଟନ ସ୍ଥଳୀ ଓ ତାହାର ଆଖପାଖ ଅଞ୍ଚଳରେ ଯୌନ ନିର୍ଯାତନା ଓ ଅନ୍ୟାନ୍ୟ ଅପରାଧ ବଢ଼ୁଛି। ଏଭଳି ଅସୁରକ୍ଷିତ ପରିବେଶରେ ଯଥେଷ୍ଟ ସାବଧାନତା ଅବଲମ୍ବନ ନ କଲେ ପ୍ରତିକୂଳ ପରିସ୍ଥିତିର ଶିକାର ହେବା ଆଶଙ୍କା ଅଧିକ। ଅନ୍ୟ ଏକ ବିପଦର କାରଣ ହେଲା ଆତଙ୍କବାଦୀ ବିନା ଚେତାବନୀରେ କେବଳ ବିଦେଶୀ ପର୍ଯ୍ୟଟକ ନୁହନ୍ତି ସ୍ଥାନୀୟ ଅଧିବାସୀଙ୍କ ଉପରେ ମଧ୍ୟ ଆକ୍ରମଣ କରିଥା'ନ୍ତି। ସେମାନଙ୍କ ଟାର୍ଗେଟ୍‌ରେ ଅଛି - ପର୍ଯ୍ୟଟନସ୍ଥଳ, ପରିବହନ କେନ୍ଦ୍ର ଓ ସପିଙ୍ଗ ମଲ୍। ବିଦେଶାଗତଙ୍କୁ ଏ ସବୁ ସ୍ଥାନକୁ ତ ଯିବା ସକାଶେ ବାରଣ କରାଯାଇପାରିବନି। ଯଦି ବା ବାରଣ କରାଯାଏ ତେବେ ସେମାନେ ଭାରତ ଆସିବେ କହିଁକି? ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା ମହିଳାଙ୍କ ଏକୁଟିଆ ଯାତ୍ରା ନ କରିବାକୁ ବାରଣ କରାଯାଇଛି। ଏଥିରୁ ସ୍ପଷ୍ଟ ଯେ ନାରୀଜନିତ ଅପରାଧ ଭାରତରେ ସବୁଠାରୁ ଦ୍ରୁତିଗତିରେ ବୃଦ୍ଧି ପାଇଛି। ଦୁଷ୍କର୍ମ ଓ ଯୌନ ନିର୍ଯାତନା ସୀମା ଅତିକ୍ରମ କରିଛି।

ଏ ସବୁ ଯେ କେବଳ ସହରାଞ୍ଚଳରେ ସୀମିତ ଅଛି ଏକଥା ନୁହେଁ। ଗ୍ରାମାଞ୍ଚଳ ମଧ୍ୟ ଅପରାଧୀଙ୍କ ଚରାଭୂଇଁ ପାଲଟୁଥିବାର ନିର୍ଦ୍ଦେଶାବଳୀର ନିର୍ଯାସରୁ ସ୍ପଷ୍ଟ ହେଉଛି। ବିଶେଷ ଭାବେ ଗ୍ରାମାଞ୍ଚଳ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କାରଣ ସେହି ଅଞ୍ଚଳରେ ଜରୁରୀକାଳୀନ ସେବା ଯୋଗାଇ ଦେବାରେ ଆମେରିକାର ସୀମିତ କ୍ଷମତା ରହିଛି। ପୂର୍ବ ମହାରାଷ୍ଟ୍ର ଓ ଉତ୍ତର ତେଲଙ୍ଗାନାଠାରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଏହି ବିପଦପୂର୍ଣ୍ଣ ଅଞ୍ଚଳ ପରିବ୍ୟାପ୍ତ। ଭାରତରେ କାର୍ଯ୍ୟରତ ଆମେରିକୀୟ କର୍ମଚାରୀ ବିନା ସ୍ୱତନ୍ତ୍ର ଅନୁମତିରେ ସହାୟତା ଯୋଗାଇବାକୁ ସେଠାରେ ପହଞ୍ଚି ପାରିବେ ନାହିଁ। ଜାମ୍ମୁ-କାଶ୍ମୀର ଓ ଭାରତ-ପାକିସ୍ତାନ ସୀମାର ସମ୍ବେଦନଶୀଳ ଅଞ୍ଚଳ ସବୁଠାରୁ ଅଧିକ ବିପଦପୂର୍ଣ୍ଣ ହୋଇଥିବା ବେଳେ ବିନା ଅନୁମତିରେ ଯାତ୍ରା କରିବାକୁ ବାରଣ କରାଯାଇଛି। ଏହି ଅନୁମତି ସାପେକ୍ଷ ରାଜ୍ୟ ମଧ୍ୟରେ ଅଛି ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ୍ଡ, ପଶ୍ଚିମବଙ୍ଗ ଓ ମେଘାଳୟ। ସତର୍କ ଓ ଚେତବାନୀର ଯେଉଁ କାରଣ ଆମେ ଆଗରୁ ଦର୍ଶାଇଛୁ ତାହା ଏହି ରାଜ୍ୟଗୁଡ଼ିକ କ୍ଷେତ୍ରରେ ପ୍ରଯୁଜ୍ୟ।

ଆମ ରାଜ୍ୟରେ ଦୁର୍ଷ୍କମ ଓ ଯୌନ ନିର୍ଯାତନା କ୍ରମାଗତ ବଢ଼ି ଚାଲିଥିବା ଗଣମାଧମରେ ପ୍ରକାଶ ପାଉଥିବା ରିପୋର୍ଟରୁ ସ୍ପଷ୍ଟ। ତେବେ ସରକାରୀ ରିପୋର୍ଟରେ ଏହା ହ୍ରାସ ଘଟିଥିବା ଦର୍ଶାଯାଇଛି। ଗତ ବିଧାନସଭା ଅଧିବେଶନରେ ବିରୋଧୀ ଦଳ ପକ୍ଷରୁ ଏହି ପ୍ରସଙ୍ଗ ଉପସ୍ଥାପନା କରି ଗୃହ କମିଟି ମାଧ୍ୟମରେ ବ୍ୟବସ୍ଥା ଓ କାର୍ଯ୍ୟଧାରାରେ ସଂଶୋଧନ ଆଣିବାକୁ ପରାମର୍ଶ ଦିଆଯାଇଥିଲା। ଗତ ମାର୍ଚ୍ଚ ୭ ତାରିଖରେ କଂଗ୍ରେସ ଦର୍ଶାଇଥିଲା ଯେ ୮ ମାସ ମଧ୍ୟରେ ୫୪ଟି ଗଣଦୁଷ୍କର୍ମ ମାମଲା ରାଜ୍ୟରେ ହୋଇଥିଲେ ହେଁ ଡବଲ୍ ଇଞ୍ଜିନ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। କିନ୍ତୁ ବିଧାନସଭାରେ ବିରୋଧୀ ଦଳର ଆକ୍ଷେପ ଓ କଟୁକ୍ତିର ଉତ୍ତର ଦେଇ ସରକାର ଦର୍ଶାଇଥିଲେ ଯେ ୨୦୨୪ ଜୁନ୍ ୧୨ରେ ବିଜେପି ସରକାର ରାଜ୍ୟରେ କ୍ଷମାସୀନ ହୋଇଥିଲେ। ଗତ ଜୁନ୍‌ରୁ ଚଳିତ ବର୍ଷ ଫେବୃଆରୀ ମାସ ମଧ୍ୟରେ ନାରୀଜନିତ ଅପରାଧ ସଂଖ୍ୟା ୨୨, ୯୪୧ ହୋଇଥିବା ବେଳେ ପୂର୍ବବର୍ଷ ଏହି ସମୟରେ ଅନୁରୂପ ଅପରାଧ ସଂଖ୍ୟା ଥିଲା ୨୩, ୯୪୪। ତେଣୁ ଅପରାଧ ସଂଖ୍ୟା ୪.୧ ପ୍ରତିଶତ ହ୍ରାସ ପାଇଛି। ତେବେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଥିଲେ ଯେ ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡିତ କରାଯିବା କ୍ଷେତ୍ରରେ ପରିଲକ୍ଷିତ ଶୀଥିଳତା ଚିନ୍ତାଜନକ। ପରିସଂଖ୍ୟାନର କୁହୁକ ଯାହା ହେଉନା କାହିଁକି ସାମାଜିକ ଓ ପାରିବାରିକ ଜୀବନରେ ଶୃଙ୍ଖଳା ଫେରିବା ଜରୁରୀ। ଉପୁଜିଥିବା ପରିସ୍ଥିତିର ପ୍ରତିବାଦରେ ଉଭୟ ବିଜେପି ଓ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ଶୋଭାଯାତ୍ରା ଆୟୋଜନ କରାଯାଇଥିବାର ପରିଲକ୍ଷିତ ହୋଇଛି।

ଆମେରିକୀୟ ପ୍ରଶାସନ ଏହି ଚେଚାବନୀ ସମ୍ପର୍କରେ ଉଲ୍ଲେଖ କଲା ବେଳେ ଟ୍ରମ୍ପଙ୍କ ଦୋମୁହାଁ ନୀତି ଓ ଭାରତ ବିରୋଧ କୂଟନୈତିକ ଗୋଟିଚାଳନା ସ୍ୱତନ୍ତ୍ର ଆଲେଚନା ଦାବି କରେ। ପହଲ୍‌ଗାମରେ ପାକ୍ ପ୍ରାୟୋଜିତ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିବା ଘଟଣାରେ ବିଶ୍ୱ ସମୁଦାୟର ଦୁଃଖ ଓ କ୍ଷୋଭ ପ୍ରକାଶ ଆମେରିକାକୁ ବିଚଳିତ କରିପାରିଲାନି। ପାକ୍ ଆତଙ୍କବାଦୀ ବିରୋଧରେ ଭାରତର 'ଅପରେସନ୍ ସିନ୍ଦୂର' ଏକ ନିର୍ଣ୍ଣାକୟ ସ୍ଥିତିରେ ଥିବା ବେଳେ ପାକିସ୍ତାନକୁ ଆନ୍ତର୍ଜାତିକ ସ୍ତରରେ ସହାୟତା ଓ ସମର୍ଥନ ଦେଇଛି ଟ୍ରମ୍ପ ପ୍ରଶାସନ। ସେହି ପ୍ରଶାସନ ପକ୍ଷରୁ ଘୋଷିତ ନିର୍ଦ୍ଦେଶାବଳୀରେ ଭାରତରେ ଆତଙ୍କବାଦୀ ପ୍ରତି ସତର୍କ ରହିବାକୁ ଆମେରିକାର ପର୍ଯ୍ୟଟକଙ୍କୁ ଚେତାବଦୀ ନିଆଯାଇଛି। ଆମକୁ ଏଠରେ ପ୍ରଶ୍ନ କରିବାକୁ ପଡୁଛି ଯେ ଆତଙ୍କବାଦୀ କିଏ ଓ କାହା ପ୍ରରୋଚନରେ ଭାରତରେ ସେ କାର୍ଯ୍ୟକଳାପ ଜାରି ରଖିଛନ୍ତି? ଏ ପ୍ରକାର ଦୋ ମୁହାଁ ନୀତି ବିରୋଧରେ ଭାରତ ମଧ୍ୟ ଆନ୍ତର୍ଜାତିକ ଫୋରମ୍‌ରେ ଆମେରିକାର ମୁଖା ଖୋଲିବା ଉଚିତ।

ଏହା ସତ୍ତ୍ୱେ ମହିଳାଙ୍କୁ ମର୍ଯ୍ୟାଦାଜନକ ଜୀବନ ଜିଇଁବାକୁ ଦିଆଯିବା ଉଚିତ। ସେମାନଙ୍କ ଉପରେ ହେଉଥିବା ନିର୍ଯାତନା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହାକୁ କେନ୍ଦ୍ର କରି ରାଜନୀତି କରିବା ଅପେକ୍ଷା ମାନବୀୟ ମୂଲ୍ୟାବୋଧକୁ ସୁରକ୍ଷା ଦେବା ଦିଗରେ ଦଳମତ ନିର୍ବିଶେଷର କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ମଧ୍ୟ ଜରୁରୀ। ମାତୃଜାତିର ସୁରକ୍ଷା ଓ ସମ୍ମାନ ପାଇଁ କେବଳ ସୁଭଦ୍ରା ଯୋଜନା ନୁହେଁ, ଅନୁରୂପ ଭାବେ ସାମାଜିକ ନିରାପତ୍ତା ବଳୟ ସୃଷ୍ଟି କରିବା ଉଚିତ।

## ଉଭିଦମାନଙ୍କ ବାର୍ତ୍ତା ସଂଚାର

**ବିଦ୍ୟାଧର ମହାରଣା**

ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ। ତାହାର କଥା କହିବା ଏବଂ ଭାବ ପ୍ରକାଶ କରିବାର ଶକ୍ତି ଅଛି। ପ୍ରାଣୀମାନେ କଥା କହି ନପାରିଲେ ମଧ୍ୟ ସ୍ୱର ଓ ଶବ୍ଦ ମାଧ୍ୟମରେ ନିଜର ଭାବ ପ୍ରକାଶ କରିପାରନ୍ତି। ହମ୍ବାରଡ଼ି ଶୁଣି ବାଛୁରୀ ମା' ପାଖକୁ ଦୌଡ଼ି ଆସେ। ହେଲେ ଉଭିଦ ଏହିସବୁ ଗୁଣର କ'ଣ ଅଧିକାରୀ? ଆଜିର ଆଲୋଚନା ଏହାରି ବିଷୟରେ।

ବିଖ୍ୟାତ ବୈଜ୍ଞାନିକ ଚାର୍ଲସ୍ ଡାରୱିନ୍ ପ୍ରକାଶ କରିଥିଲେ ଉଭିଦମାନେ ଚେର ଶେଷରେ ଥିବା ଏକ ମସ୍ତିଷ୍କ ସଦୃଶ ଯନ୍ତ୍ର ସାହାଯ୍ୟରେ ପରସ୍ପର କଥା ହୁଅନ୍ତି। ଆଧୁନିକ ଗବେଷଣା ଏବେ ଏହାକୁ ସିଦ୍ଧ କରିଛି। ଗବେଷଣାରୁ ଜଣାପଡ଼ିଛି ଉଭିଦମାନେ ପରସ୍ପର ଭାବ ପ୍ରକାଶ କରିପାରନ୍ତି। ସେମାନେ ମଧ୍ୟ ପ୍ରାଣୀ ଓ ମାନବ ସହିତ ଭାବ ପ୍ରକାଶ ଜାଣିପାରନ୍ତି। ପ୍ରାଣୀମାନେ ଚଳନକ୍ଷମ ହୋଇଥିବାରୁ ନିଜର ଶବ୍ଦ ଓ ଭାବଭଙ୍ଗୀ ଦ୍ୱାରା ଅନ୍ୟ ସହିତ ବାର୍ତ୍ତା ସଂଚାର କରିପାରନ୍ତି। କିନ୍ତୁ ଉଭିଦ ସ୍ଥିର ହୋଇଥିବାରୁ ସଂଚାର କ୍ଷମତାର ଅଧିକାରୀ ହୋଇ ନପାରେ। ଡାରୱିନ୍ ୧୮୭୦ ମସିହାରେ ନିଜ ପରୀକ୍ଷାରୁ ଜାଣିପାରିଲେ ଗଛର ଚେର ଶୀର୍ଷ ଅଧିକ ସକ୍ରିୟ ଏବଂ ଆଲୋକ, ମାଧ୍ୟାକର୍ଷଣ, ରାସାୟନିକ ପଦାର୍ଥ ଓ ଶବ୍ଦପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଉଭିଦର ବୃଦ୍ଧି ଓ ଚଳନ ପାଇଁ ଚେରଅଗ୍ରରେ ଥିବା ମସ୍ତିଷ୍କ ପରି ବସ୍ତୁ ବାର୍ତ୍ତା ପ୍ରେରଣ କରିପାରେ। ଏଥିରେ ଥିବା ହରମୋନକୁ ପରବର୍ତ୍ତୀ କାଳରେ ଅକ୍ସିନ ବୋଲି କୁହାଗଲା। ଏହି ହରମୋନ ଉଭିଦର ଗୁରୁତ୍ୱପୂର୍ଣ୍ଣ ଶାରୀରିକ କ୍ରିୟାକୁ ନିୟନ୍ତ୍ରଣ କରେ।

ଡାରୱିନ୍‌ଙ୍କ ମତ ଅନୁସାରେ ଉଭିଦମାନେ ଯଦିଓ ସେମାନେ ଗୋଟିଏ ସ୍ଥାନରେ ବଞ୍ଚି ରହନ୍ତି, ବିଭିନ୍ନ ଦିଗକୁ ଗତି କରିପାରିବାରେ ସମର୍ଥ। ଅତ୍ୟାଧୁନିକ ଯନ୍ତ୍ର ଦ୍ୱାରା ଆମେ ଜାଣି ପାରିବା ଯେ ଉଭିଦର ଚେର, ପତ୍ର, କାଣ୍ଡ ଓ ଡଙ୍କ ସର୍ବଦା ଆଲୋକ, ମାଧ୍ୟାକର୍ଷଣ, ଉତ୍ତାପ, ଜଳ ଓ ପୋଷକ ଆଡ଼କୁ ଗତି ପାଇଁ ଚେଷ୍ଟିତ। ସେମାନେ ପରିବେଶ ସମ୍ବନ୍ଧୀୟ କେତେକ ସୂଚନା ପାଇଁ ଗତିକରନ୍ତି ଏବଂ ନିକଟସ୍ଥ ଉଭିଦକୁ ଏହି ସୂଚନା ସାଙ୍କେତିକ ଭାବରେ ପ୍ରସାରଣ କରି ପାରନ୍ତି। ପ୍ରାଣୀଙ୍କ ଭଳି ଉଭିଦ ଚଳନକ୍ଷମ ନହେଲେ ମଧ୍ୟ ଅସୁବିଧା ଦେଖାଗଲେ ଚେରକୁ ଅନ୍ୟତ୍ର ପ୍ରେରଣ କରନ୍ତି। ଉଦାହରଣ ସ୍ୱରୂପ ନିଜର ବର୍ଦ୍ଧନ ପାଇଁ ଆବଶ୍ୟକ ଜଳ, ଆଲୋକ ଓ ଖାଦ୍ୟସାର ନପାଇଲେ ସେମାନେ ଏପରି ଗତିଶୀଳ ହୁଅନ୍ତି। କୈଣସି ଉଭିଦ ପ୍ରତିକୂଳ ପରିବେଶ ପାଇଲେ କିମ୍ବା ରୋଗ ପୋକ ଆକ୍ରମଣର ଶିକାର ହେଲେ ନିକଟସ୍ଥ ଉଭିଦକୁ ସତର୍କ ରହିବାକୁ ବାର୍ତ୍ତା ପ୍ରେରଣ କରନ୍ତି। ଗବେଷଣାରୁ ଜଣାଯାଇଛି କି ଉଭିଦ ବାର୍ତ୍ତା ପ୍ରେରଣ ସୂକ୍ଷ୍ମ ଶବ୍ଦ ବା କେତେକ ରସାୟନ ଦ୍ୱାରା କରିଥାଏ।

କେତେକ ବାଷ୍ପଶୀଳ ଜୈବିକ ଯୌଗିକ ଉଭିଦଗୁଡ଼ିକର ସଞ୍ଚାର କାର୍ଯ୍ୟ କରନ୍ତି। ଏଗୁଡ଼ିକ ହେଲା ଉଭିଦ ଦେହରୁ ବାଷ୍ପ ଆକାରରେ ତ୍ୟାଗ ହେଉଥିବା କ୍ଷୁଦ୍ର ଅଣୁ। କେତେକ ଯୌଗିକ ପ୍ରାଣୀମାନେ ତ୍ୟାଗ କରୁଥିବା ଯୌନ ଉତପ୍ରେରକ ବା ଫେରୋମେନ ସଦୃଶ ଅଟନ୍ତି। ଉଦାହରଣ ସ୍ୱରୂପ ପିମ୍ପୁଡ଼ିମାନେ ଏପରି ଫେରୋମେନ ଦ୍ୱାରା ନିୟନ୍ତ୍ରିତ ହୁଅନ୍ତି। ଉଭିଦ ଶରୀରର ଏପରି ବାଷ୍ପୀୟ ଯୌଗିକକୁ ମିଥାଇଲ ଯାସ୍ମୋନେଟ୍ କୁହାଯାଏ। ପ୍ରାଣୀମାନେ ଗଛକୁ ଆକ୍ରମଣ କଲେ ଏହି ଯୌଗିକ ସୃଷ୍ଟି ହୋଇ ଗଛର ଅନ୍ୟ ଅଂଶକୁ କିମ୍ବା ପାଖ ଗଛକୁ ବାୟୁ ଦ୍ୱାରା ସ୍ଥାନାନ୍ତରିତ ହୁଏ। ଆଉ ଏକ ମିଥାଇଲ ସାଲିସିଲେଟ୍ ଯୌଗିକ ମଧ୍ୟ ଉଭିଦ ଶରୀରରେ ସୃଷ୍ଟି ହୁଏ, ଯାହା ପ୍ରାଣୀମାନଙ୍କ ଯନ୍ତ୍ରଣାନାଶକ ବା ଆସ୍ପିରିନ ପରି କାମ କରେ। ଗୋଟିଏ ଉଭିଦକୁ କୌଣସି ପୋକ ଆକ୍ରମଣ କଲେ ଏହା ଅନ୍ୟ ଉଭିଦକୁ ନିଜର ପ୍ରତିରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ବାସ୍ନା କିମ୍ବା ଶବ୍ଦ ମାଧ୍ୟମରେ ବାର୍ତ୍ତା ପ୍ରେରଣ କରେ। ଉଭିଦ ସୃଷ୍ଟି କରୁଥିବା କେତେକ ବାଷ୍ପୀୟ ଜୈବିକ ଯୌଗିକ ପ୍ରତିରକ୍ଷା ପାଇଁ ଏବଂ ଆଉ କେତେକ ଉପକାରୀ କବକ ଓ ବ୍ୟାକ୍ଟେରିଆ ଆକର୍ଷଣ କରିବା ପାଇଁ ବ୍ୟବହୃତ ହୁଏ।

ଉଭିଦମାନେ ଶବ୍ଦ ମାଧ୍ୟମରେ ମଧ୍ୟ ବାର୍ତ୍ତା ପ୍ରେରଣ କରିପାରନ୍ତି। କିନ୍ତୁ ଆମେ ଏହାକୁ ଶୁଣି ପାରୁନା। ମଣିଷର କର୍ଣ୍ଣ ଶବ୍ଦର ବେଗ ୨୨୦ ରୁ ୨୦୦୦୦ ହର୍ଷ ଶୁଣିପାରେ। ୨୦ ହର୍ଷ ରୁ କମ୍ ଶବ୍ଦକୁ ସବ୍ ସୋନିକ ଓ ୨୦୦୦୦ ହର୍ଷ ରୁ ଅଧିକ ହେଲେ ଅଲ୍ଟ୍ରାସୋନିକ କୁହଯାଏ। ଉଭିଦ ଅତି ଧୀରେ ଶବ୍ଦ ପ୍ରେରଣ କରୁଥିବାରୁ ତାହା ଆମର କର୍ଣ୍ଣଗୋଚର ହୁଏନାହିଁ। କେତେକ ଉଭିଦ ଭଲ ପଡ଼ୋଶୀ ଉଭିଦ ସହ ସୁନ୍ଦର ଭାବରେ ବଢ଼ନ୍ତି ଏବଂ କେତେକ ଉଭିଦକୁ ଭଲ ପାଆନ୍ତି ନାହିଁ। ଅଷ୍ଟ୍ରେଲିଆର ଏକ ପରୀକ୍ଷାରୁ ଜଣାଯାଏ କି ତୁଳସୀ ପାଖରେ ଲଙ୍କା ଗଛ ଭଲ ବଢ଼େ। ଚୀନର ବୈଜ୍ଞାନିକ ଶବ୍ଦତରଙ୍ଗ ମାଧ୍ୟମରେ ଫସଲର ଅମଳହାର ବୃଦ୍ଧି ପାଇଁ ପରୀକ୍ଷା କରୁଛନ୍ତି। ସେଥିପାଇଁ ପୁରୁଣା ମାଳି କହେ ଗଛ ସହିତ କଥା ହୁଅନ୍ତୁ। ଆଉ କେତେକ ବୈଜ୍ଞାନିକ ଜାଣି ପାରିଛନ୍ତି ଶବ୍ଦ ତରଙ୍ଗର ବେଗ ଜିନ୍ ପରିପ୍ରକାଶକୁ ପରିବର୍ତ୍ତନ କରିପାରେ। ଏପରିକି ଶବ୍ଦ ପ୍ରଭାବରେ ଉଭିଦ ଶରୀରରେ ରାସାୟନିକ ପ୍ରତିକ୍ରିୟାରେ ପରିବର୍ତ୍ତନ ଦେଖାଯାଏ। ବର୍ତ୍ତମାନ ସମୟରେ ଆମେ ଏତିକି କହିପାରିବା ଯେ ଉଭିଦମାନେ ରାସାୟନିକ ଯୌଗିକ କିମ୍ବା ଶବ୍ଦ ମାଧ୍ୟମରେ ପରସ୍ପରକୁ ବାର୍ତ୍ତା ପ୍ରେରଣ କରନ୍ତି। ଆମେ ଗଛର ଫୁଲ ତୋଳିବା ବେଳେ କିମ୍ବା ଗଛକୁ ଆଘାତ ଦେବା ବେଳେ ଗଛ ପଡ଼ୋଶୀ ଗଛକୁ ବାର୍ତ୍ତା ପ୍ରେରଣ କରେ, ଯାହାକୁ ଆମେ ଶୁଣିବାରେ ଅସମର୍ଥ।

ଉଭୟ ଉଭିଦ ଓ ଚାଷୀ ପରସ୍ପର ବାର୍ତ୍ତା ସଂଚାର କରି ପାରିବେ କି ନାହିଁ ସେ ସମ୍ବନ୍ଧରେ ନ୍ୟାସନାଲ ସାଇନ୍ସ ଫାଉଣ୍ଡେସନ ଅନୁଦାନ ପ୍ରାପ୍ତ ଉଭିଦ ପ୍ରଣାଳୀ ଉପରେ କାର୍ଯ୍ୟକ୍ରମ ଯୋଗ୍ୟ ଗବେଷଣା କେନ୍ଦ୍ର ଗବେଷଣା କରିଛନ୍ତି। ଶୁଷ୍କ ବାତାବରଣରୁ ରକ୍ଷା ପାଇବା ପାଇଁ ଉଭିଦ ରଣାତ୍ମକ ଚାପ ଫଳରେ ନିଜର ଚେର, କାଣ୍ଡ ଓ ପତ୍ରରେ ଜଳ ସଞ୍ଚୟ କରି ରଖେ। ଏହାପରେ ଉଭିଦ ଶରୀରରେ ବାର୍ତ୍ତା ସଂଚାର ହୋଇଥାଏ। ୧୦୦ ବର୍ଷ ପୂର୍ବେ ବୈଜ୍ଞାନିକମାନେ ପ୍ରଶ୍ନ କରିଥିଲେ ପ୍ରତିବଳକାରୀ (ଷ୍ଟ୍ରେସର) ପ୍ରଭାବରେ କିପରି ଉଭିଦ ଗୋଟିଏ ଅଂଶରୁ ଅନ୍ୟତ୍ର ବାର୍ତ୍ତା ପ୍ରେରଣ କରେ। କେତେକ ମନେକଲେ କି ଉଭିଦ ହରମୋନ କିମ୍ବା ରାସାୟନିକ ପଦାର୍ଥ ମାଧ୍ୟମରେ ବାର୍ତ୍ତା ପ୍ରେରଣ କରେ। ଆଉ କେତେକ ମନେକଲେ ଏପରି ବାର୍ତ୍ତା ପ୍ରେରଣ ହୁଏତ ଯାନ୍ତ୍ରିକ ଉପାୟରେ ହୋଇଥାଏ। ବୈଜ୍ଞାନିକ ବାଛେବା ଏବଂ ତାଙ୍କ ସହଯୋଗୀମାନେ ବର୍ତ୍ତମାନ ଏକ ପୂର୍ବ-ସୂଚନାଯୋଗ୍ୟ ମଡେଲ ଏବଂ ଏକୀଭୂତ ଢାଞ୍ଚା ଦ୍ୱାରା ବୁଝାଇଛନ୍ତି କିପରି ପ୍ରତିବଳକାରୀ ପ୍ରଭାବରେ ଚାପ ପରିବର୍ତ୍ତନ ସମୟରେ ଉଭିଦ ଯାନ୍ତ୍ରିକ ଓ ରାସାୟନିକ ସଂକେତ ମାଧ୍ୟମରେ ବାର୍ତ୍ତା ପ୍ରେରଣ କରନ୍ତି। ଉଭିଦର ପରିବହନ ପ୍ରଣାଳୀ କେତେକ ନଳୀକୁ ନେଇ ଗଠିତ, ଯାହା ନମନୀୟ ପେଶୀ ମଧ୍ୟରେ ଚାପ ସୃଷ୍ଟି କରନ୍ତି। ଯେତେବେଳେ କୌଣସି ଆଘାତରୁ ଅଥବା କୀଟ ଆକ୍ରମଣ ଦେଖାଯାଏ ସେତେବେଳେ ଉଭିଦ ଶରୀରର ଚାପ ପରିବର୍ତ୍ତନ ହୁଏ। ଫଳରେ ନିମ୍ନ ଭାଗକୁ ବାର୍ତ୍ତା ସଂଚାର ହୁଏ। ବୈଜ୍ଞାନିକମାନେ ମତ ଦିଅନ୍ତି ଯେ ଚାପ ପରିବର୍ତ୍ତନ ଫଳରେ ଉଭିଦ ଶରୀରରେ ସାମୂହିକ ପ୍ରବାହ ହୁଏ, ଯେଉଁଥିରେ କ୍ଷତିଗ୍ରସ୍ତ ଅଂଶରୁ ନିର୍ଗତ ରାସାୟନିକ ପଦାର୍ଥ ଅନ୍ୟ ଅଂଶକୁ ସ୍ଥାନାନ୍ତରିତ ହୋଇଥାଏ। ଗୋଟିଏ ପରିକଳ୍ପନା(ହାଇପୋଥେସିସ) ହୋଇପାରେ ଯେ ଏପରି ରାସାୟନିକ ପଦାର୍ଥ ଏକ ବିଷାକ୍ତ ଅମ୍ଳ ସୃଷ୍ଟି କରେ, ଯାହାକି କୀଟମାନଙ୍କୁ ବିକର୍ଷଣ କରେ। ଚାପ ପରିବର୍ତ୍ତନ ଫଳରେ ପରିବହନ ନଳୀ ଚାରିପାଖରେ ଯାନ୍ତ୍ରିକ ସମ୍ବେଦନଶୀଳ ନଳୀ ସୃଷ୍ଟି ହୁଏ ଏବଂ ଏହାଦ୍ୱାରା କ୍ୟାଲସିୟମ ଓ ଅନ୍ୟାନ୍ୟ ଆୟନ୍ ନିମ୍ନକୁ ଗତି କରେ। ଏହି କ୍ୟାଲସିୟମ ପ୍ରବାହ ନିଜକୁ ସୁରକ୍ଷିତ ରଖିବାକୁ ଜିନ୍‌କୁ ବାର୍ତ୍ତା ଦେଇଥାଏ। ବୈଜ୍ଞାନିକ ବାଛେଭା କହନ୍ତି ଏହି ଉଭିଦଠାରୁ ସେମାନେ ଅନୁଭବ କରୁଥିବା ତଥ୍ୟ ମିଳିପାରିବ। ଏପରି ଉଭିଦ ଜଳ ଆବଶ୍ୟକ କରୁଥିବା ସମୟରେ ସେମାନଙ୍କ ରଙ୍ଗ ବଦଳାଇବେ କିମ୍ବା ଫ୍ଲୁରୋସେଣ୍ଟ ଆଲୋକ ତ୍ୟାଗ କରିପାରିବେ। ଏହାଦ୍ୱାରା ଉଭିଦ ନିଜର ବାର୍ତ୍ତା ପ୍ରେରଣ କରିବା ସହିତ ଚାଷୀ ମଧ୍ୟ ଜଣାଇ ଦେବ କି ଆଗକୁ ଶୁଖିଲା ପାଗ ଥିବାରୁ ଉଭିଦ ଅଧିକ ଦକ୍ଷତାର ସହ ଜଳ ବିନିଯୋଗ କରିବା ଆବଶ୍ୟକ।

ଆପ୍ତ ବାକ୍ୟରେ ଏତିକି କୁହାଯାଇ ପାରେକି ଉଭିଦ ଆମର ମିତ୍ର ଏବଂ ଆମେ ତା'କୁ ଭଲପାଇବା କଥା। 'ଜୀବେ ଦୟା' ଉକ୍ତିଟି ଉଭିଦ ପାଇଁ ମଧ୍ୟ ପ୍ରଯୁଜ୍ୟ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ପରିସଂସ୍ଥୀୟ ପାଦଚିହ୍ନ ଓ ସ୍ଥାୟୀ ବିକାଶ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ପ୍ରକୃତିର ସମ୍ପଦକୁ ଆଧୁନିକ ମଣିଷ ଆଦିମ ମଣିଷ ତୁଳନାରେ ଏବଂ ସହରାଞ୍ଚଳର ମଣିଷ ଗ୍ରାମାଞ୍ଚଳର ମଣିଷ ତୁଳନାରେ ଅଧିକ ବ୍ୟବହାର କରେ। ସେହିପରି ବିକଶିତ ଦେଶଗୁଡ଼ିକର ମୁଣ୍ଡପିଛା ପ୍ରାକୃତିକ ସମ୍ପଦ ବ୍ୟବହାର ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କ ତୁଳନାରେ ଅଧିକ। ଏହାକୁ ପରିସଂସ୍ଥୀୟ ବା ପରିବେଶଗତ ପାଦଚିହ୍ନ ବା ଅଙ୍ଗାର ପଦଚିହ୍ନ କୁହାଯାଏ। ଯେତେବେଳେ 'ଧରିତ୍ରୀ'ର ସମ୍ପଦ ଅତ୍ୟଧିକ ବ୍ୟବହାର କରାଯାଏ, ଏହାକୁ ପରିବେଶଗତ କରଜ କିମ୍ବା 'ଧରିତ୍ରୀ ସୀମା ଲଙ୍ଘନ ଦିବସ'(ଆର୍ଥ ଓଭରସୁଟ୍ ଡେ) କୁହାଯାଏ। ଆର୍ଥ ଓଭରସୁଟ୍ ଡେ ସେହି ତାରିଖକୁ ଚିହ୍ନିତ କରେ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ବର୍ଷରେ ପ୍ରାକୃତିକ ସମ୍ପଦ ଓ ସେବା ପାଇଁ ମଣିଷର ଚାହିଦାସେହି ବର୍ଷରେ ଧରିତ୍ରୀର ପରିସଂସ୍ଥାର ପୁନରୁତ୍ପତ୍ତିଠାରୁ ଅଧିକ ହୋଇଯାଏ। ୧୯୭୧ ମସିହାରୁ 'ଧରିତ୍ରୀ ସୀମା ଲଙ୍ଘନ ଦିବସ' ଗଣନା କରାଯାଉଛି। ୧୯୭୧ରେ ଏହି ଦିବସ ଡିସେମ୍ବର ୨୫ ତାରିଖ ଥିବା ବେଳେ ତାହା କ୍ରମାଗତ ହ୍ରାସ ପାଇ ୧୯୮୧ରେ ନଭେମ୍ବର ୨୦, ୧୯୯୧ରେ ଅକ୍ଟୋବର ୨୦, ୨୦୦୧ରେ ସେପ୍ଟେମ୍ବର ୧୩, ୨୦୧୧ରେ ଅଗଷ୍ଟ ୬, ୨୦୨୧ରେ ଅଗଷ୍ଟ ୩, ୨୦୨୪ରେ ଅଗଷ୍ଟ ୧ରେ ପହଞ୍ଚିଛି। ଭାରତ ପାଇଁ ଏହା ୨୦୨୪ରେ ଅଗଷ୍ଟ ୧, ଜାପାନ ପାଇଁ ମେ' ୩୦, ଚୀନ ପାଇଁ ୧୨ ଜୁନ୍, ନେପାଳ ପାଇଁ ଅଗଷ୍ଟ ୩। ଏହାର ଅର୍ଥ, ସାମୂହିକ ଭାବରେ, ମଣିଷ ବା ମାନବ ସମାଜକୁ ଏହାର ସମ୍ପଦ ଚାହିଦା ପୂରଣ କରିବା ପାଇଁ ୧.୭୫ ଧରିତ୍ରୀ ଆବଶ୍ୟକ ହେବ।

ଜାତିସଂଘ ବ୍ୟବସ୍ଥା ମଧ୍ୟରେ ପରିବେଶଗତ ସମସ୍ୟାଗୁଡ଼ିକର ପ୍ରତିକ୍ରିୟା ଓ ସମନ୍ୱୟ କ୍ଷେତ୍ରରେ ସଂଯୋଜନା କରିବା ପାଇଁ ଗଠିତ ୟୁଏନ୍‌ଇପି ଲକ୍ଷ୍ୟ ହେଉଛି ଭବିଷ୍ୟତ ପିଢ଼ିଙ୍କୁ ପରିବେଶଗତ ସଙ୍କଟକୁ ଠେଲି ନଦେଇ ବିଶ୍ୱ ଜନତାଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିବାକୁ ପ୍ରେରଣା, ସୂଚନା ଓ ସକ୍ଷମ କରିବା। ୧୯୮୮ ମସିହାରେ ୟୁଏନ୍‌ଇପି ଓ ବିଶ୍ୱ ପାଣିପାଗ ସଂଗଠନ ମିଳିତ ଭାବରେ ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃସରକାରୀ ପ୍ୟାନେଲ(ଆଇପିସିସି) ପ୍ରତିଷ୍ଠା କରିଥିଲେ। ପ୍ରତିବର୍ଷ ଯେ କୌଣସି ଏକ ଦେଶ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ବିଶ୍ୱସ୍ତରୀୟ ଉତ୍ସବ ଆୟୋଜନ କରେ।

ଜଳବାୟୁ ନିୟନ୍ତ୍ରଣ କାର୍ଯ୍ୟ, ସ୍ଥାୟୀ ଉତ୍ପାଦନ ଓ ବ୍ୟବହାର, ସାଗର ଓ ମହାସାଗରର ସୁରକ୍ଷା, ପରିସଂସ୍ଥାନ ପରିଚାଳନା ଓ ପୁନରୁଦ୍ଧାର, ଜୈବ ବିବିଧତା ବଜାୟ ରଖିବା ସମେତ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତ ହେବା ଜରୁରୀ। ପ୍ଲାଷ୍ଟିକ୍ ସମୁଦ୍ରକୁ ପ୍ରଦୂଷିତ କରେ, ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବନ୍ୟପ୍ରାଣୀ ଓ ମାନବ ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା ସୃଷ୍ଟି କରେ ଏବଂ ପରିବେଶକୁ କ୍ଷତି ପହଞ୍ଚାଏ। ମାଇକ୍ରୋପ୍ଲାଷ୍ଟିକ୍ ବା କ୍ଷୁଦ୍ର ପ୍ଲାଷ୍ଟିକ ଖଣ୍ଡ ପାନୀୟ ଜଳ, ଆମେ ପ୍ରଶ୍ୱାସ ନେଉଥିବା ବାୟୁରେ ମିଶି ଶରୀର ଭିତରକୁ ଚାଲିଯାଏ। ବିଶ୍ୱ ବାର୍ଷିକ ୪୩୦ (୪୩ କୋଟି) ନିୟୁତ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ଉତ୍ପାଦନ କରେ, ଯାହାର ଦୁଇ-ତୃତୀୟାଂଶ କ୍ଷଣସ୍ଥାୟୀ ଉତ୍ପାଦ। ଦଶନ୍ଧି ଦଶନ୍ଧି ଧରି ପ୍ଲାଷ୍ଟିକ୍ ପ୍ରଦୂଷଣ ବିଶ୍ୱର ପ୍ରତ୍ୟେକ କୋଣରେ ପ୍ରବେଶ କରିଛି। ପ୍ଲାଷ୍ଟିକ୍ ପ୍ରଦୂଷଣର ବାର୍ଷିକ ସାମାଜିକ ଏବଂ ପରିବେଶଗତ ମୂଲ୍ୟ ୩୦୦ ବିଲିୟନ ଆମେରିକୀୟ ଡଲାରରୁ ୬୦୦ ବିଲିୟନ ଆମେରିକୀୟ ଡଲାର ବୋଲି ଆକଳନ କରାଯାଇଛି।

ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସିନ୍ଥେଟିକ୍ ପ୍ଲାଷ୍ଟିକ୍ ଥିଲା ବେକେଲାଇଟ୍, ଯାହା ୧୯୦୭ ମସିହାରେ ନ୍ୟୁୟର୍କରେ ଲିଓ ବେକେଲାଣ୍ଡ ଦ୍ୱାରା ଉଦ୍ଭାବିତ ହୋଇଥିଲା। ଆଜି ଡଜନ ଡଜନ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍ ଉତ୍ପାଦିତ ହେଉଛି। ପଲିମର ରସାୟନ ବିଜ୍ଞାନର ଜନକ ଭାବେ ହର୍ମାନ ଷ୍ଟଉଡିଙ୍ଗର୍ ନୋବେଲ୍ ପୁରସ୍କାର ମଧ୍ୟ ପାଇଛନ୍ତି। ପଲିମର ଭୌତିକ ବିଜ୍ଞାନର ଜନକ ଭାବରେ ହର୍ମାନ ମାର୍କ ମଧ୍ୟ ପରିଚିତ। ଅଧିକାଂଶ ପ୍ଲାଷ୍ଟିକ୍ ପ୍ରାକୃତିକ ଗ୍ୟାସ୍ ଓ ପେଟ୍ରୋଲିୟମ୍ ରୁ ଉତ୍ପାଦିତ ହେଉଥିବା ବେଳେ କେତେକ ପଲିଲାକ୍ଟିକ୍ ଏସିଡ୍ ଭଳି ନବୀକରଣୀୟ ସମ୍ବଳରୁ ଉତ୍ପାଦିତ ହୁଏ। ସରଳ ଶବ୍ଦରେ ବୁଝିବାକୁ ଗଲେ, ପ୍ଲାଷ୍ଟିକ୍ ଅର୍ଥ ହେଉଛି ପେଟ୍ରୋକେମିକାଲ୍-ଉତ୍ପନ୍ନ ଉତ୍ପାଦଗୁଡ଼ିକର କଠିନ ସିନ୍ଥେଟିକ୍। ପ୍ଲାଷ୍ଟିକ୍ ଏବେ ଏକ ଅତ୍ୟାବଶ୍ୟକୀୟ ସାମଗ୍ରୀ ହୋଇପଡ଼ିଛି। ଏହାର କମ୍ ଓଜନ, ସ୍ଥାୟୀତ୍ୱ, ନମନୀୟତା, ରାସାୟନିକ ପ୍ରତିରୋଧ, କମ୍ ମୂଲ୍ୟର ଉତ୍ପାଦନ ଏବଂ ପରିଚାଳନା କରିବା ସହଜ ହେତୁ ଏହା ଦୀର୍ଘ ବର୍ଷ ଧରି ରହିବ। କିନ୍ତୁ ସମସ୍ୟା ହେଉଛି ଏକକ ବ୍ୟବହାର ଏବଂ ମାଇକ୍ରୋପ୍ଲାଷ୍ଟିକ୍(୫ମିମିରୁ କମ୍ ବ୍ୟାସ ବିଶିଷ୍ଟ ପ୍ଲାଷ୍ଟିକ୍ ଖଣ୍ଡ ଓ କଣିକା), ଯାହା ପାଣିରେ ଅଦ୍ରବଣୀୟ। ଯେତେବେଳେ ଏହାର ବ୍ୟାସ ୧ ମିମି ରୁ କମ୍ ହୁଏ ସେତେବେଳେ ସେଗୁଡିଙ୍କୁ ନାନୋ-ପ୍ଲାଷ୍ଟିକ୍ କୁହାଯାଏ। ଏହି ପଦାର୍ଥଗୁଡ଼ିକ ପ୍ରସାଧନ, ପୋଷାକ, ନିର୍ମାଣ, ନବୀକରଣ, ଖାଦ୍ୟ ପ୍ୟାକେଜିଂ ଏବଂ ଶିଳ୍ପ ପ୍ରକ୍ରିୟା ସମେତ ବିଭିନ୍ନ ଉତ୍ସରୁ ଜାତ। ଏହି ନାନୋ ପ୍ଲାଷ୍ଟିକ୍ ହିଁ ବାୟୁ, ଜଳ, ଖାଦ୍ୟ ଏବଂ ପ୍ରାକୃତିକ ଇକୋସିଷ୍ଟମ ମାଧ୍ୟମରେ ଆମ ଶରୀରର ରକ୍ତ, ଲାଳ, ଯକୃତ, ପାକସ୍ଥଳୀ, ପ୍ରଜନନ ଅଙ୍ଗ, ବୃକକ୍, ଫୁସଫୁସ ଓ ପ୍ଲାସେଣ୍ଟାକୁ ପ୍ରବେଶ କରନ୍ତି। ଏହାର ପ୍ରଭାବରେ ଅକ୍ସିଡେଟିଭ୍ ଚାପ, ଡିଏନଏ କ୍ଷତି, ଅଙ୍ଗ ଅକ୍ଷମତା, ଶରୀରର ଜୈବ ରାସାୟନିକ ପ୍ରକ୍ରିୟାରେ ବ୍ୟତିକ୍ରମ, ରୋଗ ପ୍ରତିରୋଧକ ଶକ୍ତି ବାଧାପ୍ରାପ୍ତ, ସ୍ନାୟବିକ ଅସୁବିଧା, ଏବଂ ପ୍ରଜନନ ପ୍ରକ୍ରିୟାରେ ବାଧା ଇତ୍ୟାଦି ଅନ୍ତର୍ଭୁକ୍ତ। ରକ୍ତବାହୀ ନଳୀରେ ମାଇକ୍ରୋପ୍ଲାଷ୍ଟିକ୍ ଚିନ୍ତା ସୃଷ୍ଟି କରିଛି, ଯେଉଁଥିରେ ହୃଦଘାତ, ପ୍ରଦାହ, କର୍କଟ, ବିକାଶାତ୍ମକ ବିଳମ୍ବ ଏବଂ ରକ୍ତ ଜମାଟ ବାନ୍ଧିବାର ବିପଦ ବୃଦ୍ଧି ପାଇଛି।

ମିଳିତ ଜାତିସଂଘ ସଦସ୍ୟ ରାଷ୍ଟ୍ରମାନେ ବର୍ତ୍ତମାନ ପ୍ଲାଷ୍ଟିକ ଉପରେ ଏକ ଆଇନଗତ କଟକଣା ପାଇଁ ଆନ୍ତର୍ଜାତୀୟ ଚୁକ୍ତିନାମା ସମ୍ପର୍କରେ ଆଲୋଚନା କରୁଛନ୍ତି। ଜାତିସଂଘ ଦ୍ୱାରା ଧାର୍ଯ୍ୟ ୧୭ ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ଆବଶ୍ୟକ। ଆମ ଧରିତ୍ରୀ ଗ୍ରହ, ଆମର ଦାୟିତ୍ୱ। ଆସନ୍ତୁ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଆମେ ସମସ୍ତେ ମିଳିମିଶି ଏବେଠୁ କାର୍ଯ୍ୟ କରିବା।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## କବିପୁତ୍ର ଭଗବାନ ମେହେର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

କବିପୁତ୍ର-ଏହା କ'ଣ ଏକ ଉପାଧି? ଏତକ ହିଁ ହୋଇପାରେ କାହାର ଶ୍ରେଷ୍ଠ ପରିଚିତି? ସର୍ବୋତ୍ତମ ଗୌରବ ଓ ସୌନ୍ଦର୍ଯ୍ୟ?ଏପରି ଜିଜ୍ଞାସା କାହାରି କାହାରି ମଧ୍ୟରେ ଉଦିତ ହେବା ଅସ୍ୱାଭାବିକ ନୁହେଁ। ସମଗ୍ର ଓଡ଼ିଆ ସାହିତ୍ୟ ଜଗତରେ ଏହି ଅନନ୍ୟ ମର୍ଯ୍ୟାଦା ଲାଭ କରିଛନ୍ତି ଜଣେମାତ୍ର। ସେ ହେଉଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସୁଯୋଗ୍ୟ ସନ୍ତାନ ଭଗବାନ ମେହେର।

ଗଙ୍ଗାଧର ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ। ତେଣୁ ଭଗବାନଙ୍କ ହାତରେ ଅର୍ପଣ କରିଦେଲେ ନିଜ କାବ୍ୟକବିତାର ପାଣ୍ଡୁଲିପି ପ୍ରସ୍ତୁତ କରିବାର ଗୁରୁଦାୟିତ୍ୱ। ଭଗବାନ ମେହେର ସ୍ୱୀକାର କରିଛନ୍ତି ଯେ, ତାହା ହିଁ ସଂଚାର କରିଥିଲା ତାଙ୍କ ଭିତରେ ନବୀନ-ଜୀବନ-ଦୀପ୍ତି। ପୁଣି ଗଙ୍ଗାଧର ପୁତ୍ର ପ୍ରାଣରେ ଭରିଦେଲେ ସୁବିଶାଳ ସାହିତ୍ୟ ଜଗତ ସହିତ ଆତ୍ମିକସ୍ତରରେ ସଂଯୁକ୍ତ ହୋଇ ରହିବାର ବିରଳ କଳା। ଯୌବନ କାଳରେ ପିତାଙ୍କ ସାହିତ୍ୟାଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ସେ ରଚନା କରନ୍ତି କେତେ କବିତା। ପ୍ରେରଣ କରିଦିଅନ୍ତି ପତ୍ରପତ୍ରିକାକୁ। ସେସବୁ ପ୍ରକାଶିତ କବିତାର ସଂକଳନ ଟିଏ ସୁଦ୍ଧା କଲେ ନାହିଁ ସେ ବିଶିଷ୍ଟ ସାହିତ୍ୟିକମାନଙ୍କ ଅନୁରୋଧ ସତ୍ତ୍ୱେ। ଗୋପୀନାଥ ମହାନ୍ତି, ମାୟାଧର ମାନସିଂହଙ୍କ ପରି ମହାନ ସାହିତ୍ୟ ସାଧକଙ୍କ ଅନୁରୋଧ ରକ୍ଷା କରି ଜୀବନର ଅନ୍ତିମ ପର୍ଯ୍ୟାୟରେ ଲେଖିଲେ ପିତାଙ୍କ ପ୍ରାମାଣିକ ଜୀବନୀ ଗ୍ରନ୍ଥ 'ପିତୃପ୍ରସଙ୍ଗ'। ଏ ପୁସ୍ତକ ଓଡ଼ିଆ ଚରିତ ସାହିତ୍ୟରେ କେବଳ ନୁହେଁ, ଭାରତୀୟ ଜୀବନୀ ସାହିତ୍ୟରେ ଯେ ସ୍ୱତନ୍ତ୍ର ଔଜ୍ଜ୍ୱଲ୍ୟ ବିକିରଣ-କ୍ଷମ ଉଚ୍ଚକୋଟୀର ଜୀବନାଲେଖ୍ୟ, ଏହା ବିଦ୍ୱାନ ବୃନ୍ଦଙ୍କ ଦ୍ୱାରା ସ୍ୱୀକୃତ। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସୁପୁତ୍ର ରଥୀନ୍ଦ୍ରନାଥ, ମହାନ କଥା ସମ୍ରାଟ ପ୍ରେମଚାନ୍ଦଙ୍କ ସୁଯୋଗ୍ୟ ସନ୍ତାନ ଅମୃତ ରାୟ ଅଥବା ଭାରତର ପୂର୍ବତନ ରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କ ଉତ୍ତର ଦାୟାଦ ଏସ. ଗୋପାଳଙ୍କ ଦ୍ୱାରା ଉପସ୍ଥାପିତ ଅନୁଭୂତି ସହିତ ତାହା ତୁଳନୀୟ ହୋଇପାରେ। ତେବେ ଏ ଗ୍ରନ୍ଥର ଯାହା ହେଲା ସର୍ବଶ୍ରେଷ୍ଠ ଆକର୍ଷଣ, ତାହା ତାଙ୍କର ଅତି ବିନୀତ ଗଦ୍ୟ ଶୈଳୀ, ଯାହାର ସୃଷ୍ଟି ଉତ୍ସ ତାଙ୍କ ବିନମ୍ର ଆତ୍ମା। କୌଣସି ସ୍ଥାନରେ ପିତୃ ପ୍ରଶଂସାରେ ସେ ଆଦୌ ସାମାନ୍ୟ ମଧ୍ୟ ପ୍ରଗଳଭ ନୁହନ୍ତି। ଜଣେ ପ୍ରତ୍ୟକ୍ଷଦର୍ଶୀ ଭାବରେ ପିତାଙ୍କ ଜୀବନକୁ ଅତିନିକଟରୁ ଯେପରି ନିରୀକ୍ଷଣ କରିଛନ୍ତି, ଅବିକଳ ଅନୁରୂପ ଭାବରେ ଅଙ୍କନ କରିଛନ୍ତି ଅନାସକ୍ତ ଅଥଚ ଶ୍ରଦ୍ଧାଦୀପ୍ତ ଭାବ ନେଇ। ନିଜ କଥା ବର୍ଣ୍ଣନା କରିବାର ସବୁ ସୁଯୋଗ ଉନ୍ମୁକ୍ତ ରହିଥିବା ସତ୍ତ୍ୱେ ସର୍ବଦା ଆପଣାକୁ ରଖିଛନ୍ତି ଅନ୍ତରାଳରେ।

କବିଙ୍କ ସମାଧି ପ୍ରତିଷ୍ଠା ଠାରୁ ଆରମ୍ଭ କରି ତାଙ୍କର ପ୍ରତିମୂର୍ତ୍ତି ନିର୍ମାଣ, ଗଙ୍ଗାଧର ସ୍ମୃତି ଭବନ ନିର୍ମାଣ, ଗଙ୍ଗାଧର ଗ୍ରନ୍ଥାବଳୀ ପ୍ରକାଶନ କେଉଁଥିରେ ତାଙ୍କ ଅବଦାନ ଓ ପ୍ରେରଣା ପ୍ରାଣସ୍ପର୍ଶୀ ନୁହେଁ? ପୁଣି ନିଜ ଜନ୍ମଗ୍ରାମ ବରପାଲିକୁ ଏକ ଆଦର୍ଶ ପଲ୍ଲୀ ଭାବରେ ଗଠନ କରିବାର ଯେଉଁ ସ୍ୱପ୍ନ ଦେଖିଥିଲେ ଗଙ୍ଗାଧର ତାହାକୁ ସଫଳ କରିଛନ୍ତି କବିପୁତ୍ର। 'ପଦ୍ମିନୀ' କାବ୍ୟଟିକୁ ସମ୍ପୂର୍ଣ୍ଣ କରିପାରି ନଥିଲେ ଗଙ୍ଗାଧର। ତାହାକୁ ମଧ୍ୟ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରିଛନ୍ତି ସେ। ଯେଉଁଠୁ ପିତା ପୁତ୍ରଙ୍କ ରଚନାଶୈଳୀ ମଧ୍ୟରେ ପାର୍ଥକ୍ୟ ନିରୂପଣ ସହଜସାଧ୍ୟ ହୋଇ ପାରେନା। କବିଙ୍କ ତଥା ନିଜ ପ୍ରିୟ ଜନ୍ମଗୃହ, ପୂର୍ବପୁରୁଷଙ୍କ ଭିଟାମାଟି ସେ ଓଡ଼ିଶା ସରକାରଙ୍କ ହାତକୁ ଟେକିଦେଲେ ୧୯୭୦ ମସିହାରେ ଜାତୀୟ ସମ୍ପତ୍ତି ଭାବରେ ତା'କୁ ସଂରକ୍ଷିତ ରଖିବାକୁ। ଭଗବାନ ମେହେରଙ୍କ ସାହିତ୍ୟବୋଧ ଥିଲା କି ସମ୍ପ୍ରସାରିତ, ତାହା ହିଁ ପ୍ରତିପାଦିତ ହୋଇଯାଏ ଏହି ସମସ୍ତ ଉତ୍ସର୍ଗୀକୃତ ଚେତନାରୁ।

ନିଜ ପିତାଙ୍କ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ତାଙ୍କ ଜୀବନ କି ବିନୀତ ଓ ବୈଶିଷ୍ଟ୍ୟ ବିମଣ୍ଡିତ ତାହା ଯଥାର୍ଥ ଭାବରେ ଅନୁଶୀଳନ କରିପାରିବା ଏ ସମୟର ଏକ ଅର୍ଥପୂର୍ଣ୍ଣ ଆହ୍ୱାନ। ନିଜକୁ ନିଃଶେଷ କରି ମହାନ ପିତାଙ୍କ ଆଦର୍ଶ ପାଇଁ ନିଗାଡ଼ି ଦେବାର ଏହି ସାରସ୍ୱତ କୌଳିନ୍ୟ ସାହିତ୍ୟ ଜଗତର ଯେ ହୋଇପାରେ ଏକ ସର୍ବୋତ୍କୃଷ୍ଟ କଳା, ଏ ସତ୍ୟର ସାର୍ଥକ ସଂକେତ ହୋଇ ରହିବେ କବିପୁତ୍ର ଭଗବାନ ମେହେର। ନିଜକୁ ସର୍ବଦା ପରଦା ପଶ୍ଚାତରେ ରଖିଥିବା ଏପରି ଜଣେ ମହାନ ଶିଳ୍ପୀଙ୍କୁ ତଥାପି ଏ ଜାତି ଯଥାର୍ଥ ଭାବରେ ଯେ ଆକଳନ କରିପାରିନାହିଁ, ତାହା ହିଁ ସାହିତ୍ୟ ଭାରତୀଙ୍କ ଏକ ଅନ୍ତର୍ବେଦନା। ସେ କଥା ହୃଦୟଙ୍ଗମ କରିବା ପାଇଁ କେତେଜଣ ସମର୍ଥ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମାଳମାଳ ଜାଲ୍ ୱେବସାଇଟ ଜରିଆରେ ପର୍ଯ୍ୟଟକଙ୍କୁ ଠକେଇ

କଟକ,୨୫।୬(ସମିସ): ମାଳମାଳ ଜାଲ୍ ୱେବସାଇଟ ଜରିଆରେ ସାଧାରଣ ଲୋକ ବିଶେଷକରି ପର୍ଯ୍ୟଟକମାନେ ଠକାମିର ଶିକାର ହେଉଥିବାରୁ ପୁଲିସ ବିଭାଗର ଚିନ୍ତା ବଢାଇ ଦେଇଛି। ଗତ କିଛି ଦିନ ମଧ୍ୟରେ ଏଭଳି ଅଭିଯୋଗର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ସତର୍କ କରାଯାଇଛି। ଏପରିକି ଆଗକୁ ରଥଯାତ୍ରା ଥିବାରୁ ଅପେକ୍ଷାକୃତ ଶସ୍ତା ମୂଲ୍ୟ ଦେଖି ବୁକିଂ ନକରିବାକୁ ପରାମର୍ଶ ଦିଆଯାଇଛି।

- **ଆସିଲାଣି ୩୧୭ ଅଭିଯୋଗ**
- **ସତର୍କ କରାଇଲା କ୍ରାଇମବ୍ରାଞ୍ଚ**

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ପୁରୀ, ଭୁବନେଶ୍ୱର ଓ କଟକ ଆଦି ସହରରେ ହୋଟେଲ ବୁକିଂ ନାମରେ ଏଭଳି ଠକେଇ ହେଉଥିବାର କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ବିଭିନ୍ନ ସମୟରେ ଠକମାନେ ପ୍ରତିଷ୍ଠିତ ହୋଟେଲ ଗୁଡିକର ନକଲି ୱେବସାଇଟ୍ ପ୍ରସ୍ତୁତ କରି କମ୍ ମୂଲ୍ୟରେ ଆକର୍ଷଣୀୟ ରୁମ, ଗ୍ୟାରେଣ୍ଟି ବୁକିଂ ଓ ଆକର୍ଷଣୀୟ ଅଫର୍ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକେଇ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ସାଇବର କ୍ରାଇମ୍ ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଅଦ୍ୟାବଧି ୩୧୭ଟି ଅଭିଯୋଗ ଦାଖଲ ହୋଇଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି କ୍ରାଇମବ୍ରାଞ୍ଚ ଟିମ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଠକମାନେ ବ୍ୟବହାର କରୁଥିବା ବେଆଇନ ହୋଟେଲ ବୁକିଂ ୱେବସାଇଟ୍ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଜଣାପଡିଛି। ଗୁଗୁଲ୍ ଓ ଅନ୍ୟାନ୍ୟ ପ୍ଲାଟଫର୍ମ ସହିତ ଯୋଗାଯୋଗ କରି ଉକ୍ତ ନକଲି ୱେବସାଇଟ ଗୁଡିକୁ ହଟାଇବା ପାଇଁ କ୍ରାଇମବ୍ରାଞ୍ଚ ଉଦ୍ୟମ ଜାରି ରଖିଛି।

ଏଭଳି କେତେକ ନକଲି ୱେବସାଇଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। ସ୍ୱୀକୃତିପ୍ରାପ୍ତ ୱେବସାଇଟ୍ ମାଧ୍ୟମରେ ହୋଟେଲ ବୁକିଂ କରିବା ପାଇଁ ସଚେତନ କରାଯାଇଛି। ସେହିଭଳି ଗୁଗୁଲ ମାନଚିତ୍ର ବ୍ୟବହାର କରି ହୋଟେଲର ଠିକଣା ଓ ନମ୍ବର ଯାଞ୍ଚ କରିବା, ବୁକିଂ ସମୟରେ ସମସ୍ତ ଅର୍ଥ ଅଗ୍ରିମ ପଇଠ ନକରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସୁରକ୍ଷିତ ପେମେଣ୍ଟ ଗେଟୱେ ବ୍ୟବହାର ନକରିଲେ ଠକାମିର ଶିକାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଏହାକୁ ନପରଖି ଅନେକ ଠକେଇର ଶିକାର ହୋଇଥିବା ଜଣାପଡିଛି। ଅନେକ ଲୋକ ଅଳ୍ପ କିଛି ଟଙ୍କା ଠକେଇର ଶିକାର ହୋଇଥିବା କାରଣରୁ ଅଭିଯୋଗ କରୁନଥିବା ଜଣାପଡିଛି। ତେବେ ଏଭଳି ଠକେଇ ଘଟିଲେ ତୁରନ୍ତ ଡାଏଲ-୧୯୩୦ରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି।

# ଅଗଷ୍ଟ ୯ରେ ମିଳିବ 'ସୁଭଦ୍ରା' ତୃତୀୟ କିସ୍ତି

ଭୁବନେଶ୍ୱର,୨୫।୬(ସମିସ): ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ କରାଯିବ। ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୁଭଦ୍ରା ସୋସାଇଟିର ଚତୁର୍ଥ ପରିଚାଳନା ପରିଷଦ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଛି। ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ୍ୟ ଏହି ବୈଠକରେ ଅନୁମୋଦନ କରାଯାଇଛି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ **ଜାଲ ପ୍ରମାଣପତ୍ର ଦେଇ ଚାକିରି କରିବା ଅଧ୍ୟାପକଙ୍କୁ ମହଙ୍ଗା ପଡିଲା**

# ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ; ଫେରାଇବେ ସମସ୍ତ ଟଙ୍କା

ବାରିପଦା, ୨୫।୬(ସମିସ): ଚାକିରି ସମୟରେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଜାଲ ପାଇଁ ଜଣେ ଅଧ୍ୟାପକଙ୍କ ବିରୋଧରେ ଉଚ୍ଚ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଧ୍ୟାପକ ଜଣଙ୍କ ହେଲେ ହେଲେ ଉଦଳା କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାକର ସାହୁ। ଗତ ୧୯୯୩ ମସିହାରେ ପିଜି ପାସ କରିଥିବା ପ୍ରଭାକର ସାହୁ ୧୯୯୨ ମସିହାରେ ଅଧ୍ୟାପକ ଭାବେ ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଚାକିରିରେ ନିଯୁକ୍ତି ପାଇଥିଲେ; ଯାହାକି ନିଯୁକ୍ତି ସମୟରେ ଅଧ୍ୟାପକ ହେବା ପାଇଁ ଯୋଗ୍ୟତା ନ ଥାଇ ଜାଲ ଦସ୍ତାବିଜ ଦେଇ ସେ ଚାକିରି କରିଥିବା ତଦନ୍ତରୁ ଜଣାପଡିଛି। ଏଥିସହିତ ପରବର୍ତ୍ତୀ ସମୟରେ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ମଧ୍ୟ ଦରମା ଓ ଅନ୍ୟାନ୍ୟ ବାବଦକୁ ସେ ନେଇଥିଲେ। ତେବେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ପରେ ଉଦଳା କଲେଜରେ ସାର୍ଟିଫିକେଟ ଯାଞ୍ଚ ସମୟରେ ଏହି ଘଟଣା ସାମ୍ନାକୁ ଆସିଛି। ତେବେ ଅଧ୍ୟାପକ ପ୍ରଭାକରଙ୍କ ସବୁ କାରନାମାର ଅନ୍ତ ଘଟିଛି। ଉଚ୍ଚଶିକ୍ଷା ବିଭାଗ ନିକଟରେ ସେ ଚାକିରି ନିଯୁକ୍ତି ସମୟ ବେଳକୁ ପିଜି ପାସ କରିଥିବା ନେଇ କୌଣସି ତଥ୍ୟ ଦେଇପାରି ନ ଥିଲେ। ତେଣୁ ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ୧୯୯୩ରେ ପିଜି ପାସ ହୋଇଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତାଙ୍କର ଗ୍ରାଣ୍ଟ-ଇନ-ଏଡ୍ ସୁବିଧା ଉଠାଇ ନିଆଯାଇଛି। ଏଥିସହିତ ସରକାରଙ୍କୁ ଠକି ନେଇଥିବା ସମସ୍ତ ଟଙ୍କା ଫେରସ୍ତ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ଚିଠି କରିଛି। ଉଚ୍ଚ ଶିକ୍ଷା ବିଭାଗ ଆଦେଶ ବଳରେ ଉଦଳା କଲେଜ ଅଧ୍ୟକ୍ଷ ସମ୍ପୃକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କ ଚାକିରି ନାହିଁ ଏବଂ ସେ ତୁରନ୍ତ ପ୍ରାଣୀ ବିଜ୍ଞାନ ବିଭାଗ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚିଠି କରିଛନ୍ତି। ତେବେ ଅଧ୍ୟାପକ ପ୍ରଭାକର ସାହୁ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ତାଙ୍କର କୌଣସି ମତାମତ ମିଳିପାରିନାହିଁ।

■ **ଓଡ଼ିଶା ଇଭି ନୀତି ୨.୦ ପାଇଁ ପ୍ରସ୍ତୁତ ବୈଠକ**

# ରାଜ୍ୟ ୨୦୩୬ ସୁଦ୍ଧା ୫୦ ପ୍ରତିଶତ ଇଭି ପଞ୍ଜୀକରଣ ଲକ୍ଷ୍ୟ

ଭୁବନେଶ୍ୱର, ୨୫।୬(ସମିସ): ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଶକ୍ତି ବିଭାଗ ମିଳିତ ଭାବରେ ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତି ୨.୦ ଉପରେ ବିଚାର ବିମର୍ଶ କରିବା ପାଇଁ ବୁଧବାର ଏକ ଉଚ୍ଚସ୍ତରୀୟ ମନ୍ଥନ ବୈଠକ ଆୟୋଜନ କରିଥିଲେ। ଏହି ବୈଠକ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଏବଂ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବୈଦ୍ୟୁତିକ ଗତିଶୀଳତା ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଏବଂ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ବ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୩୬ ସୁଦ୍ଧା ସମସ୍ତ ନୂତନ ଯାନ ପଞ୍ଜୀକରଣରେ ଅତି କମରେ ୫୦ପ୍ରତିଶତ ବ୍ୟାଟେରୀ ବୈଦ୍ୟୁତିକ ଯାନ ଲକ୍ଷ୍ୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୧ ମସିହାରେ ୧.୧୬ପ୍ରତିଶତ ଇଭି ପଞ୍ଜୀକରଣ ଠାରୁ ୨୦ ଜୁନ୍ ୨୦୨୫ ସୁଦ୍ଧା ୮.୭୧ ପ୍ରତିଶତ ପର୍ଯ୍ୟନ୍ତ ପଞ୍ଜୀକରଣ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ବର୍ତ୍ତମାନ ୫୫୦ରୁ ଅଧିକ ପବ୍ଲିକ୍ ଚାର୍ଜିଂ ଷ୍ଟେସନ୍ ଅଛି। ଯେଉଁଥିରେ ଦୁଇ ଚକିଆ ଓଇଏମ୍, ଡିସକମ୍ ଏବଂ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ କ୍ୟାପ୍ଟିଭ୍ ଭିତ୍ତିଭୂମି ଅନ୍ତର୍ଭୁକ୍ତ। ରାଜ୍ୟ ପରିବହନ ପ୍ରାଧିକରଣ ପୂର୍ବରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଇଭି ଚାର୍ଜିଂ ଷ୍ଟେସନ୍ ବିକାଶ ପାଇଁ ପ୍ରସ୍ତାବ ପାଇଁ ଅନୁରୋଧ ଜାରି କରିଛି।


**M/s. L.K. ASSOCIATES, KORAPUT**
BRANCH OFFICE: SHIVA SHAKTI NAGAR, WARD NO.7, GOTMA, KHARIAR ROAD, DIST.-NUAPADA, ODISHA, PIN-766104
**ENGAGEMENT OF MANPOWER FOR 'FOREST RIGHT CELL' UNDER DA-JGUA NEWLY CONSTITUTED FR CELL AT THE OFFICE OF SUB-COLLECTOR, NUAPADA THROUGH OUTSOURCING.**
No. 218 / MSLK / 06 / 2025 / Date: 24.06.2025
In response to this office advertisement No. 215/MSLK/06/2025 Dt. 23.06.2025, the URL address may be read as **www.nuapada.odisha.gov.in** instead of www.nuapada.gov.in (previously known as www.nuapada.nic.in). All other terms & conditions remain unaltered.
Sd/- Director
M/s. L.K.Associates, Koraput

**M/S CARE SECURITY AND ALLIED SERVICES**
PLOT NO B-13, 2ND FLOOR, RUCHIKA MARKET, BARAMUNDA, BHUBANESWAR, ODISHA-751003
**ADVERTISEMENT**
Applications are invited from eligible candidates for engagement of Coordinators & MIS Assistant in Sub-Divisional Level FR Cell under DAJGUJA, at District Welfare Office, Bargarh. For details regarding posts, age, requisite qualification as well as for application form please visit website (https://caresecurityservice.com). Eligible candidates may submit their applications with copies of requisite qualification (self-attested) by Speed Post / Courier / Regd. Post submit application to the above address within 7 (Seven) days from the date of advertisement.

| SL NO | NAME OF THE POSITION | MINIMUM EDUCATION QUALIFICATION | REMUNERATION | NO OF POST |
|---|---|---|---|---|
| 1. | Coordinator (Candidate from the Bargarh District should be preferred) | Graduation with Master's degree will be preferred. Minimum 2-3 years of experience in NGO Social sector project with Govt. Project should be preferred for all positions under the scheme. | 35000.00 | 2 |
| 2. | MIS Assistant (Candidate from the Bargarh District should be preferred) | Graduation and PGDCA Master's degree will be preferred. Minimum 2 years of experience in Data Entry and large scale database management in any reputed Govt./Private agency and MS Office, internet. | 25000.00 | 2 |

**Nature of Engagement:**
- Mode of engagement will be completely contractual and temporary basis. The contract can be terminated by either of the party with one-month prior notice or remuneration in lieu. Initial agreement will be for 01 year.
- Selection will be made on merit basis & computer test.

Sd/- Managing Partner

ପୌର ପରିଷଦ, କୋରାପୁଟ
**KORAPUT MUNICIPALITY**
Email : koraputmunicipality2014@gmail.com Mob no : 06852-250629
No. 2273 Date 18.06.2025
**"e" PROCUREMENT NOTICE.**
Bid Identification No. : KPTMUN-99/2025
Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Civil Work
2. No.of works : 75 Nos.
3. Estimated Cost : Rs.3,00,000/- TO Rs.84,42,000/-
4. Period of Completion : 3 (three) calendar months to 6 (six) calendar months
5. Date & time of Bidding : From 11.00 A.M of 25/06/2025 to 5.00 P.M 14/07/2025.
6. Last date & time for receipt of Bids in portal : 14/07/2025 at 5.00 P.M
7. Bids received online shall be opened on : 03.00PM. of Dt.18/07/2025.
8. Name and address of the Officer inviting Bid : Executive Officer, Koraput Municipality
Further details can be seen from the procurement portal. : www.tenderorissa.gov.in

Executive Oficer
Koraput Municipality
OIPR-13074/11/0020/2526 C-593

B-235
E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523
**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
File No.- B-I-Tourism-05/2025 Lr. No. 24430 Dt.21.06.2025
Invitation for Bids
Bid Identification No. C.E. (B) - 14 / 2025-26

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works **"Periphery Development of Narayani Temple, Khalikote in Ganjam District"** as detailed below. | | |
| 2. | Nature of work | : | Building work |
| 3. | No. of work | : | 01 No. |
| 4. | Cost of Bid Document | : | ₹10,000/- (Each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt.04.07.2025 to 17.00 Hours of dt.19.07.2025 |
| 7. | Date of Opening of Bids | : | Dt.21.07.2025 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Chief Engineer (Buildings-I),
Odisha, Bhubaneswar
OIPR-34117/11/0111/2526

UNITY Small Finance Bank
**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍**
ପଞ୍ଜିକୃତ କାର୍ଯ୍ୟାଳୟ: ବସନ୍ତ ଲୋକ, ବସନ୍ତ ବିହାର, ନୂଆଦିଲ୍ଲୀ-110057
କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କଳିନା, ସାନ୍ତାକ୍ରୁଜ (E), ମୁମ୍ବାଇ–400 098
**ସାଙ୍କେତିକ ଦଖଲ ନୋଟିସ୍**
**(ସ୍ଥାବର ସମ୍ପତ୍ତି ନିମନ୍ତେ) (ରୁଲ୍ ୮ (୧))**
ନିମ୍ନ ସ୍ୱାକ୍ଷରକାରୀ ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନ/ଜାମିନଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ତା.୨୩.୦୬.୨୦୨୫ରିଖରେ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀ/ସହ-ଋଣଗ୍ରହୀ/ଜାମିନଦାରଙ୍କ ନାମ ଏବଂ ଋଣ ଖାତା ନମ୍ବର | ବନ୍ଧକ/ସୁରକ୍ଷିତ ସମ୍ପତ୍ତି(ଗୁଡ଼ିକ)ର ବିବରଣୀ | ଡିମାଣ୍ଡ ନୋଟିସର ତାରିଖ ଏବଂ ବକୟା ରାଶି |
|---|---|---|
| ୧. ଶୁଭଲକ୍ଷ୍ମୀ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା) ୨. ଅଜୟ କୁମାର ମାଝୀ (ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା) ୩. ଜୟନ୍ତୀ ମାଝୀ (ସହ-ଋଣଗ୍ରହୀତା) ଋଣ ଖାତା ନମ୍ବର: USFBBHU-LOAN000005015060 | ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହା ଭଦ୍ରକ ଜିଲ୍ଲା, ତହସିଲ- ତିହିଡି, ମୌଜା- ଗୁରୁଦାସପୁର, ଖାତା ନଂ. ୧୮୩/୯୧, ପ୍ଲଟ ନଂ. ୧୯, ଏରିଆ ଏକର ୦.୪୪ ଡେସିମାଲ ଅର୍ଥାତ୍ ୧୯,୧୬୬.୪ ବର୍ଗଫୁଟ, ସ୍ଥିତି- ସ୍ଥିତିବାନ, ଟି.ଏସ. ନଂ. ୨୪, ପା-ତିହିଡି, ଟି.ଏସ. ନଂ. ୧୫୧, ଭଦ୍ରକ, ଓଡ଼ିଶାରେ ଅବସ୍ଥିତ ଏବଂ ଅଜୟ କୁମାର ମାଝୀ, ପିତା-ଦୁର୍ଯ୍ୟୋଧନ ମାଝୀଙ୍କ ନାମରେ ଅଛି । ଏହାର ଚାରିପାର୍ଶ୍ୱରେ (ମୂଲ୍ୟାଙ୍କନ ରିପୋର୍ଟ ଅନୁସାରେ): ଉତ୍ତର: ସୁକଦେବ ରାଉତ, ଦକ୍ଷିଣ: ରାସ୍ତା ପୂର୍ବ: ଶ୍ରୀଧର ରାଉତ, ପଶ୍ଚିମ: ଝାଖା ପଲାଇ | ଡିମାଣ୍ଡ ନୋଟିସ ତାରିଖ ୦୫.୦୨.୨୦୨୫, ସମୁଦାୟ ରାଶି ଟ.୩୬,୦୬,୬୨୬.୯୨/- (ଛତିଶ ଲକ୍ଷ ଛଅ ହଜାର ଛଅଶହ ଛବିଶ ଟଙ୍କା ଓ ଛୟାନବେ ପଇସା ମାତ୍ର) ତାରିଖ ୦୫.୦୨.୨୦୨୫ ସୁଦ୍ଧା, ଏହା ସହିତ ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଶୁଳ୍କ। |

ସ୍ଥାନ: ଓଡ଼ିଶା, ତାରିଖ: ୨୬.୦୬.୨୦୨୫ ସ୍ୱା/- ଅଧିକୃତ ଅଧିକାରୀ, ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍

**FOR SALE**
1 Number of TRACTOR–SWARAJ 735 39 HP/ 2024, Registration No.- OD-11-AH-6231, Model-2024, ENGINE NO –CJ1353SGG16972, CHASSIS NO -MBNAK49AHRTG33321, For Details, contact – 8895974772, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ,757001, PH. NO- 06792-253348

**AFFIDAVIT**
By virtue of an affidavit No.7181, Dtd.14.06.2025 sworn before the Executive Magistrate, Balasore, I, Niranjan Das, S/o. Gangadhar Das, At. Tikayatpur, Po. Olipur, Ps. Baisinga, Dist. Mayurbhanj, Odisha-756027, declare that my name has been mentioned in my LIC policy no. 598016122 as Bapi Das (Nick name) instead of Niranjan Das. Henceforth, I shall be known as **Niranjan Das** for all purposes.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**FOR SALE**
1 Number of ICV –ASHOK LEYLAND, LS 1510 42 STR BUS / 2023, Registration No.- OD-22-X-9263, Model- 2023, ENGINE NO – PFEZ418243, CHASSIS NO - MB1PAECD9EFL7000, For Details, Contact – 8895995989, 9437355692, Second floor, Plot No-353/2585, Building No-723/1793, At-Bypass Chhaka, Above Punjab National Bank,Po-Salandi Bypass,Via-Kuansa, BHADRAK-756100, PH. NO- 06784-250703

**FOR SALE**
1 Number of ICV –VE CV EICHER PRO 3015 XP/ 2023, Registration No.- OD-22-X-2193, Model-2023, ENGINE NO– E426CDPA421082, CHASSIS NO - MC2GLMRC0PB220146, For Details, Contact – 94370 94758, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE,756001, PH. NO- 06782-266657

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft,1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

**NOTICE**
By virtue of an affidavit sworn before Executive Magistrate, Khordha, dated 06/05/2025. I, Namita Panda, At-Mukundaprasad, Poda Sahi, Po- P.N. College, Ps/Dist-Khordha, Odisha, Pin-752057, Declare that I have changed the name of my son from Subhasis Panda to Subhrajit Panda. Henceforth, he shall be known as **Subhrajit Panda** for all purposes.
Namita Panda

**ନୋଟିସ**
ଢେଙ୍କାନାଳ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ଗ୍ରହଣ କରିଥିବା ସତ୍ୟପାଠ ପତ୍ର ସଂଖ୍ୟା-୦୪, ତା-୧୮/୦୬/୨୦୨୫ରିଖ ଅନୁଯାୟୀ ମୁଁ ଶେଖ୍ ମୁନ୍ତାକିମ୍, ପିତା-ଶେଖ୍ ନଇମ୍, ଗ୍ରାମ-ଗଣେଶ ବଜାର, ଥାନା-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳ ଆଧାର କାର୍ଡ ନଂ.-୭୬୩୫ ୦୦୨୪ ୬୪୧୪ରେ ଶେଖ୍ ମୁନ୍ତାକିମ୍ ନାମିତ ଅଛି । କିନ୍ତୁ RORର ଖାତା ନଂ.-୩୪୧/ ୧୫୭୪, ପ୍ଲଟ୍ ନଂ.-୧୫୪, ୧୫୫, ୧୫୮, ୧୫୯, ୧୭୪, ୨୪୬ରେ ଶେଖ୍ ମୁନ୍ତାକିମ୍ ନାମରେ ନାମିତ ଅଛି । ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ, ଶେଖ୍ ମୁନ୍ତାକିମ୍ ଏବଂ ଶେଖ୍ ମୁନ୍ତାକିମ୍ ଦୁଇଟି ନାମ ଏକ ବ୍ୟକ୍ତିଙ୍କର ଅଟେ । (ଶେଖ୍ ମୁନ୍ତାକିମ୍)

**FOR SALE**
1 Number of CAR–MAHINDRA SCORPIO CLASSIC / 2023, Registration No.- OD-02-CL-7010, Model-2023, ENGINE NO –YSP4H38646, CHASSIS NO - MA1TA2YS2P2H44640, For Details, contact – 8895974772, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ,757001, PH. NO- 06792-253348

**AFFIDAVIT**
"I, Sukanti Jena, W/o Suresh Kumar Jena, of Badaruala, PO-Bangurigaon, PS-Kakatpur, Dist-Puri, PIN-752118, declare by Affidavit No. C.F. No-09 dated 12.06.2025 Executive Magistrate, Kakatpur, that Sukanti Jena @ Ghumri Jena is the same person. Voter ID: OR/07/054/312457. Document issued by Prasanjit Jena."

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, CF No: 02 dated 04/06/2025, I **AMLAN SAHOO**, S/o Jitendra Kumar Sahoo resident of MIG-II-30/5, Housing Board Colony, Chandrasekharpur, Bhubaneswar, Dist- Khordha, Odisha declare that I have changed my name from **OMM** to **AMLAN SAHOO**. That Amlan Sahoo and Omm is one and same person. Henceforth, I shall be known as **AMLAN SAHOO** for all future purposes.
Sd- AMLAN SAHOO

**AFFIDAVIT**
By virtue of an affidavit before Notary Public, Sunabeda, No.2664 dtd.17.06.2025 I, Sri Krushna Gunjia, S/o- Late Dhana Gunjia resident of Vill.-Badapeta, Po.- Hatapeta, Ps.- Nandapur, Dist.- Koraput, Odisha, declare that, I have changed my son's name from **Bhubenesh Gunjia** to **Bhuban Gunjia**. Henceforth he will be known as **Bhuban Gunjia** for all purposes.

**AFFIDAVIT**
By virtue of an affidavit sworn before Notary Public, BHUBANESWAR, dated 24/06/2025, I, VARSHA PRIYADARSHINI GHOSH, Address 578 (P), ANKITA VILLA MALI PADA, KHORDHA ODISHA 751003 declare that I have changed my name from VARSHA to **VARSHA PRIYADARSHINI GHOSH.** Henceforth, I shall be known as **VARSHA PRIYADARSHINI GHOSH** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, CF No: 03 dated 04/06/2025, I **ANWESH SAHOO**, S/o Jitendra Kumar Sahoo resident of MIG-II-30/5, Housing Board Colony, Chandrasekharpur, Bhubaneswar, Dist- Khordha, Odisha declare that I have changed my name from **SOM** to **ANWESH SAHOO**. That Anwesh Sahoo and Som is one and same person. Henceforth, I shall be known as **ANWESH SAHOO** for all future purposes.
Sd- ANWESH SAHOO

**AFFIDAVIT**
By virtue of an Affidavit No 2468, Dt: 05/06/25 sworn before the Executive Magistrate Sundargarh, I, Biswajit Patel, S/o-Purushottam Patel, At/Po-Remanda, PS- Bhasma, Dist-Sundargarh-770019 declare that my minor daughter Dibya Patel changed her name to Stuti Patel, she will be known as **STUTI PATEL** for all purposes.
Biswajit Patel

**AFFIDAVIT**
By virtue of an affidavit No 1730, Dt: 24/06/25 sworn before the Executive Magistrate, Phulbani, I, Rajkumar Kanhar, At/Po-Muselipanga, Po- Gochhapada, Dist.- Kandhamal - 762002 declare that I have changed my minor son's name from ShreemanKanhar to Laxmi Kanta Kanhar. Henceforth he will be known as **Laxmi Kanta Kanhar** for all purposes.
Sd/- Rajkumar Kanhar

**AFFIDAVIT**
I, Mahtab Alam Mohammad, S/o- Sm Basiruddin, resident of Plot No- 75, Meherpalli, Jharpada, Po- Budheswari, Ps-Laxmisagar, Bhubaneswar, Dist-Khurda, PIN- 751006, Odisha declare by this affidavit No. 394, dated-23/06/2025 that now onwards I shall be known as **MD MAHTAB ALAM** for all future purposes.

**AFFIDAVIT**
I, Mohammad Aftab Alam, S/o- Shaikh Mohammad Basir, resident of Plot No-75, Meherpalli, Jharpada, Po- Budheswari, Ps-Laxmisagar, Bhubaneswar, Dist-Khurda, Pin- 751006, Odisha declare by this affidavit No- 393, dated-23/06/2025 that now onwards I shall be known as **MD AFTAB ALAM** for all future purposes

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated-25/06/2025. I, **Pravash Kumar Samantaray** (Applicant name), S/o-Pitabash Samantaray, Permanent resident of AT- Neherunagar, Titilagarh, P.O. Titilagarh, P.S. Titilagarh, Dist. Balangir, (Odisha), PIN- 767033 now residing at the same place affirm that I have changed my minor son's name from **Suryaditya Samantaray** (old name) To **Priyansh Samantaray** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Priyansh Samantaray** (new name).
Pravash Kumar Samantaray

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated 25 June 2025, I, Rajendra Kumar Patra, Address- At Flat No.: A/204, Shree Omm Mansion, Jharpada, Near Bairagi Nagar, Bhubaneswar, PO.: Bhudheswari Colony, P.S.: Laxmisagar, Dist.: Khordha, Odisha, PIN-751006, declared that I have changed the name of my son from P Saniket Patro to Saniket Kumar Patra Henceforth he shall be known as Saniket Kumar Patra for all purposes.

**AFFIDAVIT**
By Virtue Of an Affidavit no. 668 dtd. 24.6.2025 the Executive Magistrate Gania, I Bijaya Sahoo S/o- Abhimanyu Sahoo At- Sanagaon, Po-Jhillinda, Ps - Narasinghpur, Dist- Cuttack have changed my son's name Ashutosh Sahoo to Ajaya Sahoo. Henceforth He will be know as **Ajaya Sahoo** for all purposes.
S/d- Bijaya Sahoo

**AFFIDAVIT**
By virtue of an affidavit CF No 1851, Dt: 16.07.2025 in the court of the Executive Magistrate, Kotpad, Dist.-Koraput, I, Binita Behera, have changed my name from Gorimani Mohanta to Binita Behera. Henceforth I shall be known as **Binita Behera** for all purposes.
Sd/- Binita Behera

**AFFIDAVIT**
I, Rasmita Patro, W/o- P. Prasanna Kumar Patro, Resident of MIG-156, 1st Floor, Baramunda Housing Board Colony, Bhubaneswar, Dist-Khordha, Pin-751003, Odisha declare by this Affidavit No. 6305, Dated 23.06.2025, that now onwards I shall be known as **RASMITA PRUSTY** for all future purposes.

**AFFIDAVIT**
BY virtue of an Affidavit vide no. 480/25 sworn before the Executive Magistrate Nayagarh, dated 24/02/2025. I, Mrs Padmalaya Mahapatra, W/o- Mr. Kailash Chandra Mohapatra, Village/PO.- Banamalipur, PS.- Fategarh, Dist.- Nayagarh, Odisha- 752077, declare that I have changed my name from **Kalika Mohapatra** to **Padmalaya Mahapatra**. Henceforth, I shall be known as **Padmalaya Mahapatra** for all purposes.
PADMALAYA MAHAPATRA

**AFFIDAVIT**
By virtue of an affidavit sworn before Notary Public, Rairakhol, dated 20th June 2025. I, Hita Sini Seth, D/O- Bhaskar Pandy. Address of Village- Kandhara, PO- Kadaligarh, Ps.- Rairakhol, Dist.- Sambalpur, Odisha, 768106, declare that I have changed the name of my daughter from **Dukhi Seth** to **Manisha Seth**. Henceforth, she shall be known as **MANISHA SETH**, for all purposes.

**AFFIDAVIT**
By virtue of an affidavit sworn before Executive Magistrate, Padampur, Dated 21.6.2025, I Girija Patel, W/O- Suklacharan Patel, Village- Badkunjari, Po./Ps.-Jagadalpur, Dist.- Bargarh, Pin-768036, declare that, I have changed the name of my daughter from **Barsha Patel** to **Sanjukta Patel**. Henceforth she shall be known as **Sanjukta Patel**.

**AFFIDAVIT**
By virtue of an affidavit sworn before Executive Magistrate, Padampur, Dated 24.6.2025, I Tilottama Bhoi, W/O- Surendra Bhoi, Village- Putuka, Po./Ps.-Jagadalpur, Dist.-Bargarh, Pin-768036, declare that, I have changed the name of my daughter from **Kaushlya Bhoi to Kausalya Bhoi**. Henceforth she shall be known as **Kausalya Bhoi**.

**AFFIDAVIT**
By virtue of an affidavit before The Notary Public, Titilagarh, on dated-24/06/2025. I, **Ujjal Bag** (Applicant name), S/o- Chhatarsai Bag, Permanent resident of AT- Antarla, P.O. Naren, P.S. Titilagarh, Dist. Balangir, (Odisha), PIN- 767066 now residing at the same place affirm that I have changed my minor daughter's name from **Madini Bag** (old name) To **Mohini Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Mohini Bag** (new name).
UJJAL BAG

### ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନାର ପ୍ରତିବାଦ

# ବିଜୁ ଯୁବଛାତ୍ର ଜନତା ଦଳର ବିକ୍ଷୋଭ




ଢେଙ୍କାନାଳ, ୨୫।୬(ସମିସ)

ରାଜ୍ୟରେ ଛାତ୍ରୀମାନଙ୍କ ଉପରେ ଅସଦାଚାରଣ, ଦୁଷ୍କର୍ମ, ହତ୍ୟା ଘଟଣା ଓ ମହିଳା ନିର୍ଯାତନା ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ବିଜେପି ସରକାର ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ କରି ରାଜ୍ୟ ଯୁବ ଓ ଛାତ୍ର ବିଜେଡି ତରଫରୁ ସାରା ରାଜ୍ୟରେ ବୁଧବାର ଛାତ୍ର ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ବୁଧବାର ପୂର୍ବାହ୍ନ ୧୦ଟାରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଜିଲ୍ଲା ଛାତ୍ର ଜନତା ଦଳ ସଭାପତି ସୂରଜ ମହାପାତ୍ରଙ୍କ ସଭାପତିତ୍ୱ ଏବଂ ରାଜ୍ୟ ଯୁବ ଜନାତା ଦଳ ସାଧାରଣ ସମ୍ପାଦକ ସତ୍ୟଜିତ ପଟ୍ଟନାୟକ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ସଞ୍ଜୀବ ପୃଷ୍ଟିଙ୍କ ଉପସ୍ଥିତିରେ ଧାରଣା ଦିଆଯାଇଥିଲା। ଛାତଛାତ୍ରୀମାନେ କଳାବ୍ୟାଜ୍ ପରିଧାନ କରିବା ସହ ପିକେଟିଂ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରାଜ୍ୟରେ ପ୍ରତିଦିନ ୧୫ଜଣ ଯୁବତୀ ଦୁଷ୍କର୍ମର ଶିକାର ହେଉଛନ୍ତି। ତେବେ ଏହାକୁ ରୋକିବା ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବା ଯୁବ ଓ ଛାତ୍ର ବିଜେଡି ତରଫରୁ ଅଭିଯୋଗ ହୋଇଛି। ଅନ୍ୟପଟେ ୧୧ ଜିଲ୍ଲାରେ ହଇଜା ଓ ଡାଇରିଆରେ ଲୋକେ କଲବଲ ହେଉଥିବା ବେଳେ ରାଜ୍ୟ ବିଜେପି ସରକାର ୧ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ଏହାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହି ଆନ୍ଦୋଳନ ଜିଲ୍ଲାର ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ ଓ ଢେଙ୍କାନାଳ ସମେତ ୪ ବିଧାନସଭା ନିର୍ବାଚନ ମଣ୍ଡଳିରେ ଥିବା କଲେଜଗୁଡ଼ିକରେ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନରେ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଢେଙ୍କାନାଳ ଜିଲ୍ଲା ମହିଳା ସଭାପତି ସାଗରିକା ମିଶ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଟାଉନ ବିଜେଡି ସଭାପତି ବିନୋଦ କୁମାର ମହାନ୍ତି, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ବିଜୁ ଛାତ୍ର ଜନତା ଦଳ ନେତା ଓମପ୍ରକାଶ ନାୟକ, ଅଭିଜିତ ମହାପାତ୍ର, କୁଳଦୀପ ମହାପାତ୍ର ସର୍ବେଶ୍ୱର ସେଣ୍ଠେ, ଆଶୀର୍ବାଦ, ପ୍ରିୟଦର୍ଶିନୀ, ସ୍ୱସ୍ତିକ, ସ୍ୱରୂପ, ଓଁକାର ପଣ୍ଡେ, ସ୍ୱସ୍ତିକ ଦୀପନ, ସତ୍ୟଜିତ ବେହେରା, ବିଶ୍ୱଜିତ ବେହେରା, ଧନଞ୍ଜୟ ମଲ୍ଲିକ, ଲକ୍ଷ୍ମିପ୍ରିୟା ଗୁରୁ, ରତୁପର୍ଣ୍ଣା ମଲ୍ଲିକ, କ୍ରିଷ୍ଣାଶ୍ରୀତା କର, ଆଶିଷ ନାୟକ ପ୍ରମୁଖଙ୍କ ସମେତ ଶାତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

**କାମାକ୍ଷାନଗର:** କାମାକ୍ଷାନଗର ମହାବିଦ୍ୟାଳୟଠାରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ପ୍ରତିବାଦ ସଭା ଆୟୋଜିତ ହୋଇଛି। ଏଥିରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ହାତରେ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ନାରୀ ସୁରକ୍ଷା ନେଇ ସରକାର ସଚେତନ ହେବାକୁ ସ୍ଲୋଗାନ ଦେଇଥିଲେ। ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ପୂର୍ବତନ ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ଏନଏସି ଉପାଧକ୍ଷା ଶକୁନ୍ତଳା ସେଠୀ, କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, କାମାକ୍ଷାନଗର ବ୍ଲକ ଛାତ୍ର ଜନତା ଦଳ ସଭାପତି ଉପେନ୍ଦ୍ର ରାଉତ, ସାମିଲ ହୋଇଥିଲେ। ଛାତ୍ରଛାତ୍ରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।







**ପରଜଙ୍ଗ:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଯୁବ ଛାତ୍ର ଜନତାଦଳ ପକ୍ଷରୁ ପରଜଙ୍ଗ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ଛାତ୍ର ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ପ୍ରିୟଜିତ ସାମଲଙ୍କ ନେତୃତ୍ୱରେ ଶତାଧିକ ଯୁବଛାତ୍ର ଜନତା ଦଳର ସଦସ୍ୟ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ନେତା ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରନେତା କ୍ରିସ ସାମଲ ଓ ଯୁବ ବିଜୁ ଛାତ୍ର ଜନତା ଦଳର ଶତାଧିକ ଏଥିରେ ସାମିଲ ହୋଇଥିଲେ। ମୋହନ ସରକାର ହାଏ ହାଏ, ନବୀନ ପଟ୍ଟନାୟକ ଜିନ୍ଦାବାଦ ସ୍ଲୋଗାନ ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

## ଷ୍ଟିୟରିଂଛାଡ଼ ଆନ୍ଦୋଳନ ପ୍ରସ୍ତୁତି ବୈଠକ



ପରଜଙ୍ଗ, ୨୫।୬(ସମିସ): ୭ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନ କ୍ରମେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡ୍ରାଇଭର ସଂଘ ତରଫରୁ ଆସନ୍ତା ଜୁଲାଇ ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂଛାଡ଼ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଗତ ୧୦ ତାରିଖ ବ୍ଲକ ଡ୍ରାଇଭର ସଂଘର ସଭାପତି ସନ୍ତୋଷ କୁମାର ବର୍ମାଙ୍କ ନେତୃତ୍ୱରେ ବ୍ଲକ ଓ ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ପୂରଣ ନ ହେଲେ ଜୁଲାଇ ୮ ତାରିଖରୁ ଷ୍ଟିୟରିଂଛାଡ଼ ଆନ୍ଦୋଳନ କରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଆଜିପର୍ଯ୍ୟନ୍ତ ଦାବିଗୁଡ଼ିକ ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପରଜଙ୍ଗ ବ୍ଲକ ଡ୍ରାଇଭର ସଙ୍ଘ ସଭାପତି ବର୍ମାଙ୍କ ପରାମର୍ଶ କ୍ରମେ ଡ଼ଡପରଜଙ୍ଗ ପଞ୍ଚାୟତ ଡିହଡୋଳ ଗ୍ରାମ ଶ୍ରୀ ଶ୍ରୀ ଗଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପଞ୍ଚାୟତ ଡ୍ରାଇଭର ସଂଘ ସଭାପତି ବାଲ୍ମୀକି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସଂଘ ଉପସଭାପତି ସତ୍ୟାନନ୍ଦ ସାହୁ, ସମ୍ପାଦକ ଗୁରୁଚରଣ ବେହେରା, କୋଷାଧକ୍ଷ ଅଶ୍ୱିନୀ କୁମାର ଖିଲାର ଓ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ଆନ୍ଦୋଳନର ରୂପରେଖ ଉପରେ ଆଲୋଚନା କରିଥିଲେ।

## ବିଜେପି ପାଳିଲା ସମ୍ବିଧାନ ହତ୍ୟା ଦିବସ




ଢେଙ୍କାନାଳ, ୨୫।୬(ସମିସ): ୧୯୭୫ ମସିହା ଜୁନ୍ ୨୫ ତାରିଖ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ନିଜ ପଦବୀର ଅପବ୍ୟବହାର କରି ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ। ୨୦୨୪ରୁ ଏହି ଦିବସକୁ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯାଉଛି। ସ୍ଥାନୀୟ ବିଜେପି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ୧୯୭୫ ଜୁନ୍ ୧୨ରେ ଆହ୍ଲାବାଦ୍ ହାଇକୋର୍ଟଙ୍କ ଦ୍ୱାରା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଲୋକସଭା ନିର୍ବାଚନ ଅସିଦ୍ଧ ଘୋଷଣା ରାୟ ପରେ ନିଜ ପଦବୀ ନ ଛାଡ଼ିବା ପାଇଁ ସମ୍ବିଧାନର ଧାରା ୩୫୨ର ଅପବ୍ୟବହାର କରି ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରି ସମ୍ବିଧାନ ଓ ଗଣତନ୍ତ୍ରକୁ ହତ୍ୟା କରିଥିଲେ। ଜନସାଧାରଣଙ୍କ ମୌଳିକ ଅଧିକାରକୁ ରଦ୍ଦ କରାଯାଇଥିବା ବେଳେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ଦେଶର ବହୁ ନେତା, ବୁଦ୍ଧିଜୀବୀ, ସଂଗଠନ, ସାମ୍ବାଦିକ ଓ ସାଧାରଣ ଜନତାଙ୍କୁ ଗିରଫ କରି ଜେଲ୍‌ରେ ଅକଥନୀୟ ନିର୍ଯାତନା ଦେଇଥିଲେ। ଏହି ଆନ୍ଦୋଳନରେ ଗଣନାୟକ ଜୟ ପ୍ରକାଶ, ଆର୍‌ଏସ୍‌ଏସ୍, ଜନସଂଘ ନେତା ଅଟଳ ବିହାରୀ ବାଜପେୟୀ, ଲାଲ୍‌କୃଷ୍ଣ ଆଡଭାନୀ ତଥା ଅନ୍ୟ ନେତୃବୃନ୍ଦଙ୍କ ଭୂମିକା ଉପରେ ବର୍ଣ୍ଣନା କରିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜରୁରୀ ପରିସ୍ଥିତି ସମୟରେ ଦିଆଯାଇଥିବା ଅକଥନୀୟ ନିର୍ଯାତନା ଉପରେ ମତବ୍ୟକ୍ତ କରିଥିଲେ। ଜରୁରୀ ପରିସ୍ଥିତି ସମୟରେ ଗିରଫ ହୋଇ ଜେଲ୍ ଭୋଗିଥିବା ଢେଙ୍କାନାଳ ଆର୍‌ଏସଏସର ଶରତ କୁମାର ଷଡ଼ଙ୍ଗୀ, ଦେବରାଜ ସାହୁ, ବିଶ୍ୱମ୍ବର ସାହୁ ଓ ଗଁଦିଆ ବ୍ଲକର ବାବାଜୀ ସ୍ୱାଇଁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ବୁଦ୍ଧିଜୀବୀ ସେଲ ଆବାହକ ପ୍ରମୋଦ କୁମାର ନନ୍ଦ ଜରୁରୀ ପରିସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ଓ ଉକ୍ତ କାର୍ଯ୍ୟକ୍ରମର ସଂଯୋଜକ ରତିକାନ୍ତ ସାହୁ ମଞ୍ଚାସୀନ ଥିଲେ। ଜିଲ୍ଲା ସଭାପତି ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ଜିଲ୍ଲା ଉପସଭାପତି ବିଷ୍ଣୁପ୍ରସାଦ ଲେଙ୍କା, ଶିବପ୍ରସାଦ ସାହୁ, ଜିଲ୍ଲା କୋଷାଧକ୍ଷ ସଞ୍ଜୀବ ମହାପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସହଦେବ ପୃଷ୍ଟି, ନଗର ମଣ୍ଡଳ ସଭାପତି ବିକାଶ ସାହୁ, ପୂର୍ବତନ ସଭାପତି ଧ୍ରୁବଚରଣ ସ୍ୱାଇଁ, ସାଂସଦଙ୍କ ବ୍ଲକ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ସମସ୍ତ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ମୋର୍ଚ୍ଚା ସଭାପତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସହ ସଂଯୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ମଲ୍‌ରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ଗଁଦିଆ, ୨୫।୬(ସମିସ): ଗଁଦିଆ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ମୁଖ୍ୟରାସ୍ତା କଡ଼ରେ ଥିବା ମହାଦେବ ହୋମ୍ ନୀଡ୍ସ ଗ୍ରୋସରୀ ସପିଙ୍ଗ ମଲ୍‌ରୁ ମଙ୍ଗଳବାର ରାତିରେ ସଟର ଡାଡ଼ି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ୨ ଦୁର୍ବୃତ୍ତ ମଲ୍‌ର ସମ୍ମୁଖ ସଟର ତାଡ଼ି ଭିତରେ ପଶିଥିଲେ। ପ୍ରାୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସକାଳେ ଜଣାପଡ଼ିବା ପରେ ମହାଦେବ ବହୁମୁଖୀ ସମବାୟ ସମିତି ସମ୍ପାଦକ ବିଭୁପ୍ରସାଦ ନାଥ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମଲ ଭିତରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରୁଛି।

## ଜଗବନ୍ଧୁ ହେଲେ ଆତ୍ମା କମିଟି ସଭାପତି



ଭୁବନ, ୨୫।୬(ସମିସ): ଭୁବନ ବ୍ଲକ ଗୋଷ୍ଠୀ କୃଷକ ପରାମର୍ଶ ଆତ୍ମା କମିଟି ସଭାପତି ଭାବେ ଜଗବନ୍ଧୁ ପୃଷ୍ଟି ନିର୍ବାଚିତ ହୋଇଛନ୍ତି। ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଏଥିରେ ବିଧାୟକଙ୍କ ପ୍ରତିନିଧି ସଞ୍ଜୟ କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ ମତ୍ସ୍ୟ ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗଦେଇ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ପାଣି ପଞ୍ଚାୟତ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୃଷି ଓଭରସିୟର ସରୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ୧୮ ପଞ୍ଚାୟତର ପ୍ରତିନିଧିଙ୍କ ସମେତ ଭୁବନ ଏନ୍‌ଏସିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଚାଷୀଙ୍କ ଜମିରେ କମ୍ପାନୀଗୁଡ଼ିକର ବେଆଇନ ନିର୍ମାଣକୁ ବିରୋଧ

ଢେଙ୍କାନାଳ, ୨୫।୬(ସମିସ): ଓଡ଼ିଶା କୃଷକ ସଭା ସଦସ୍ୟ ସରୋଜ କୁମାର ଶତପଥୀ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ ବିନୟ କୁମାର ସାହୁ ଓ ସ୍ଥାନୀୟ ଯୁବନେତା ବିଶ୍ୱଜିତ୍ ପାଣି କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ ବଡ଼ନାଗେନା ଓ ସାନନାଗେନା ଗ୍ରାମର ଚାଷୀଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିଥିଲେ। ଗ୍ରାମର ବିଜୟ କୁମାର ସାହୁ, ସମୀର ପାଣି, କୃଷ୍ଣଚନ୍ଦ୍ର ପଣ୍ଡା, ଶଙ୍କର୍ଷଣ ମହାନ୍ତି, ନିରାକାର ମହାନ୍ତି, କୃପାସିନ୍ଧୁ ମହାନ୍ତି ପ୍ରମୁଖ ପ୍ରାୟ ୨୦ଜଣ ଚାଷୀ ସେମାନଙ୍କ ସମାସ୍ୟା ଅବଗତ କରାଇଥିଲେ। କୋଟପାଳରୁ ବଡ଼ନାଗେନା, ଭାଟକାଟେଣୀକୁ ବ୍ରାହ୍ମଣୀ ନଦୀରେ ପାଇପ୍ ପକାଇ ପାଣି ଉତ୍ତୋଳନ କରିବା, ଉପଯୁକ୍ତ କ୍ଷତିପୂରଣ ନ ଦେଇ କୃଷକମାନଙ୍କ ବ୍ୟକ୍ତିଗତ ଜମିରେ ଜୋରଜବରଦସ୍ତ ପାଇପ୍ ଲାଇନ୍ ନେବା, ଠିକାଦାର ଜୋରଜବରଦସ୍ତ ପାଇପ୍ ବିଛାଉଥିବାବେଳେ କୃଷକମାନେ ବିରୋଧ କରିବାରୁ କାମ ବନ୍ଦକରି ଚାଲିଯିବା ଆଦି ଅଭିଯୋଗ କରିଥିଲେ। କମ୍ପାନୀ ଚାପରେ ପ୍ରଶାସନ ଚାଷୀଙ୍କ ବ୍ୟକ୍ତିଗତ ଜମିରେ ଜୋରଜବରଦସ୍ତ ପାଇପ୍ ପକାଇବା ପାଇଁ ଚେଷ୍ଟା ଜାରି ରଖିଛି। ବଡ଼ନାଗେନା ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା ଖୋଳି ପାଇପ୍ ବିଛାଇ ରାସ୍ତାକୁ ଗମନାଗମନ ଅନୁପଯୋଗୀ କରିଦେଇଛନ୍ତି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଜଣେ ଗର୍ଭବତୀ ମହିଳାକୁ ଲୋକେ ଭାରକରି ଆମ୍ବୁଲାନ୍ସ ନିକଟକୁ ନେଇଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ଏହି ପାଇପ୍ ଲାଇନ ବେଲଟିକିରିର ଛାଟିଆଠାରେ ୱାରୀ କମ୍ପାନୀକୁ ପାଣି ଯୋଗାଣ ପାଇଁ ବିଛାଯାଉଛି। ତେଣୁ କୃଷକମାନଙ୍କ ସମସ୍ୟାକୁ ଗମ୍ଭୀର ଭାବରେ ନେଇ ସେମାନଙ୍କ ମତାମତ ଅନୁସାରେ ସମସ୍ୟା ସମାଧାନ କରିବାକୁ ନିବେଦନ କରିଥିଲେ।

## ରାସ୍ତା ପାର୍ଶ୍ୱରୁ କଟାଯିବ ୨ ଶୁଖିଲା ଗଛ



ପରଜଙ୍ଗ, ୨୫।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରକୁ ଲାଗି ରହିଛି ଥାନା ପାଚେରି। ତେବେ ଏହି ପାଚେରି ନିକଟରେ ଏକ ବଡ଼ ଶୁଖିଲା ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେହିପରି ଭାଲୁମୁଣ୍ଡା ଛକରୁ ସାଆନ୍ଦା ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର କଟାବାହାଳ ଗ୍ରାମ ନିକଟରେ ରାସ୍ତାକୁ ଲାଗି ଏକ ବଡ଼ ଶୁଖିଲା ଗଛ ରହିଛି। ଉଭୟ ଶୁଖିଲା ଗଛ କୌଣସି ମୁହୂର୍ତ୍ତରେ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ବିପଦସଙ୍କୁଳ ଏହି ଦୁଇ ଗଛକୁ ରାସ୍ତା ପାର୍ଶ୍ୱରୁ ଉଚ୍ଛେଦ କରିବା ପାଇଁ ଦାବି ହେଉଥିବା ବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଅଫିସ ପତ୍ର ସଂଖ୍ୟା ୨୫୯୦ ଅନୁଯାୟୀ ଏ ସମ୍ପର୍କରେ ମହାବିରୋଡ ରେଞ୍ଜ, କାମାକ୍ଷାନଗର ଉପଜିଲ୍ଲାପାଳ, ଢେଙ୍କାନାଳ ଡିଏଫ୍‌ଓ ଓ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ବିପଦସଙ୍କୁଳ ଗଛ ଦୁଇଟି ରାସ୍ତା ପାର୍ଶ୍ୱରୁ ହଟାଇବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ଗୋଲକବିହାରୀ ଧଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ଢେଙ୍କାନାଳ, ୨୫।୬(ସମିସ): ଢେଙ୍କାନାଳ ସଦର ବ୍ଲକ ପ୍ରଫେସର ଗୋଲକବିହାରୀ ଧଳ ସ୍ମୃତି ସଂସଦ ତରଫରୁ ଗୋଲଖବିହାରୀ ଧଳଙ୍କ ୫୧ତମ ଶ୍ରାଦ୍ଧ ଦିବସ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ଏଥିରେ ସ୍ମୃତି ସଂସଦର ୩୦ ସଦସ୍ୟ/ସଦସ୍ୟାଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂସଦ ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି ଛ'ଦେଶ ସାହିତ୍ୟ ସଂସଦ ସଭାପତି ନୀଳମଣି ମହାରଣା ଏବଂ ବ୍ରଜକିଶୋର ଧଳ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଦସ୍ୟ ଅର୍ପଣ୍ଡି ନାୟକ ଗୋଲକବିହାରୀ ଧଳ, ଭୋଳେଶ୍ୱର ଧଳ ଓ ବ୍ରଜକିଶୋର ଧଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ଧୂପଦୀପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ଥିବା ସତ୍ୟବାଦୀ ପଞ୍ଚସଖାଙ୍କ ମୂର୍ତ୍ତିରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଜିଲ୍ଲା ଶାଖା ସମ୍ପାଦକ କବି ବାହାଦୁର ପାଟସାହାଣୀ, ଅବସରପ୍ରାପ୍ତ ଅତିରିକ୍ତ ସଚିବ ତପନ କୁମାର ଶତପଥୀ, ଗୋଲକ ଧଳ ସ୍ମୃତି ସଂସଦ ଉପସଭାପତି ବୈକୁଣ୍ଠନାଥ ବାରିକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ପଣ୍ଡା ମାଲ୍ୟାର୍ପଣ କରିଥିଲେ। ସ୍ୱଦେଶ ରଞ୍ଜନ ଧଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଆଜି ବିଦ୍ୟାଳୟର ଶୈକ୍ଷିକ ଦିବସ ଥିବାରୁ ନିକଟସ୍ଥ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଲକ ବିହାରୀ ଧଳ ସ୍ମୃତି ସଂସଦ ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି ସଭାପତିତ୍ୱ କରିଥିଲେ। ସଦସ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ମଧୁସୂଦନ ଶତପଥୀ, ବୈକୁଣ୍ଠ ବାରିକ, ବାହାଦୁର ପାଟସାହାଣୀ, ଅର୍ପଣ୍ଡି ନାୟକ, ଡ. କବିତା ମହାନ୍ତି, ତପନ ଶତପଥୀ, ଅଲେଖ ସାହୁ, ପ୍ରାଣବନ୍ଧୁ ନାୟକ, ସ୍ୱଦେଶ ରଞ୍ଜନ ଧଳ ପ୍ରମୁଖ ଗୋଲକ ବିହାରୀ ଧଳଙ୍କ ଜୀବନୀ ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସଭାପତି ଡ. ପୃଷ୍ଟି ସଂସଦକୁ ଆହୁରି ସୁଦୃଢ଼ ଓ ପ୍ରସାର କରାଇବା ପାଇଁ ନିବେଦନ କରିଥିଲେ। ସଂସଦର ଅର୍ଥ ସମ୍ପାଦିକା ପ୍ରଭାତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଇଞ୍ଜିନିୟର ଫକୀର ମୋହନ ସାହୁ ଓ ସଦସ୍ୟ ସୂର୍ଯ୍ୟମଣି ପୃଷ୍ଟି ସଭା ପରିଚାଳନା କରିଥିଲେ।

## ତପୋବନ ମହିମା ଜ୍ୟୋତିଯାତ୍ରା ଉଦ୍‌ଯାପିତ


ଢେଙ୍କାନାଳ, ୨୫।୬(ସମିସ)



ଢେଙ୍କାନାଳ ଜିଲ୍ଲାରୁ ବାହାରିଥିବା ମହିମା ଜ୍ୟୋତିଯାତ୍ରା ଉଦଯାପିତ ହୋଇଛି। ଅନୁଗୋଳ ଜିଲ୍ଲା କୋଶଳା ଅଞ୍ଚଳର ବିଭିନ୍ନ ଗ୍ରାମରେ ଜ୍ୟୋତିଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯିବା ପରେ ବ୍ରହ୍ମଜ୍ୟୋତି ୨୩ ତାରିଖ ଭୋର ସାଢ଼େ ୩ଟାରେ ତପୋବନ ମହିମା ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ହିନ୍ଦୋଳ ଛାଡ଼ିବା ପରେ ୨୧ ତାରିଖ ସନ୍ଧ୍ୟାରେ ଜିନ୍ଦଲ୍ ଷ୍ଟିଲ୍ ପ୍ଲାଣ୍ଟର ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ବରିଷ୍ଠ ଅଧିକାରୀ ଆଶୁତୋଷ ମିଶ୍ର, ସମାଜସେବୀ ମହିମା ଭକ୍ତ ବାମଦେବ ସାହୁ, ଇନ୍ଦ୍ରମଣି ସାହୁ ଓ କିଶୋରୀ ଭୂତିଆଙ୍କ ନେତୃତ୍ୱରେ ବ୍ରହ୍ମଜ୍ୟୋତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବ୍ରହ୍ମଜ୍ୟୋତି ରାତି ୧୦ଟା ଯାଏଁ କୋଶଳାର ଗୋଳାଗାଡ଼ିଆ, ଶିମିଳିସାହି, ଦେହୁରୀ ସାହି, ଝାରସୁଗୁଡ଼ା ସାହି, ଗଙ୍ଗାସାହି ଓ ଚନ୍ଦନ ନଗର ପ୍ରଭୃତି ଅଞ୍ଚଳ ପରିକ୍ରମା ସାରି କୋଶଳା କଲ୍ୟାଣ ମଣ୍ଡପକୁ ଫେରି ସେଠାରେ ରାତ୍ର ରହଣି କରିଥିଲେ। ୨୨ ତାରିଖ ପୂର୍ବାହ୍ନ ୮ଟାରେ କଲ୍ୟାଣ ମଣ୍ଡପରେ ଆୟୋଜିତ ଧର୍ମସଭାରେ ଶ୍ରୀମଦ ରଘୁନାଥ ବାବା, ଶେଷଦେବ ବାବା, ଶିକ୍ଷାବିତ ଖଗେଶ୍ୱର ସାହୁ, ଭକ୍ତ ବାମଦେବ ସାହୁ ଓ ଭକ୍ତ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇ ଦ୍ୱାଦଶ ବର୍ଷ ଉପରାନ୍ତ ମହିମା ଜ୍ୟୋତିଯାତ୍ରାକୁ ଅବ୍ୟାହତ ରଖିବା ନିମନ୍ତେ ମତପ୍ରକାଶ କରିଥିଲେ। ୨୦୨୬ରେ ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ପାଳନ କରିବାକୁ ଭକ୍ତ ଅନନ୍ତ ନାୟକ ପ୍ରସ୍ତାବ ରଖିଥିଲେ। ପୂର୍ବାହ୍ନ ୧୦ଟାରେ ବ୍ରହ୍ମଜ୍ୟୋତିଙ୍କ ସହଯାତ୍ରୀଗଣ ଭାଗଲକଟା ଆବାସିକ ବିଦ୍ୟାଳୟ ପରିସରରେ ଆତ୍ମସେବା ସାରି ଗ୍ରାମ ପରିକ୍ରମା କରିଥିଲେ। ପରେ ବ୍ରାହ୍ମଣବିଲି ଗ୍ରାମ ପରିକ୍ରମା ସାରି ବାଲିପଟା ମହିମାଶ୍ରମରେ ବ୍ରହ୍ମଜ୍ୟୋତି ପଦାର୍ପଣ କରିଥିଲେ। ବୃକ୍ଷଲତାରେ ପରିପୂର୍ଣ୍ଣ ଏହି ଆଶ୍ରମରେ ମହିମା ଭଜନ କୀର୍ତ୍ତନ ପରିବେଷଣ କରାଯିବା ସହ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଆଶ୍ରମର କସ୍ତୁରୀ ମାତା, ଗଧାମାତା, ପାରାମାତା ଓ ଗ୍ରାମ ସଭାପତି ମଙ୍ଗୁଲୁ ସାହୁ ପ୍ରମୁଖଙ୍କ ସହଯୋଗରେ ସେଠାରେ ସାଙ୍ଗକାଳୀନ ଆତ୍ମସେବା ଅନୁଷ୍ଠିତ ହୋଇଥିଲା। ପରେ ବ୍ରହ୍ମଜ୍ୟୋତି ନାଉପଦା, ହଟିଆନାଳୀ, କିସିନ୍ଦା ଓ ଗୋଳାସର ଗ୍ରାମ ପରିକ୍ରମା ସାରି ରାତି ୧୦ଟାରେ କପିଳାସ ତପୋବନ ଅଭିମୁଖେ ବାହାରି ଭୋର୍ ସାଢ଼େ ୩ଟାରେ ତପୋବନରେ ପହଞ୍ଚିବା ପରେ ଚଳିତ ବର୍ଷର ଦୁଇଦିନିଆ ମହିମା ଜ୍ୟୋତି ଯାତ୍ରା ଉଦଯାପିତ ହୋଇଥିବା ଜ୍ୟୋତିଯାତ୍ରା ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ ସୂଚନା ଦେଇଛନ୍ତି।

## ଠିକାଦାରଙ୍କ ମନମୁଖୀ କାମ; ବିନା ଅନୁମତିରେ ଖୋଳିଦେଲେ ରାଜରାସ୍ତା

### ● ଅଭିଯୋଗ ପରେ ପୋତିଦେଲେ



ରଘୁନାଥପୁର,୨୫।୬(ସମିସ): ରଘୁନାଥପୁର ବ୍ଲକ୍ ଅଧୀନ କଟକ-ପାରାଦୀପ ରାଜରାସ୍ତାର ରଘୁନାଥପୁର ବଜାରରେ ୩୩ କେଭି ବିଦ୍ୟୁତ୍ ସରବରାହ ପାଇଁ ବିନା ଅନୁମତିରେ ଠିକାଦାର ରାସ୍ତା ଖୋଳିବା ନେଇ ଅଭିଯୋଗ ହୋଇଛି। ସ୍ଥାନୀୟ ବଜାର କମିଟି ସଦସ୍ୟ ଓ ଗ୍ରାମବାସୀ ସାମ୍ଭବ୍ୟ ଅଘଟଣ ଆଶଙ୍କା କରି ଏହାକୁ ବିରୋଧ କରିବା ସହ ଏସମ୍ପର୍କରେ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଠିକାଦାର ରାସ୍ତାରେ ଖୋଳିଥିବା ଗର୍ତ୍ତକୁ ପୋତିବାକୁ ବାଧ ହୋଇଛନ୍ତି। ବଜାର କମିଟି ସଦସ୍ୟମାନଙ୍କ କହିବା ଅନୁସାରେ ବଜାର ଉପରେ ମାଟିତଳେ ବିଦ୍ୟୁତ୍ ତାର ନେବାପାଇଁ ଗତ ୪ ଦିନ ତଳୁ ବିଭିନ୍ନ ସ୍ଥାନରେ ବିରାଟ ଗର୍ତ୍ତମାନ କରାଯାଇଥିଲା। କଂକ୍ରିଟ ରାସ୍ତା ଉପରେ ଏହା ଖୋଳା ଯାଇଥିବାରୁ ଗାଡ଼ିମଟର ତଥା ବାଇକ୍ ଆରୋହୀଙ୍କ ପାଇଁ ବିପଦ ସାବ୍ୟସ୍ତ ହୋଇଥିଲା। ଏହାଛଡ଼ା ଏଥିରେ ପାଣିଜମି ରାସ୍ତା ସହିତ ସମତୁଲ ଥିବାରୁ ଛୋଟପିଲା କିମ୍ବା ଅଜଣା ପଥଚାରୀଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଥିଲା। ସରପଞ୍ଚ ସୁଚିତ୍ରା ପଣ୍ଡା ଏସମ୍ପର୍କରେ ରାସ୍ତା ଦାୟିତ୍ୱରେ ଥିବା ଆର୍‌ଆଣ୍ଡବି ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ଠିକାଦାର ସମ୍ପୃକ୍ତ ବିଭାଗ ପକ୍ଷରୁ ଅନୁମତି ନଆଣି କିପରି ରାସ୍ତା ଖୋଳିଲେ ଓ ତାଙ୍କ ବିରୁଦ୍ଧରେ କି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ପଣ୍ଡା ଯନ୍ତ୍ରୀ ସ୍ୱାଇଁଙ୍କୁ ପ୍ରଶ୍ନ କରିଥିଲେ। ଅଭିଯୋଗ ପରେ ମଙ୍ଗଳବାର ରାତିରେ ଅତି ତରବରିଆ ଭାବେ ଠିକାଦାର ଉକ୍ତ ଗର୍ତ୍ତଗୁଡ଼ିକୁ ପୋତି ଦେଇଥିବାର ଦେଖାଯାଇଛି। ଏହାଛଡ଼ା ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସହମତିରେ ଏହି କାର୍ଯ୍ୟଟି ବିନା ଅନୁମତିରେ ଚାଲିଥିଲା ବୋଲି ସରପଞ୍ଚ ପଣ୍ଡା କହିଛନ୍ତି। ଏସମ୍ପର୍କରେ ଆର୍‌ଆଣ୍ଡବି ଯନ୍ତ୍ରୀ ସ୍ୱାଇଁଙ୍କୁ ପଚାରିବାରେ ଖୋଳୁଥିବା ଠିକାଦାର ବିଭାଗ ପକ୍ଷରୁ ଅନୁମତି ଆଣିନଥିବା ପ୍ରକାଶ କରିଥିଲେ। ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ବିନା ଅନୁମତିରେ କାର୍ଯ୍ୟ କରୁଥିବାରୁ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର




କୁଜଙ୍ଗ,୨୫।୬(ସମିସ): ଜଗତସିଂହପୁର ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ କୁଜଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ଅଧିକାରିଣୀ ମୌସୁମୀ ମଧୁସ୍ମିତାଙ୍କ ଅଧ୍ୟକ୍ଷତାରେ ଶିବିରରେ କୁଜଙ୍ଗ ଥାନା ସବ୍‌ଇନ୍ସପେକ୍ଟର ପ୍ରାର୍ଥ ପ୍ରୀତମ ଦେବତା, ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ପରିଚାଳକ ବିକାଶ ମୁଦୁଲି, କୁଜଙ୍ଗ ଡାକ ନିରୀକ୍ଷକ ମଧୁସ୍ମିତା ମଲ୍ଲ, କୁଜଙ୍ଗ ବ୍ଲକ୍ ଉପବିଭାଗ ଅଧିକାରୀ ପ୍ରଦୀପ ବାରିକ ଓ ସାରଦା ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦେଇ ନିରାପଦରେ କିପରି ଆର୍ଥିକ କାରବାର କରିପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ମିଶନ ଶକ୍ତି ପଦାଧିକାରୀ, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପି ପ୍ରମୁଖ ସାମିଲ ହୋଇ ନିରାପଦ ଆର୍ଥିକ ଦେଣନେଣ ଓ ସଞ୍ଚୟ ଉପରେ ସଚେତନ ହୋଇଥିଲେ।

### ବଦଳିବ ଭିତରକନିକାର ରୂପରେଖ

## ପ୍ରବେଶପଥ ବୁଲି ଦେଖିଲେ ପର୍ଯ୍ୟଟନ ସଚିବ

ରାଜନଗର, ୨୫।୬(ସମିସ):

ଭିତରକନିକା ଓଡ଼ିଶାର ପ୍ରଥମ ଜାତୀୟ ଉଦ୍ୟାନ। ଏହାର ବିକାଶ ପାଇଁ ପୂର୍ବ ସରକାର ଅର୍ଥ ଦେଇଥିବା ଘୋଷଣା କରିଥିଲେ ମଧ ଆଜି ଯାଏଁ କାମ ଆରମ୍ଭ ହୋଇନି। କେନ୍ଦ୍ରାପଡାରେ ଭିତରକନିକା ଇକୋ ଟୁରିଜିମର ବିକାଶ ପାଇଁ ପର୍ଯ୍ୟଟନ ବିଭାଗର ସଚିବ ଭିତରକନିକାରେ ପହଞ୍ଚି ତିନି ଦିନ ଧରି ସ୍ଥିତି ଅନୁଧାନ କରିଛନ୍ତି। ଖୁବଶୀଘ୍ର ଭିତରକନିକାର ବିକାଶ ପାଇଁ ସରକାର ମାଷ୍ଟରପ୍ଲାନ କରି ଅର୍ଥ ମଞ୍ଜୁର କରିବେ ବୋଲି ଜଣାପଡ଼ିଛି। ଗତ ୯ ତାରିଖ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ଗସ୍ତରେ ଆସି ଭିତରକନିକାର ବିକାଶ ପାଇଁ କହିଥିଲେ। ପର୍ଯ୍ୟଟନ ବିଭାଗର ସଚିବ ବଲବନ୍ତ ସିଂହ ଭିତରକନିକାରେ ପହଞ୍ଚି ଭିତରକନିକା ଭିତର ଓ ବାହାରେ ଥିବା ବିଭିନ୍ନ ଏଣ୍ଟ୍ରି ପଏଣ୍ଟ ବୁଲି ସ୍ଥିତି ଅନୁଧାନ କରିବା ସହ ଖୁବ ଶୀଘ୍ର ଭିତରକନିକାର ରୂପରେଖ ବଦଳିବ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି। ସଚିବ ଭିତରକନିକା ସହିତ ଗୁପ୍ତି, ଖୋଲା, ଚାନ୍ଦବାଲି, ଧାମରା ଆଦି ସ୍ଥାନ ବୁଲିବା ସହ କେଉଁଠି କେତେ ସରକାରୀ ଜମି ରହିଛି, ସେଥିରେ କିକି ପର୍ଯ୍ୟଟନଭିତ୍ତିକ ପ୍ରକଳ୍ପ କରିହେବ ତାର ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ ହେବ ବୋଲି ଜଣାପଡିଛି। ପେଣ୍ଟ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ବ୍ଲୁ ଫ୍ଲାଗ ବିଚ ନିର୍ମାଣ କରାଯିବ। ଗୁପ୍ତି, ଖୋଲା, ଡାଙ୍ଗମାଳ, ଭିତରକନିକା, ଚାନ୍ଦବାଲି, ଜୟନଗର ଘାଟ, କସ୍ତୁରିକଣ ଠାରେ ଜେଟି ନିର୍ମାଣ କରାଯିବ। ଡାଙ୍ଗମାଳ ସ୍କିମ ଏରିଆ ମଧ୍ୟରେ ପାଦଚଲା ରାସ୍ତାକୁ ପେଭର ବ୍ଲକ ବିଛାଇ ରାସ୍ତା ନିର୍ମାଣ ହେବ। ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟରେ ସଦୃଶ ଗେଟ ନିର୍ମାଣ ହେବ। ଇଣ୍ଟରପିଟିସନ ସେଣ୍ଟର, ଫୁଡ କୋର୍ଟ ସହିତ ଅରଣ୍ୟନିବାସ ନିକଟରେ ପାର୍କିଂସ୍ଥଳ ନିର୍ମାଣ ହେବ ବୋଲି ଜଣାପଡିଛି। ସେନେଇ ସରକାରୀ ଜମି କେତେ ଅଛି ତାର ରିପୋର୍ଟ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବଙ୍କ ସହିତ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ଏଡିଏମ, ଏସିଏଫ ମାନସ କୁମାର ଦାସ, ପୂର୍ତ୍ତ ବିଭଗର ଅଧୀକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ସହକାରୀ ଯନ୍ତ୍ରୀ ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ଭିତ୍ତିଭୂମିସ୍ଥଳ ଦୁଇ ଦିନ ଧରି ବୁଲି ଦେଖିଥିଲେ।



### ■ ଡ୍ରେନେଜ୍‌କଟ୍ ଖରିବଣରେ ପରିପୂର୍ଣ୍ଣ

## ବର୍ଷା ଦିନେ ଜଳ ନିଷ୍କାସନ ଆଶଙ୍କାରେ ଚାଷୀ

ଡେରାବିଶ, ୨୫।୬(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ୧୬, ୧୭, ୧୮, ୧୯ ଓ ୨୦ ନଂ ସମସ୍ତ ଡ୍ରେନେଜ କଟ୍ ଏବେ ଖରିବଣରେ ପରିପୂର୍ଣ୍ଣ। ଏହି ଡ୍ରେନେଜକଟ୍‌କୁ ଦେଖିଲେ ଲାଗୁଛି ସତେଯେପରି ଏହା କୌଣସି ଡ୍ରେନେଜ୍‌କଟ୍ ନୁହେଁ ବରଂ ଖରିବଣର ଜଙ୍ଗଲ। ସମଗ୍ର ଡେରାବିଶ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ୪ ହଜାର ହେକ୍ଟରରୁ ଅଧିକ ଚାଷଜମିର ଉଦବୃତ ଜଳ ଓ ବର୍ଷା ଜଳ ଉପରୋକ୍ତ ପାଞ୍ଚଟି ଡ୍ରେନେଜକଟ୍ ମାଧ୍ୟମରେ ଗୋବରୀ ନଦୀକୁ ନିଷ୍କାସିତ ହୋଇଥାଏ। ହେଲେ ଗତ କିଛି ବର୍ଷ ଧରି ଏହି ଡ୍ରେନେଜକଟ୍ ଗୁଡ଼ିକ ଆଦୌ ସଫା ହେଉ ନଥିବାରୁ ତାହା ଚାଷୀମାନଙ୍କ ଦୁଃଖର କାରଣ ସାଜିଛି। ଚଳିତ ବର୍ଷ ୧୮ ଡ୍ରେନେଜକଟ୍‌ରେ କଟକ ଜିଲ୍ଲାରେ ସଫେଇ କରାଯାଇଛି। ଫଳରେ ଚଳିତ କଟକ ଜିଲ୍ଲା ଅଞ୍ଚଳର ଚାଷଜମିରୁ ଉଦବୃତ ଜଳ ସିଧାସଳଖ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ଚାଷଜମିମାନଙ୍କୁ ବୁଡ଼ାଇବ। କାରଣ ଏହି ୧୮ ନଂ ଡ୍ରେନେଜକଟ୍‌ର ଡେରାବିଶ ବ୍ଲକ ଅଧୀନ ଅଞ୍ଚଳ ଆଦୌ ସଫା କରାଯାଇ ନାହିଁ। ଯାହାକି ଚଳିତ ବର୍ଷ ଡେରାବିଶ ବ୍ଲକର ଚାଷଜମିଗୁଡ଼ିକ ବିଶେଷ ପ୍ରଭାବିତ ହେବ। ତୁରନ୍ତ ଜଳନିକାସ ବିଭାଗ ପଦକ୍ଷେପ ନେଇ ଏହି ଡ୍ରେନେଜ୍‌କଟ୍ ଗୁଡ଼ିକ ସଫା କରିବା ପାଇଁ ଡେରାବିଶ ବ୍ଲକର ଚାଷୀମାନେ ଅନୁରୋଧ କରିଛନ୍ତି।



## ହସ୍ତଶିଳ୍ପ କାରିଗର ସଚେତନତା ଶିବିର

କେନ୍ଦ୍ରାପଡା,୨୫।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଏବଂ ଓଡ଼ିଶା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ଶିଳ୍ପକେନ୍ଦ୍ର ସମ୍ମିଳନୀ କକ୍ଷରେ ହସ୍ତଶିଳ୍ପ କାରିଗର ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ସାଧାରଣ ପରିଚାଳକ ପ୍ରଦୀପ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଭୁବନେଶ୍ୱର ଡିସି ହ୍ୟାଣ୍ଡିକ୍ରାଫ୍ଟ କାର୍ଯ୍ୟାଳୟର ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରମେନ୍ଦର ସିହ୍ନା, ୟୁନିୟନ ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖା ପରିଚାଳକ ସ୍ୱାଧୀନ ସିହ୍ନା ମତ ରଖିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ କୁଳମଣି ବେହେରା, ରାଜ୍ୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ହସ୍ତଶିଳ୍ପୀ ପ୍ରିୟବ୍ରତ ଜେନା, କାଇଁଚ ହସ୍ତଶିଳ୍ପରେ ରାଜ୍ୟ ପୁରସ୍କାରପ୍ରାପ୍ତ ହସ୍ତଶିଳ୍ପୀ ବିଜୟଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ହସ୍ତଶିଳ୍ପ ବିକାଶ ଅଧିକାରୀ ସତ୍ୟଜିତ ବେହେରା ମଞ୍ଚ ପରିଚାଳନା କରିଥିଲେ। ହସ୍ତଶିଳ୍ପ ବିଭାଗ ପକ୍ଷରୁ ଥିବା ଯୋଜନା, ସହାୟତା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରିୟଜିତ ସାହୁ ଏବଂ ଦିନେଶ ରଞ୍ଜନ ସାହୁ ଆଲୋକପାତ କରିଥିଲେ। ହସ୍ତଶିଳ୍ପ କାର୍ଯ୍ୟାଳୟ ମୁଖ୍ୟଲିପିକ ଭକ୍ତି ଭୂଷଣ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଟେରାକୋଟା ନିପୁଣ ହସ୍ତଶିଳ୍ପୀ ମକରକେତନ ସାହୁ, ସୁବଳ ମୁଦୁଲି, କାଇଁଚ ହସ୍ତଶିଳ୍ପୀ ସ୍ୱର୍ଣ୍ଣଲତା ସ୍ୱାଇଁ, ହସ୍ତଶିଳ୍ପୀ ରେଶମା ବେଗମ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଅଙ୍ଗନବାଡ଼ି କର୍ମୀଙ୍କୁ ମହିଳା ସୁପରଭାଇଜରଙ୍କ ଦୁର୍ବ୍ୟବହାର ଘଟଣା

## ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ଧାରଣା

ନାଉଗାଁ,୨୫।୬(ସମିସ): ନାଉଗାଁ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅଙ୍ଗନବାଡ଼ି ସଂଘ କର୍ମୀମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ମଙ୍ଗଳବାର ନାଉଗାଁ ବ୍ଲକ୍ ଅଧୀନ ଘୋଡାଂଶ ପଞ୍ଚାୟତରେ ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ସେକ୍ଟର ବୈଠକ ଅନୁଷ୍ଠିତ ହେଇଥିଲା। ବୈଠକରେ ହରସିପୁର ଅଙ୍ଗନବାଡି କେନ୍ଦ୍ରର କର୍ମୀ ରାଜଲକ୍ଷ୍ମୀ ରାଉଳଙ୍କୁ ଏକ ପ୍ରସଙ୍ଗକୁ ନେଇ ମହିଳା ସୁପରଭାଇଜର ସର୍ବସମ୍ମୁଖରେ ଅସଭ୍ୟ ଭାଷାରେ ଗାଳି କରିଥିଲେ। ଯାହାକୁ ନେଇ ରାଜଲକ୍ଷ୍ମୀ ଅଲ୍‌ଓଡ଼ିଶା ଅଙ୍ଗନବାଡ଼ି ମହିଳା ଆସୋସିଏସନର ନାଉଗାଁ ଶାଖାରେ ଅଭିଯୋଗ କରିବା ପରେ ଆଜି ସଂଘର କର୍ମକର୍ତ୍ତାମାନଙ୍କ ସହିତ ଅନ୍ୟ ଅଙ୍ଗନବାଡି କର୍ମୀମାନେ ନାଉଗାଁ ମହିଳା ଓ ଶିଶୁବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂପୃକ୍ତ ସୁପରଭାଇଜରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଧାରଣାରେ ବସିଥିଲେ। ତେବେ ଘଟଣାସ୍ଥଳରେ ନାଉଗାଁ ପୁଲିସ ଓ ନାଉଗାଁ ମହିଳା ଓ ଶିଶୁ ବିକାଶ ଅଧିକାରୀ କର୍ମୀମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



### ■ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ

## ୨୩ ଜୁଲାଇ କେନ୍ଦ୍ରାପଡ଼ା ଜିଲ୍ଲା ବନ୍ଦ ଡକରା




କେନ୍ଦ୍ରାପଡ଼ା,୨୫।୬(ସମିସ): ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନଙ୍କ ଘନଘନ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ ମଧ୍ୟରେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପାଖରେ ପ୍ରତିଶ୍ରୁତିର ଅଭାବ ନାହିଁ। ଏହା କିନ୍ତୁ, ଧୀରେ ଧୀରେ ପ୍ରତାରଣାରେ ପରିଣତ ହେଉଥିବା ଜିଲ୍ଲାବାସୀ ହୃଦବୋଧ କଲେଣି। କେନ୍ଦ୍ରାପଡା ଜିଲ୍ଲାର କିଛି ବିକାଶ ହେଉନି। ଦୀର୍ଘ ବର୍ଷ ହେବ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଚାଲିଛି। ଡବଲ ଇଞ୍ଜିନ ସରକାରର ମନ୍ତ୍ରୀମାନେ କହୁଛନ୍ତି, ଜିଲ୍ଲାରେ ମେଡିକାଲ କଲେଜ ନିଶ୍ଚୟ ହେବ; କିନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହଲିଙ୍ଗ ରାଜ୍ୟରେ ୯ଟି ମେଡିକାଲ କଲେଜ ଘୋଷଣା କରିଥିବା ବେଳେ ସେଥିରେ କେନ୍ଦ୍ରାପଡ଼ାର ନାଁ ନାହିଁ। ଡବଲ ଇଞ୍ଜିନ ସରକାର କେନ୍ଦ୍ରାପଡା ଜିଲ୍ଲାବାସୀଙ୍କୁ ଭଣ୍ଡାଉଥିବା ଅଭିଯୋଗ କରିଛି କେନ୍ଦ୍ରାପଡ଼ା ଜିଲ୍ଲା ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି। ବୁଧବାର ରିଡିଙ୍ଗ ରୁମରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ଜୁଲାଇ ୨୩ ତାରିଖରେ ଏହି ଦାବିକୁ ଦୃଢ଼ୀଭୂତ କରିବା ପାଇଁ ଜିଲ୍ଲା ବନ୍ଦ ଡକରା ଦିଆଯାଇଛି। ୧୨ଘଣ୍ଟିଆ କେନ୍ଦ୍ରାପଡ଼ା ଜିଲ୍ଲା ବନ୍ଦ ପାଇଁ ଘୋଷଣା କରାଯାଇଛି। ଏହାକୁ ସଫଳ କରିବା ପାଇଁ ସମସ୍ତ ବ୍ଲକରେ ପ୍ରସ୍ତୁତି ବୈଠକ କରିବା ସହିତ ଆସନ୍ତା ଜୁଲାଇ ୧୧ ତାରିଖ କେନ୍ଦ୍ରାପଡା ସହରରେ ଏକ ଗଣ ସମ୍ମିଳନୀ ଅନୁଷ୍ଠିତ ହେବ। ବୈଠକରେ ସମ୍ପାଦକ ରମଣିରଞ୍ଜନ ରାଉତରାୟ, ଆବାହକମଣ୍ଡଳୀ ସଦସ୍ୟ ଗୟାଧର ଧଳ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ଭାଗୀରଥି ଜେନା, ଅନ୍ୟାନ୍ୟ କର୍ମକର୍ତ୍ତା ବୈଷ୍ଣବ ସ୍ୱାଇଁ, ସୁରେଶଚନ୍ଦ୍ର ପଟ୍ଟନାୟକ, ଗୋଲକଚନ୍ଦ୍ର ମହାଭୋଇ, କୁଞ୍ଜବିହାରି ଦାସ, ଡ. ଚୈତନ୍ୟ ଚରଣ ପରିଡା, ଧୀରେନ୍ଦ୍ର ବେହେରା, ପ୍ରମୋଦ ରାଉତ, ଶେଖ ହିଫସାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାବାସୀ ଏହି ବନ୍ଦ ଡକରାକୁ ସଫଳ କରିବା ପାଇଁ ବୈଠକରେ ନିବେଦନ କରାଯାଇଛି।

## ନାଉଗାଁ ବ୍ଲକ୍ ବିଜୁ ଜନତା ଦଳର ସାଂଗଠନିକ ବୈଠକ



ଜଗତସିଂହପୁର,୨୫।୬(ସମିସ): ଜଗତସିଂହପୁର ସହରର ସିପି ଛକରେ ଥିବା ଜନସମ୍ପର୍କ କାର୍ଯ୍ୟାଳୟରେ ନାଉଗାଁ ବ୍ଲକ ବିଜୁ ଜନତା ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟ ଏବଂ ଜିଲ୍ଲା ପରିଷଦ ସଭ୍ୟା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଶେଷ କରି ଗତ ଫେବୃଆରୀରୁ ନାଉଗାଁ ବ୍ଲକ୍‌ରେ ବିଡିଓ ନଥିବାରୁ ବ୍ଲକ୍ ପ୍ରଶାସନ ଏକପ୍ରକାର ସ୍ଥାଣୁ ପାଲଟିଛି। ସେହିପରି ଗତ ମାସରେ ଏବିଡିଓଙ୍କର ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ସେହିପରି ବ୍ଲକର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଦୀର୍ଘଦିନ ଧରି ଖାଲିପଡ଼ିଛି। ଫଳରେ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଆଗାମୀ ଦିନରେ ଏସବୁ ପ୍ରସଙ୍ଗ ନେଇ ସରକାରଙ୍କ ଉପରେ ଚାପ ପକାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ ଅଧିକ ମଜବୁତ କରିବାକୁ ବିଭିନ୍ନ ସାଂଗଠନିକ କାର୍ଯ୍ୟ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଏସିଡ୍ ଆକ୍ରମଣ ପୀଡ଼ିତଙ୍କ ପାଇଁ ଆଇନ ସହାୟତା କର୍ମଶାଳା




ଜଗତସିଂହପୁର,୨୫।୬(ସମିସ): ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଏସିଡ ଆକ୍ରମଣ ପୀଡ଼ିତଙ୍କ ପାଇଁ ଆଇନ ସହାୟତା ବିଷୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ 'ନାଲସା' ଯୋଜନା ଅନୁସାରେ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଦିଆଯାଉଥିବା ଆଇନ୍ ସହାୟତା, ଦଣ୍ଡବିଧାନ ଏବଂ କ୍ଷତିପୂରଣ ସମ୍ପର୍କରେ କର୍ମଶାଳାରେ ସୂଚନା ଦିଆଯାଇଥିଲା। ପ୍ରାଧିକରଣ ସଚିବଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ/ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରାଧିକରଣ ସଚିବ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ଏସିଡ୍ ଆକ୍ରମଣର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ବିଭିନ୍ନ ଆଇନଗତ ବ୍ୟବସ୍ଥା, ଆଇନସେବା ପ୍ରାଧିକରଣ ଦ୍ୱାରା ଦିଆଯାଉଥିବା ଆଇନଗତ ସହାୟତା ଏବଂ ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ତତ୍‌ସହିତ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି କିପରି ମାଗଣାରେ ଚିକିତ୍ସା ପାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଏହି ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ବାଇକ୍



ନାଉଗାଁ,୨୫।୬(ସମିସ): ନାଉଗାଁ ଥାନାଞ୍ଚଳର କଣ୍ଟୁଣିଆ ଦଣ୍ଡାସାହିରେ ଅଗ୍ନିକାଣ୍ଡ ଘଟି ଏକ ନୂଆ ବାଇକ୍ ଜଳିଯାଇଛି। ସୂଚନା ମୁତାବକ ବୁଧବାର ଭୋର ସମୟରେ ଦଣ୍ଡାସାହି ଅଞ୍ଚଳର ମୁରଲୀଧର ବେହେରାଙ୍କ ପୁଅ ଗଣେଶ ଚନ୍ଦ୍ର ବେହେରାଙ୍କ ନୂତନ ବାଇକ୍‌ରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଏହାଦେଖି ପରିବାର ଲୋକେ ନିଆଁକୁ ଲିଭାଇବାକୁ ଚେଷ୍ଟା କରି ନାଉଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ନାଉଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ବାଇକ୍‌ଟି ୮୦ ପ୍ରତିଶତ ପୋଡ଼ି ଯାଇଥିଲା।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ରାଜନଗର, ୨୫।୬(ସମିସ): ଘରକାମ କରୁଥିବା ଜଣେ ଶ୍ରମିକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ନରଣଗଡ ଗାଁର ରଞ୍ଜନ କୁମାର ବେହେରା ମୂଲ ଲାଗିଲେ ପରିବାର ଚଳେ। ଗାଁର ଆଜି ଜଣକ ଘର ନିର୍ମାଣ କାମରେ ଶ୍ରମିକ ଭାବେ କାମ କରୁଥିଲେ। ରାଜମିସ୍ତ୍ରିଙ୍କ ସହିତ ମିଶି ଲୁହା ରଡକୁ ସିଧା କରୁଥିଲେ। ଲୁହା ରଡ ସିଧା କରୁଥିବା ବେଳେ ରଡ ଘର ନିକଟରେ ଥିବା ୧୧ କେଭି ବିଦ୍ୟୁତ ତାରରେ ବାଜିଥିଲା। ବିଦ୍ୟୁତ ଆଘାତରେ ଲୁହା ରଡ ଧରିଥିବା ରଞ୍ଜନ କିଛି ସମୟ ଲଖି ରହିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରଞ୍ଜନଙ୍କ ମୃତ୍ୟୁ ଖବର ଶୋକର ଛାୟା ଖେଳାଇ ଦେଇଛି।




### ରିଘାଗଡ଼ର ଶ୍ରୀବଳଦେବଜୀଉ ମନ୍ଦିର

# ମୁରୁଜ ରଥରେ ବିଜେ କରନ୍ତି ବଡ଼ ଠାକୁର

ରାଜନଗର,୨୫।୬(ସମିସ):

ରାଜନଗର ବ୍ଲକ୍‌ର ବିଶ୍ୱପ୍ରସିଦ୍ଧ ଭିତରକନିକା ସୀମାରେ ପୂଜା ପାଇ ଆସୁଛନ୍ତି ଶ୍ରୀ ଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥଜୀଉ ଓ ମାତେଶ୍ୱରୀ ସୁଭଦ୍ରା ଦେବୀ। ସେତେବେଳେ କନିକା ରାଜା ନିଜ ରାଜଧାନୀ ରିଘାଗଡ଼ଠାରେ ଏହି ଦାରୁବ୍ରହ୍ମ ସ୍ଥାପନ କରିଥିଲେ। ଯେହେତୁ ଘଞ୍ଚ ଅରଣ୍ୟ ଓ କାଦୁଅ ଭରା ଇଲାକା ଥିଲା ତା'ଛଡା ବିଶାଳକାୟ ଦାରୁବ୍ରହ୍ମ ପାଇଁ ରଥ ନିର୍ମାଣ କରିବା ଓ ଏହାକୁ ଟାଣିବା ସମ୍ଭବପର ହେଉ ନଥିଲା; ସାତ ଆଠ ଦଶନ୍ଧି ପୂର୍ବରୁ ସେତେବେଳେ ରଥ ନିର୍ମାଣ ହୋଇଥିଲେ ମଧ ମନ୍ଦିର ଭିତରେ ହିଁ ମୁରୁଜ ରଥ ନିର୍ମାଣ କରାଯାଇ ମହାବାହୁଙ୍କୁ ବିଧିମୁତାବକ ବିଜେ କରାଯାଇ ପରମ୍ପରାକୁ ସମ୍ମାନ ଜଣାଯାଇଛି। ଏହା ଭିତରେ ଏ ଅଞ୍ଚଳର ଯୁବ ପ୍ରତିଭା ଯୁବ ସଂଗଠକ ପ୍ରଫେସର ଡ. ଲଳିତ ଲେଙ୍କା, ଦେବେନ୍ଦ୍ର ରାଉଳ ପ୍ରମୁଖ ଏବେ ରଥ ନିର୍ମାଣ ପାଇଁ ପ୍ରୟାସ ଜାରିରଖିଛନ୍ତି କାରଣ ଏବେ ରିଘାଗଡ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ପକ୍କା ହୋଇଥିବାରୁ ରଥଟାଣିବା ସହଜ ହେବ ବୋଲି କନିକାରାଜା ଶିବେନ୍ଦ୍ରନାରାୟଣ ଭଞ୍ଜଦେଓ, ରାଣୀ ମୃଣାଳିନୀ ଦେବୀଙ୍କ ସହ ଆଲୋଚନା ମଧ କରିଛନ୍ତି। ଏ ସମ୍ପର୍କରେ ରାଜା ଶ୍ରୀ ଭଞ୍ଜଦେଓ କହିବା କଥା, ସେ ସମୟ ଏବେ ନାହିଁ ସ୍ଥାନୀୟ ଲୋକପ୍ରତିନିଧି ଏବଂ ଭକ୍ତଙ୍କ ସହଯୋଗ ମିଳିଲେ ଆଗାମୀ ଦିନରେ ରଥଯାତ୍ରା କରାଯିବାର ବାଟ ଫିଟିପାରିବ।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଈଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ରିଘାଗଡ଼। ଶ୍ରୀ ବଳଦେବଜୀଉ କିମ୍ବଦନ୍ତୀ କହେ ଭଞ୍ଜବଂଶୀୟ ରାଜା ବଳଭଦ୍ର ଭଞ୍ଜଙ୍କର କାଳଜୟୀ କୀର୍ତ୍ତି ହେଉଛି ବଳଦେବଜୀଉ ମନ୍ଦିର। ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଦଶନ୍ଧି ବେଳକୁ ରିଘାଗଡ଼ କନିକା ଇଲାକାର ରାଜଧାନୀ ଥିଲା। ଏଠାରେ କନିକା ରାଜା ବିଶ୍ୱନାଥ ଭଞ୍ଜଙ୍କ ନଅର ଥିଲା। ପରବର୍ତ୍ତୀ କାଳରେ ରାଜା ବଳଭଦ୍ର ଭଞ୍ଜ ସେଠାରେ ବଳଦେବଜୀଉଙ୍କ ମନ୍ଦିର ନିର୍ମାଣ କରି ବିଗ୍ରହ ସ୍ଥାପନ କରାଇଥିଲେ। ୧୯୦୯ରେ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହି ମନ୍ଦିରର ରକ୍ଷଣାବେକ୍ଷଣ ତଥା ଏହାକୁ ନୂତନ ରୂପ ଦେଇଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ରାଜା ରାଜେନ୍ଦ୍ର ନାରାୟଣ ଏଠାରୁ ରାଜଧାନୀ ସ୍ଥାନାନ୍ତରିତ କରିବା ପରେ ସମୟକ୍ରମେ ରିଘାଗଡ଼ ରାଜନଅର ପରିତ୍ୟକ୍ତ ହୋଇ ମାଟିସ୍ତୂପରେ ପରିଣତ ହୋଇଯାଇଛି। ମାତ୍ର ରିଘାଗଡ଼ ଏବେ ମଧ କଳା ଓ ସ୍ଥାପତ୍ୟର ଜ୍ୱଳନ୍ତ ପ୍ରମାଣ ବହନ କରି ମୁଣ୍ଡ ଟେକି ରହିଛି। ତିନି ବିଗ୍ରହ ଶ୍ରୀକ୍ଷେତ୍ର ଶୈଳୀରେ ନିର୍ମିତ ହୋଇଥିଲେ ମଧ ଏଠାରେ ଜଗନ୍ନାଥଙ୍କଠାରୁ ବଳଦେବଙ୍କ ବିଗ୍ରହ ଅପେକ୍ଷାକୃତ ବଡ଼ ଦିଶନ୍ତି। ଏହି ମନ୍ଦିରର ଜଗମୋହନ ରାଜସ୍ଥାନ ଶୈଳୀରେ ନିର୍ମିତ ହୋଇଛି। ସିଂହଦ୍ୱାରରେ ତତ୍କାଳୀନ ଶିଳ୍ପୀମାନଙ୍କ ଦ୍ୱାରା ନିଖୁଣ ଭାବରେ ଜୟଦେବଙ୍କ ଗୀତଗୋବିନ୍ଦ ବର୍ଣ୍ଣିତ ଦଶାବତାର ଓ ନବଗ୍ରହ ମୂର୍ତ୍ତି ନିର୍ମାଣ କରାଯାଇଛି। ସମ୍ମୁଖ ମନ୍ଦିରରେ ନୃସିଂହଙ୍କ ପିତ୍ତଳ ମୂର୍ତ୍ତି ସହିତ ରାଧାକୃଷ୍ଣ, ଚତୁର୍ଦ୍ଧା ବିଷ୍ଣୁମୂର୍ତ୍ତି, ଦୁଷ୍ପ୍ରାପ୍ୟ ତାଳପତ୍ର ପୋଥି ଏବଂ ଶାଳଗ୍ରାମ ଦେଖିବାକୁ ମିଳେ। ବାହ୍ୟ ଓ ଅଭ୍ୟନ୍ତରୀଣ ପରିବେଶ ଆଜି ଜରାଜୀର୍ଣ୍ଣ। ମାଟି କାଦୁଅ ରାସ୍ତା ଆଉ ଲୋକ ଅଭାବରୁ ଦୀର୍ଘଦିନ ହେବ ରଥଯାତ୍ରା ବନ୍ଦ ହୋଇଯାଇଛି। ଏହାଛଡା ରାଜାଙ୍କ ଭଗ୍ନ ବାରବାଟୀ ଅତୀତର ମୂକସାକ୍ଷୀ ରୂପେ ପଡ଼ିରହିଛି ଏବଂ ଦୁଇ ଏକର ପରିମିତ ଚନ୍ଦନ ପୁଷ୍କରିଣୀ ସଂପ୍ରତି ଦଳଗାଡ଼ିଆରେ ପରିଣତ ହୋଇଛି। ମାଉସୀ ମା' ମନ୍ଦିର ସଂପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।








ମୁମ୍ବାଇରେ ଚିକିତ୍ସାଧୀନ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ଅବସରରେ ଦଳୀୟ ନେତୃବୃନ୍ଦ

# ଆଠଗଡ଼ ବ୍ଲକ୍ ସମ୍ମୁଖରେ ଖଣ୍ଡଯୁଦ୍ଧ ଘଟଣା; ୫୯ ଗିରଫ

**ଆଠଗଡ,୨୫।୬(ସମିସ):** ମଙ୍ଗଳବାର ଆଠଗଡ଼ ପଞ୍ଚାୟତ ସମିତି ବୈଠକର ଅବ୍ୟବହିତ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ବିଜେପି ମଧ୍ୟରେ ଖଣ୍ଡଯୁଦ୍ଧ ଘଟିବା ସହ ବହୁ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପୁଲିସ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ଦ୍ଦୋଷ ଥିବା ଜଣାପଡ଼ିବା ପରେ ଛାଡି ଦିଆଯାଇଥିଲା। ତେବେ ୫୯ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ପଞ୍ଚାୟତ ସମିତିର ୧୦ମ ବୈଠକରେ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିକୁ ସହ୍ୟ କରି ନ ପାରି ବିଜେପି କର୍ମୀମାନେ ବିଧାୟକ ଆସିବା ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। କୌଣସି ପ୍ରକାର ଅଘଟଣକୁ ଟାଳିବା ନେଇ ଉପସ୍ଥିତ ପୁଲିସ କର୍ମଚାରୀମାନେ ବିଜେପି କର୍ମୀଙ୍କୁ ବୁଝାସୁଝା କରି ଘଟଣାସ୍ଥଳରୁ ଚାଲିଯିବାକୁ ନିବେଦନ କରିଥିଲେ। ହେଲେ ବିଜେପି କର୍ମୀମାନେ ରକ୍ତମୁଖା ହୋଇ ପୁଲିସ ଉପରକୁ ଢେଲା, ପଥର ମାଡ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୁଲିସ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଥିଲା। ଆଠଗଡ ପୁଲିସ ବାଧ ହୋଇ ମୃଦୁ ଲାଠି ଚାଳନା କରିଥିଲା। ବିଜେପି କର୍ମୀ ସମିତି କାର୍ଯ୍ୟାଳୟ ସମ୍ମୁଖରୁ ହଟିଯାଇ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଡକୁ ପଳାଇ ଯାଇ ପୁଲିସ ଉପରକୁ ଅଣ୍ଡା ଓ ପଥର ମାଡ କରିଥିଲେ। ଏହି ଆକ୍ରମଣରେ ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି ଗୁରୁତର ହେବା ସହିତ, ତିଗିରିଆ ଥାନା ଏଏସଆଇ ବିଶ୍ୱଜିତ ଜେନାଙ୍କ ସହ ବହୁ ପୁଲିସ ଅଧିକାରୀ ଆହତ ହୋଇଥିଲେ।

## ଆପାର୍ଟମେଣ୍ଟ ପଞ୍ଜୀକରଣ ମାମଲା

# ଶୁଣାଣି ଜୁଲାଇ ୧ରେ, ଅନ୍ତରୀଣ ରହିତାଦେଶ ବଳବତ୍ତର

**କଟକ,୨୫। ୬(ସମିସ):** ରାଜ୍ୟରେ ରେରା ଆଇନ କାର୍ଯ୍ୟକାରୀ ହେବା ତଥା ୨୦୧୭ ଫେବୃଆରୀ ୨୫ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣକୁ ସରକାର ନିକଟରେ ଅନୁମତି ପ୍ରଦାନ କରି ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହି ବିଜ୍ଞପ୍ତି ଉପରେ ହାଇକୋର୍ଟ ଜାରି କରିଥିବା ଗତ ଫେବୃଆରୀ ୧୨ତାରିଖର ଅନ୍ତରୀଣ ରହିତାଦେଶକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ଜୁଲାଇ ୧ତାରିଖରେ ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି। ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଆବେଦନର ଆଜି ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ଆବେଦନକାରୀ ଓ ସରକାର ଏହି ପ୍ରସଙ୍ଗରେ ଯୁକ୍ତି ଉପସ୍ଥାପନ କରିବେ। ଓଡିଶା ଆପାର୍ଟମେଣ୍ଟ ଓନରସିପ ଆଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ (ଓଏଓଏମ ଆକ୍ଟ-୨୦୨୩)ଅନୁସାରେ ସମସ୍ତ ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ଅକ୍ୟୁପାନ୍ସି ପ୍ରମାଣପତ୍ର ବାଧ୍ୟତାମୂଳକ ଥିଲା। ୨୦୧୭ଫେବୃଆରୀ୨୫ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣ କ୍ଷେତ୍ରରେ ଉପରୋକ୍ତ ଆଇନ ଲାଗୁ ହେବ ନାହିଁ ବୋଲି ସରକାର ଜାରି କରିଥିବା ବିଜ୍ଞପ୍ତି ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ନବଯୌବନ...

ହେବ। ପରିମାଣିକ ଦର୍ଶନ ପରେ ଭକ୍ତଙ୍କ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ହେବ। ସକାଳ ୮ଟାରୁ ୯ଟା ପରିମାଣିକ ଦର୍ଶନ ଚାଲିବ। ବୁଧବାର ନୀଳାଦ୍ରି ଭକ୍ତ ନିବାସରେ ପରିମାଣିକ ଟିକଟ୍ ବିକ୍ରି କରାଯାଇଛି। ପରିମାଣିକ ଟିକଟଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଭିତରକାଠ ନିକଟରେ ସେମାନେ ଦର୍ଶନ କରିବେ। ସେହିପରି ସକାଳ ୯ଟାରୁ ପୂର୍ବାହ୍ଣ ସାଢ଼େ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ବା ସାହାଣମେଲା ଦର୍ଶନ ଭିତରକାଠ ନିକଟରୁ ହେବ। ପୂର୍ବାହ୍ଣ ସାଢ଼େ ୧୦ଟା ପରେ ଆଉ ଦର୍ଶନ ହେବ ନାହିଁ କିନ୍ତୁ ଭକ୍ତମାନେ ବେଢ଼ା ପରିକ୍ରମା କରି ପାଶ୍ୱର୍ ଦେବଦେବୀଙ୍କୁ ଦେଖିପାରିବେ।

ତେବେ ସାହାଣମେଲା ଦର୍ଶନ ସରିବା ପରେ ଧୂଆ ହୋଇ ଚୂନପାଣି ପଡ଼ିବ। ଏହାପରେ ସର୍ବାଙ୍ଗ ବନ୍ଦାପନା ହେବ। ଏହି ନୀତି ବଢ଼ିବା ପରେ ନେତ୍ରୋତ୍ସବ ବନ୍ଦାପନା କରାଯିବ। ଏହାସହିତ ଅନ୍ୟାନ୍ୟ ନୀତି ବଢ଼ି ଭୋଗମଣ୍ଡପ ଉଠିବା ପରେ ଦକ୍ଷିଣୀ ଘର ଭୋଗ ହେବ। ସନ୍ଧ୍ୟା ସାଢ଼େ ୭ଟାରେ ସନ୍ଧ୍ୟା ଆଳତି ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ ପରେ ରାତି ସାଢ଼େ ୧୧ଟାରେ ପହୁଡ଼ ଆଳତି ହେବ। ରାତି ୧୧ଟା ୪୫ରେ ଶ୍ରୀମୁଖ ଖଣ୍ଡୁଆ ଏବଂ ରାତି ସାଢ଼େ ୧୨ଟାରେ ବାହୁଟ କଣ୍ଟ ସରିବ। ଏହାପରେ ରାତି ସାଢ଼େ ୧୨ଟାରୁ ଭୋର୍ ସାଢ଼େ ୫ଟାରେ ସେନାପଟା ଲାଗି ପାଇଁ ନୀତି ନିର୍ଘଣ୍ଟ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ହେବ ରଥଯାତ୍ରା। ଅନ୍ୟପକ୍ଷରେ ଆଉ ଦିନକ ପରେ ଘୋଷଯାତ୍ରା ଥିବାବେଳେ ପୁରୀକୁ ଭକ୍ତଙ୍କ ଆଗମନ ବଢୁଛି। ପାଗ ଅନୁକୂଳ ଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ହୋଟେଲ, ଲଜ୍ ଓ ଧର୍ମଶାଳାଗୁଡ଼ିକ ପ୍ୟାକ୍ ହୋଇଗଲାଣି।

#### ଦିନକ ପରେ ରଥଯାତ୍ରା: ଆଜି ରଥ ଆଜ୍ଞାମାଳ ବିଜେ

ଦିନକ ପରେ ରଥଯାତ୍ରା ଅର୍ଥାତ୍ ଶୁକ୍ରବାର ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ନବଦିନାତ୍ମକ ଯାତ୍ରା କରିବେ ମହାପ୍ରଭୁ। ଏଥିପାଇଁ ପ୍ରାୟ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏ ବର୍ଷ ଅଧିକ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ଶୃଙ୍ଖଳିତ ଭାବେ ଘୋଷଯାତ୍ରା ସମ୍ପନ୍ନ କରିବା ଲାଗି ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ବିଧି ମୁତାବକ, ରଥଯାତ୍ରା ପୂର୍ବଦିନ ତିନିରଥରେ ଆଜ୍ଞାମାଳ ବିଜେ ପରେ ସିଂହଦ୍ୱାର ସମ୍ମୁଖରେ ଲାଗିଥା'ନ୍ତି। ତିନିରଥର ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ରଥ ନିକଟରେ ପହଞ୍ଚାନ୍ତି। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଆଜ୍ଞାମାଳ ବିଜେ ହୁଏ। ଏହାପରେ ରଥଖଳାରୁ ତିନିରଥଙ୍କୁ ପୁଲିସ ଟାଣି ନେଇ ସିଂହଦ୍ୱାରରେ ଲଗାଇଥା'ନ୍ତି। ତେଣୁ ଗୁରୁବାର ସକାଳଧୂପ ପରେ ଅପରାହ୍ଣ ୪ଟା ୧୦ରେ ରଥଖଳାକୁ ଆଜ୍ଞାମାଳ ବିଜେ କରିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ଯେହେତୁ ଏଥର ଗୋଟିଏ ଦିନରେ ରଥ ଆଜ୍ଞାମାଳ, ନବଯୌବନ ଦର୍ଶନ ଏବଂ ନେତ୍ରୋତ୍ସବ ପଡ଼ିଛି ତେଣୁ ରଥ ଆଜ୍ଞାମାଳ ଅପରାହ୍ଣରେ ଆସିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ତେବେ ରଥ ଆଜ୍ଞାମାଳ ଆସିବା ପରେ ତିନିରଥ ସିଂହଦ୍ୱାର ସମ୍ମୁଖରେ ଲାଗିବ ଏବଂ ଶୁକ୍ରବାର ଅନୁଷ୍ଠିତ ହେବ ରଥଯାତ୍ରା।

### ଅନ୍ତରୀକ୍ଷରେ ଶୁଭାଂଶୁ...

ଏହି ଅଭିଯାନ ଭାରତୀୟ ସମୟ ଦ୍ୱିପହର ପ୍ରାୟ ୧୨ଟା ସମୟରେ ଉତ୍କ୍ଷେପଣ କରାଯାଇଥିଲା। ଏହି ଡ୍ରାଗନ ସ୍ପେସକ୍ରାଫ୍ଟ ପ୍ରାୟ ୨୮ .୫ ଘଣ୍ଟା ପରେ ଗୁରୁବାର ସନ୍ଧ୍ୟା ୪ଟା୩୦ରେ ଆଇଏସଏସରେ ପହଞ୍ଚିବ। ଶୁଭାଂଶୁଙ୍କ ସହିତ ପୋଲାଣ୍ଡର ସ୍ଲାଓଜ୍ ଉଜାନସ୍କି-ୱିସ୍ନିସ୍କି, ହଙ୍ଗେରୀର ଟିବୋର କାପୁ ଏବଂ ଆମେରିକାର କମାଣ୍ଡର ପେଗି ହ୍ୱିଟସନ୍ ମଧ୍ୟ ଆଇଏସଆଇ ଅଭିମୁଖେ ଯାଇଛନ୍ତି। ସମସ୍ତେ ମହାକାଶରେ ୧୪ ଦିନ ପର୍ଯ୍ୟନ୍ତ ରହିବେ ଏବଂ ୬୦ଟି ବୈଜ୍ଞାନିକ ପରୀକ୍ଷଣ କରିବେ। ଏଥିରୁ ୭ଟି ପରୀକ୍ଷଣ ପାଇଁ ଭାରତୀୟ ଗବେଷକ ପ୍ରସ୍ତାବ ଦେଇଛନ୍ତି। ଶୁଭାଂଶୁ ମହାକାଶରୁ ଜଣେ ଭିଆଇପିଙ୍କ ସହ କଥାହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହି ଅଭିଯାନରେ ଶୁଭାଂଶୁଙ୍କ ଅଭିଜ୍ଞତା ଭାରତର ଗଗନଯାନ ଅଭିଯାନ ପାଇଁ କାମରେ ଆସିବ। ଏହା ଭାରତର ପ୍ରଥମ ମାନବ ଅଭିଯାନ ହେବ। ଏହା ମାଧ୍ୟମରେ ମହାକାଶଯାତ୍ରୀଙ୍କୁ ପୃଥିବୀର ନିମ୍ନ କକ୍ଷକୁ ପଠାଇ ସୁରକ୍ଷିତ ଭାବେ ଭାରତ ଅଣାଯିବ। ୨୦୨୭ରେ ଏହ ଅଭିଯାନ ହେବାର ସମ୍ଭାବନା ରହିଛି।

### ଆଇସିୟୁରୁ କ୍ୟାବିନକୁ...

ବିଜେଡି ନେତାମାନେ ନବୀନ ପଟ୍ଟନାୟକଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକ ଓ ଚିକିତ୍ସା କରୁଥିବା ଡାକ୍ତର ଟିମ୍‌କୁ ମଧ୍ୟ ଭେଟି ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ଆଲୋଚନା କରିଛନ୍ତି। ନବୀନଙ୍କ ରାଜନୈତିକ ସଚିବ ସଂନ୍ତୃପ୍ତ ମିଶ୍ର ମଧ୍ୟ ବିଜେଡି ନେତାମାନଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି।

ଆଜି ସକାଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଅଶୋକ ଚନ୍ଦ୍ର ପଣ୍ଡା, ସଂଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ବିଧାୟକ ସଂଜୀବ ମଲ୍ଲିକ, ସୁଶାନ୍ତ ରାଉତ, ବିଶ୍ୱରଂଜନ ମଲ୍ଲିକ, ବିକ୍ରମ ପଣ୍ଡା, ପ୍ରଣବ ବଳବନ୍ତରାୟ, ଅମିତ ମଲ୍ଲିକ ଓ ସୁରେନ୍ଦ୍ର ମହାପାତ୍ର ନବୀନଙ୍କୁ ଭେଟିଥିବାବେଳେ ସନ୍ଧ୍ୟାରେ ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଅନନ୍ତ ନାରାୟଣ ଜେନା, ଦେବୀ ରଞ୍ଜନ ତ୍ରିପାଠୀ, ବ୍ୟୋମକେଶ ରାୟ ଓ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ପ୍ରମୁଖ ନବୀନଙ୍କୁ ସାକ୍ଷାତ କରିଛନ୍ତି।

ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ପୁରା ଠିକ୍ ଅଛି ସେ ଉଭୟ ମାନସିକ ଓ ଶାରୀରିକ ଭାବରେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଆମକୁ ଦେଖି ସେ ବେଶ୍ ଖୁସିହେଲେ ଓ ଖୁବ୍ ଶୀଘ୍ର ଭୁବନେଶ୍ୱର ଫେରିବେ ବୋଲି କହିଛନ୍ତି । ଏବେ ତାଙ୍କର ଫିଜିଓଥେରାପି କରାଯାଉଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

### ମୋହନଙ୍କ 'ମନ୍ତ୍ରୀ ସୂତ୍ର'...

୨ ମାସ ଧରି ମନ୍ତ୍ରୀମଣ୍ଡଳର ପ୍ରତିଟି ମନ୍ତ୍ରୀଙ୍କର କାର୍ଯ୍ୟଦକ୍ଷତାକୁ ତନ୍ନ ତନ୍ନ କରି ପରଖା ଯାଇଛି। ତେବେ ମନ୍ତ୍ରିମଣ୍ଡଳର ଅଧିକାଂଶ ସଦସ୍ୟଙ୍କ କାର୍ଯ୍ୟଦକ୍ଷତାକୁ ନେଇ ମୁଖ୍ୟମନ୍ତ୍ରୀ ଅସୁଖୀ ଥିବା କୁହାଯାଉଥିବା ବେଳେ ୨ରୁ ୩ ଜଣ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବା ଏକପ୍ରକାର ନିଷ୍ପତ୍ତି ସରିଛି। ଏହାସହ ମନ୍ତ୍ରୀମଣ୍ଡଳରେ ଯେପରି ଜିଲ୍ଲାୱାରୀ ପ୍ରତିନିଧିତ୍ୱ ସଂଖ୍ୟା ଅଧିକ ରହିବ, ସେନେଇ ମୁଖ୍ୟମନ୍ତ୍ରୀ ଯଥେଷ୍ଟ ଉଦ୍ୟମ କରିଛନ୍ତି।

ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏପରି ନିଷ୍ପତ୍ତିକୁ ନେଇ ଦଳର ଅନ୍ୟ ଏକ ଗୋଷ୍ଠୀର ଯୁକ୍ତି ହେଉଛି ଯେ ଏପରି ହେଲେ ଗଞ୍ଜାମ, ବଲାଙ୍ଗୀର, ମୟୂରଭଞ୍ଜ ଜିଲ୍ଲା ପ୍ରଭାବିତ ହେବ। ଏହି ଜିଲ୍ଲାଗୁଡ଼ିକରୁ ଏକାଧିକ ମନ୍ତ୍ରୀ ରହିଛନ୍ତି। ସେହିପରି ଏହି ନୀତି କାର୍ଯ୍ୟକାରୀ ହେଲେ ମନ୍ତ୍ରିମଣ୍ଡଳରେ ଦକ୍ଷତା, ଆନୁଗତ୍ୟତା ସଠିକ୍ ଭାବେ ପ୍ରତିନିଧିତ୍ୱ ମିଳିପାରିବ ନାହିଁ। ତେଣୁ ଶୀର୍ଷ ନେତୃତ୍ୱ ଆଉଥରେ ନିଜ ନିଷ୍ପତ୍ତିର ପୁନଃର୍ବିଚର କରିବା ଉଚିତ୍ ବୋଲି ଉକ୍ତ ଗୋଷ୍ଠୀ ଦାବି କରୁଛି। ଏହାସହ ସମ୍ପ୍ରସାରଣରେ ନିଜ ନାମ ଯୋଡ଼ିବା ପାଇଁ ଶେଷ ମୂହୂର୍ତ୍ତରେ ମଧ୍ୟ କେତେକ ବିଧାୟକ ନିଜ ନିଜ ଗୋଷ୍ଠୀର ମୁଖିଆଙ୍କ ନିକଟରେ ଶରଣ ପସିଥିବା ଶୁଣାଯାଉଛି। ତେବେ ଶୀର୍ଷ ନେତୃତ୍ୱ ସ୍ତରରେ ନିଷ୍ପତ୍ତି ପରିବର୍ତ୍ତନ ସମ୍ଭାବନା କ୍ଷୀଣ ଏବଂ ମନ୍ତ୍ରୀମଣ୍ଡଳ ଆପାତତଃ ଚୂଡ଼ାନ୍ତ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ମିଳିଥିବା ସୂଚନା ଅନୁଯାୟୀ ସମ୍ପ୍ରସାରଣରେ ମୁଖ୍ୟମନ୍ତ୍ରୀ ୨ ଜଣ ମହିଳାଙ୍କୁ ନିଜ ଟିମରେ ସାମିଲ କରିପାରନ୍ତି। ସେହିପରି କେନ୍ଦ୍ରାପଡା, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ବରଗଡ଼, କୋରାପୁଟ ଆଦି ସଂସଦୀୟ କ୍ଷେତ୍ରକୁ ମନ୍ତ୍ରୀମଣ୍ଡଳରେ ଅଧିକ ପ୍ରତିନିଧିତ୍ୱ ମିଳିପାରେ ବୋଲି ଜଣାପଡ଼ିଛି।

### ଚାପରେ ମୋଡ଼...

ଯଦିଓ ଜଣେ ସେବକ ଲିଖିତ ଅଭିଯୋଗ କରିଥିଲେ କିନ୍ତୁ ଗଣମାଧ୍ୟମ ସମ୍ମୁଖରେ ଅନ୍ୟଜଣେ ବରିଷ୍ଠ ଦଇତାପତି ସେବକ ମୋଦକ ଚୋରି ହୋଇଥିବା କହିଥିଲେ। ତେଣୁ ଚାପରେ ଅଭିଯୋଗର ମୋଡ଼ ବଦଳି ଯାଇପାରେ ବୋଲି ସନ୍ଦେହ କରୁଛନ୍ତି ଜଗନ୍ନାଥପ୍ରେମୀ। ସବୁଠୁ ବଡ଼ କଥା ହେଉଛି, ମହାପ୍ରଭୁଙ୍କୁ ଜ୍ୱରରୁ ଉପଶମ ପାଇଁ ମାରା ମୋଦକ ଲାଗି କରାଯାଇଛି, ଯାହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି କେହି। ଗତବର୍ଷ ବଡ଼ଠାକୁର ପଡ଼ିଯିବା ଘଟଣାର କୌଣସି ଶାନ୍ତି ବିଧାନ ହୋଇ ନ ଥିବାବେଳେ ଏଥର ଠାକୁରଙ୍କୁ ମାରା ମୋଦକ ଲାଗି କରାଯିବା ଘଟଣା ଶୁଭଙ୍କର ନୁହେଁ ବୋଲି ଅନେକ ଚର୍ଚ୍ଚା କରୁଛନ୍ତି।


### ମୁକୁଳା ଡ୍ରେନ୍...

ଅନ୍ୟପକ୍ଷରେ ମୁକୁଳା ଡ୍ରେନରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ସହରର ଡ୍ରେନେଜ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତବର୍ଷ ବର୍ଷାରେ ନାବାଳକ ସାଇରାମଙ୍କ ମୃତ୍ୟୁ ପରେ ବିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ମୁକୁଳା ଡ୍ରେନରେ ଢାଙ୍କୁଣି ପକାଇବା ଓ ବାଉଁଶ ବାଡ଼ ଦେବାକୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମାତ୍ର ଏବେବି ବହୁ ସ୍ଥାନରେ ମୁକୁଳା ଡ୍ରେନ୍ ରହିଛି ଯାହା ଲୋକଙ୍କ ପାଇଁ ବିପଦ ଡାକିଆଣୁଛି।

ବୁଧବାର ମେଡିକାଲ ଖେଳପଡିଆ ସଂଲଗ୍ନ ନାଳରେ ଘଟିଥିବା ଘଟଣାକୁ ନେଇ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ସହରର ସମସ୍ତ ଡ୍ରେନରେ ଆବଶ୍ୟକତା ଅନୁଯାୟୀ ତଥା ଯୁଦ୍ଧକାଳୀନ ଭିତ୍ତିରେ କଂକ୍ରିଟ ଢାଙ୍କୁଣି ପକାଯାଇଛି। ଅନେକ ସ୍ଥାନରେ ଏହି କାର୍ଯ୍ୟ ଜାରି ରହିଛି। ଯାହାକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରେନରେ ପଡି ମହେନ୍ଦ୍ରଙ୍କ ମୃତ୍ୟୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଭଳି ଘଟଣା ଏଡ଼ାଇବାକୁ ବିଏଇମ୍‌ସି ଯତ୍ନବାନ ରହିଛି। ତେବେ ଏମକେସିଜି ଖେଳପଡିଆ ସଂଲଗ୍ନ ଏହି ଡ୍ରେନ ବିଇଏମସି ଅଧିନରେ ନୁହେଁ ବରଂ ଡ୍ରେନେଜ ବିଭାଗ ଅଧିନରେ ରହିଛି। ଏବଂ ଉକ୍ତ ରାସ୍ତା ପୂର୍ତ୍ତବିଭାଗ ଅଧିନରେ ରହିଛି। ଏଥିରେ ବିଏଇମ୍‌ସିରେ କୌଣସି ସମ୍ପୃକ୍ତି ନଥିବା ମେୟର ସ୍ପଷ୍ଟ କରିଛନ୍ତି।

# ପରଲୋକରେ ଅଭିନେତା, ନିର୍ଦ୍ଦେଶକ ନାରାୟଣ ପତି

**ବିଞ୍ଝାରପୁର,୨୫।୬ (ସମିସ):** ପ୍ରଖ୍ୟାତ ମଞ୍ଚ କଳାକାର, ନିର୍ଦ୍ଦେଶକ ତଥା ଓଡ଼ିଆ, ହିନ୍ଦୀ ଚଳଚ୍ଚିତ୍ର ଓ ଟେଲି ସିରିଏଲର ଜଣାଶୁଣା ଅଭିନେତା ନାରାୟଣ ପତିଙ୍କ ପରଲୋକ ହୋଇଯାଇଛି। ଯାଜପୁର ଜିଲ୍ଲାର ଦେୱାନପାଟଣା ଗ୍ରାମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବିଞ୍ଝାରପୁର ବ୍ଲକର ପ୍ରଥମ ଚେୟାରମ୍ୟାନ ଥିବା ବଳରାମ ପତିଙ୍କ ଜ୍ୟେଷ୍ଠପୁତ୍ର ନାରାୟଣ ନେସନାଲ ସ୍କୁଲ ଅଫ୍ ଡ୍ରାମା (ଏନଏସ୍‌ଡି)ରେ ଅଧ୍ୟୟନ କରି କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଓଡିଆ ହିନ୍ଦୀ ଚଳଚ୍ଚିତ୍ର 'ଦୟାବାନ'ରେ ଅଭିନୟ କରିଥିବା ବେଳେ ଓଡିଆ ଚଳଚ୍ଚିତ୍ର ବା ଅବାଟ, ସମର ସଲିମ୍ ସାଇମନ, ଲକ୍ଷେ ଶିବ ପୂଜି ପାଇଥିଲି ପୁଅ, ଖାଣ୍ଟି ଓଡିଆ ଝିଅ, ବୋଉର ହାତବାକ୍ସ ଆଦିରେ ଅଭିନୟ କରିଥିବା ବେଳେ କେତେକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ। ସେ ପ୍ରଥମ ଓଡିଆ ଟେଲିଭିଜନ ଧାରାବାହିକ 'ପଥର ପଡ଼ିଲେ ସହି' ନିର୍ମାଣ କରି ଟେଲି ସିରିଏଲକୁ ପାଦେ ଆଗେଇ ଦେଇଥିଲେ। ଏହାଛଡା ସଂଖ୍ୟାଧିକ ମଞ୍ଚ ନାଟକ ପ୍ରଯୋଜନା କରିବା ସହିତ ଏଥିରେ ନିର୍ଦ୍ଦେଶନା ଦେଇଥିଲେ। ଓଡିଆ କଳା, ସାହିତ୍ୟ, ନାଟକ ପ୍ରତି ତାଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ ପୂର୍ବକ ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ତରଫରୁ ପୁରସ୍କୃତ କରାଯାଇଥିଲା।



ଗତକାଲି ସେ ମସ୍ତିଷ୍କାଘାତ (ବ୍ରେନ୍‌ଷ୍ଟ୍ରୋକ)ରେ ପୀଡିତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଆଜି ତାଙ୍କର ଦେହାନ୍ତ ହୋଇ ଯାଇଥିବା ସମ୍ପର୍କରେ ତାଙ୍କର କନିଷ୍ଠଭ୍ରାତା ଅରୁଣ କୁମାର ପତି ସୂଚନା ପ୍ରଦାନ କରିଥିଲେ। ଏ ଖବର ମିଳିବା ପରେ ଯାଜପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ, ଶିକ୍ଷକ ନେତା ରତନଲାଲ ଭୂୟାଁ, ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ସୁଧୀର କୁମାର ଭୂୟାଁ, ସମାଜସେବୀ ନରେନ୍ଦ୍ର ପଣ୍ଡା, ବିଜେପି ନେତା ଗୌତମ ରାୟ, ବବିତା ମଲିକ, ଏସୟୁସିଆଇ ପାର୍ଟି ତରଫରୁ ବିଷ୍ଣୁ ଦାସ, ଖରସ୍ରୋତା ପ୍ରେସ୍ କ୍ଲବ ଉପଦେଷ୍ଟା ରତିଲାଲ ଭୂୟାଁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ବ୍ଲକ ସଭାପତି ରବିନାରାୟଣ ମହାନ୍ତି, ବିଜେପି ନେତା ଉପେନ୍ଦ୍ର କୁମାର ଧଳ, ଅଧ୍ୟାପକ ଦେବବ୍ରତ ମିଶ୍ର ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଶୋକ ବ୍ୟକ୍ତ କରିଛନ୍ତି।

# ସାପ କାମୁଡ଼ାରେ ବାପ-ପୁଅ ମୃତ

**ବାରିପଦା/ଶୁଳିଆପଦା, ୨୫।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମଙ୍ଗଳବାର ରାତିରେ ଘରେ ଶୋଇଥିବା ବେଳେ ଏକ ଚିତି ସାପ ବାପ-ପୁଅଙ୍କୁ କାମୁଡି ଦେଇଥିଲା। ବାପ ଓ ପୁଅ ଜାଣି ପାରିନଥିବା ବେଳେ ଶବ୍ଦ ଶୁଣି ବାହାରେ ଶୋଇ ଥିବା ମା' ଓ ଝିଅ ଚିତି ସାପକୁ ଦେଖିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ବାପ-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ ବାଘଡା ଗ୍ରାମର ହରେକୃଷ୍ଣ ମୁଖି (୪୫) ଓ ତାଙ୍କ ପୁଅ ଇଶାନ ମୁଖି (୫)। ହରେକୃଷ୍ଣ ବାଘଡ଼ା ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ଏହିପରି ଅଭାବନୀୟ ଘଟଣାକୁ ନେଇ ବାରିପଦା ମେଡିକାଲ ପରିସରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଚିକିତ୍ସାଧୀନ ହାତୀ ଛୁଆର ମୃତ୍ୟୁ



**ବଡମ୍ବା,୨୫।୬(ସମିସ):** ବଡମ୍ବା ବନବିଭାଗ ଅଧୀନ ଡାହାଣିଖଲି ମନ୍ଦିର ନିକଟରେ ଏକ ହାତୀ ଛୁଆ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ଆଜି ତାର ମୃତ୍ୟୁ ଘଟିଛି। ମୃତ ହାତୀଟିର ଆନୁମାନିକ ବୟସ ୫ ବର୍ଷ ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ହାତୀ ଛୁଆର ମୃତ୍ୟୁ ଖବର ପାଇ ଆଠଗଡ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ବଡମ୍ବା ବନାଞ୍ଚଳ ଅଧିକାରୀ ପ୍ରଭାତ କୁମାର ରାଉତ, ଏସିଏଫ ମନୋଜ କୁମାର ପାତ୍ର ଏବଂ ସଦର ଫରେଷ୍ଟର ଶୁଭେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚିକିତ୍ସା କରୁଥିବା କପିଳାସର ଡାକ୍ତର ଟିମ ଓ ବଡମ୍ବା ପ୍ରାଣୀ ବିଭାଗ ଅଧିକାରୀ ଓ ଗୋପପୁର ପ୍ରାଣୀ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ମୃତ ହାତୀ ଛୁଆଟିର ଶବ ବ୍ୟବଚ୍ଛେଦ ହେବା ପରେ ସେହି ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଛି।

# ୪ ମାଓବାଦୀ ଗିରଫ

**ମାଲକାନଗିରି, ୨୫।୬(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ତଲାସି ଅଭିଯାନ ବେଳେ ଯବାନ ମାନେ ୪ ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ଗିରଫ ମାଓବାଦୀ ମାନେ ଗତ କିଛିଦିନ ପୂର୍ବେ ଯବାନ ଓ ମାଓବାଦୀଙ୍କ ଗୁଳି ବିନିମୟ ଘଟଣାରେ ସାମିଲ ଥିବା ଜଣାପଡିଛି। ସେମାନେ ହେଲେ ଚମ୍ପା କର୍ମା, ମାଙ୍ଗି ମାଣ୍ଡାଭି, ଲାଛୁ ମାଣ୍ଡାଭି ଏବଂ ସାଙ୍କୁ ମାଣ୍ଡାଭି। ସେମାନଙ୍କଠାରୁ ଦୁଇଟି ୧୨ ବୋର ବନ୍ଧୁକ, ଗୋଟିଏ ୩୧୫ ବୋର ରାଇଫଲ୍, ପାଞ୍ଚଟି ଜୀବନ୍ତ ଗୁଳି ଏବଂ ତିନୋଟି ଡେଟୋନେଟର୍ ଜବତ କରାଯାଇଥିଲା



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

ସା କ୍ଷା ତ କା ର



# "ସୁଟିଂ ସେଟ୍ ମୋ' ଦ୍ୱିତୀୟ ଘର"

**ସୋନାଲି ଚୌଧୁରୀ**
**ଅଭିନେତ୍ରୀ**

ଦିନେ ନା ଦିନେ ସେ ଅଭିନେତ୍ରୀ ହେବେ। ଏମିତି ଏକ ସ୍ୱପ୍ନ ପିଲାଟି ଦିନରୁ ସେ ଦେଖି ଆସିଥିଲେ। ଏହି ସ୍ୱପ୍ନ ପୂରା କରିବାକୁ ୨୦୨୧ ମସିହାରେ ସେ 'ରଜ ସୁନ୍ଦରୀ'ରେ ଭାଗ ନେଇଥିଲେ। ଏଥିରେ ନିଜର ଦକ୍ଷତା ପ୍ରତିପାଦନ କରି ଗ୍ରାଣ୍ଡ ଫାଇନାଲିଷ୍ଟ ହୋଇଥିଲେ। ଏହା ପରେ ଧାରାବାହିକରେ ଅଭିନୟ କରିବାକୁ ତାଙ୍କର ମନ ବଳିଲା। ଏଥିପାଇଁ ତରଙ୍ଗ ଟିଭି ତାଙ୍କୁ ଏକ ସୁଯୋଗ ଦେଇଥିଲା। ସେ 'ଅତୁଟ ବନ୍ଧନ' ଧାରାବାହିକ ପାଇଁ ଅଡିସନ୍ ଦେଇ ଏଥିରେ ତ୍ରିଷ୍ଣା ଭୂମିକାରେ କାମ ଆରମ୍ଭ କରି ସଫଳତା ପାଇଥିଲେ। ସେଭଳି ଜଣେ ସଫଳ ଅଭିନେତ୍ରୀ ହେଉଛନ୍ତି ଭୁବନେଶ୍ୱରର ସୋନାଲି ଚୌଧୁରୀ। ଅଭିନୟ ଜଗତରେ ତାଙ୍କ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ।

**ଅଭିନୟର ଯାତ୍ରା କିପରି ଥିଲା ?**

● ଅଭିନେତ୍ରୀ ହେବାକୁ ପିଲାଦିନରୁ ସ୍ୱପ୍ନ ଦେଖିଥିଲି। ଯେହେତୁ ମୁଁ ପ୍ରଥମେ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲି। ତେଣୁ ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଏମ୍. ସି.ଏ. ଅଧ୍ୟୟନ ଆରମ୍ଭ କରିଥିଲି। ପାଠପଢ଼ା ସମୟରେ ୨୦୨୧ ମସିହାରେ ରିଆଲିଟି ଶୋ' 'ରଜସୁନ୍ଦରୀ'ରେ ଗ୍ରାଣ୍ଡ ଫାଇନାଲିଷ୍ଟ ହେବା ପରେ ଧାରାବାହିକରେ କାମ କରିବାକୁ ଇଚ୍ଛା ହେଲା। ଠିକ୍ ସେତିକିବେଳେ ମୋତେ ତରଙ୍ଗ ଟିଭି ପକ୍ଷରୁ 'ଅତୁଟ ବନ୍ଧନ' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା। ଏହି ପ୍ରଥମ ପ୍ରୋଜେକ୍ଟରେ ଓଡ଼ିଶାବାସୀଙ୍କ ଢେର ସାରା ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି। ଏଥିରେ ଶ୍ରେଷ୍ଠ ଡେବ୍ୟୁଟାଣ୍ଟ ସମ୍ମାନରେ ସମ୍ମାନିତ ହୋଇଛି ମଧ୍ୟ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● 'ଅତୁଟ ବନ୍ଧନ'ରେ ତ୍ରିଷ୍ଣା ଚରିତ୍ରଟି ମୋ ନିଜ ସହିତ ପ୍ରାୟତଃ ସମାନ। ତେଣୁ ଏହି ଚରିତ୍ର କରିବାକୁ ଯଦିଓ କଷ୍ଟ ହୋଇ ନ ଥିଲା, ହେଲେ ପ୍ରଥମେ କ୍ୟାମେରାକୁ ସାମ୍ନା କରିବାକୁ ପୂରା ଡରି ଯାଉଥିଲି। ହେଲେ ଏହି ସମୟରେ ଧାରାବାହିକର ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାର ମୋତେ ପୂରା ସହଯୋଗ କରିଥିଲେ। ସେମାନଙ୍କର ସହଯୋଗ ସହିତ ମୋ ନିଜର ଇଚ୍ଛାଶକ୍ତି ବଳରେ ଅଭିନୟ ଭଲ କରିପାରିଥିଲି।

**ଅତୁଟ ବନ୍ଧନରେ ତ୍ରିଷ୍ଣା ଚରିତ୍ର ବିଷୟରେ କିଛି କୁହନ୍ତୁ ?**

● ଭାଇ ଭଉଣୀଙ୍କ ସମ୍ପର୍କକୁ ସବୁଠୁ ପବିତ୍ର ସମ୍ପର୍କ ବୋଲି କୁହାଯାଏ। ଏହି ଧାରାବାହିକରେ ତ୍ରିଷ୍ଣା ପିଲାଦିନରୁ ତା' ବାପାମାଙ୍କୁ ହରାଇଛି। ତା' ପାଇଁ ତା' ଭାଇ ବାପାମା' ସବୁକିଛି। ତ୍ରିଷ୍ଣାକୁ ମୁରଲୀ ନାମକ ଯୁବକ ଭଲ ପାଉଛି। ତାକୁ ସେ ବିବାହ କରୁଛି। ବିବାହ ପରେ ବି ତ୍ରିଷ୍ଣା ତା' ଭାଇର ଯତ୍ନ ନେବାକୁ ଭୁଲି ନାହିଁ। ତେଣୁ ଶାଶୂଘରେ ସ୍ୱାମୀ ଆଉ ବୋହୂର କର୍ତ୍ତବ୍ୟ ଭିତରେ ସେ ଭାଇ କଥା ବୁଝୁଛି। ନିଜ ପରିବାରର ସମସ୍ତଙ୍କର ଧ୍ୟାନ ଦେଉଛି। ତେଣୁ ଏହା ଏକ ଦମ୍‌ଦାର ଚରିତ୍ର। ମୁରଲୀ ଆଉ ମୋର ଯୋଡ଼ିକୁ ଦର୍ଶକ ବହୁତ ଭଲପାଇବା ଦେଉଛନ୍ତି।

**ଆଗାମୀ ଯୋଜନା ?**

ନୂତନ ପ୍ରୋଜେକ୍ଟର ଅଫର୍ ରହିଛି। ପ୍ରଥମ ଧାରାବାହିକ ସରିବା ପରେ ସେଥିରେ କାମ ଆରମ୍ଭ କରିବାକୁ ଆଶା ରଖିଛି। ତା' ସହିତ ବଡ଼ ପରଦାରେ କାମ କରିବାକୁ ସୁଯୋଗ ମିଳିଲେ ବି କରିବି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

ସୁଟିଂ ନଥିଲେ ମୁଁ ଶୋଇବାକୁ ଭଲ ପାଏ। ସୁଟିଂ ପାଇଁ ସମୟ ଅଭାବ ରହୁଥିବାରୁ ଫାଙ୍କା ମିଳିଲେ ଘର ଲୋକଙ୍କ ସହ ସମୟ କାଟେ। ଆଉ ଗୋଟେ କଥା କହିବି ଘର ପରି ଆମର ଅଧିକ ସମୟ ସୁଟିଂ ସେଟ୍‌ରେ କଟେ। ତେଣୁ ସୁଟିଂ ସେଟ୍ ମୋର ଦ୍ୱିତୀୟ ଘର।

**ଏ ଲାଇନ୍‌ରେ ଆଗକୁ ବଢ଼ିବାକୁ କ'ଣ କରିବା ଦରକାର?**

ନିଜ ଚରିତ୍ରକୁ ସବୁବେଳେ ଗୁରୁତ୍ୱ ଦେବା ଦରକାର। ନିଜ କାମ ଭାବି ଅଭିନୟ କରିଲେ, କାମ ଭଲ ହୁଏ। ଏଥିପାଇଁ ମାନସିକ ଭାବେ ପ୍ରସ୍ତୁତି ରହିବା ଦରକାର। ବରିଷ୍ଠ କଳାକାରଙ୍କ ମାର୍ଗଦର୍ଶନ ଯେତେ ମିଳିଲେ ବି ନିଜକୁ ଆଗକୁ ବଢ଼ାଇବାକୁ ପ୍ରୟାସ କରିବା ଆବଶ୍ୟକ। ଏହାଦ୍ୱାରା ସୁଯୋଗ ଆପେ ଆପେ ମିଳିଥାଏ। ■


# ଅଜୟ-ନୀରୁଙ୍କ ଯୋଡ଼ି



ଖୁବ୍‌ଶୀଘ୍ର ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ 'ସନ ଅଫ୍ ସର୍ଦ୍ଦାର-୨'ରେ ନଜର ଆସିବେ। ଏହି ସିନେମାରେ ଅଜୟଙ୍କ ସହିତ ମୃଣାଳ ଠାକୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ହେଲେ ଏହି ସିନେମାରେ ଅଜୟଙ୍କ ପତ୍ନୀଙ୍କ ଚରିତ୍ରରେ ଅଭିନୟ କରିବେ ନୀରୁ ବାଜୱା। ଏହି ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ କେତେ ପସନ୍ଦ କରୁଛନ୍ତି, ସିନେମା ମୁକ୍ତିଲାଭ କଲେ ହିଁ ଜଣାପଡ଼ିବ। ବିଜୟ କୁମାର ଅରୋରଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଜୁଲାଇ ୨୫ରେ ପ୍ରେକ୍ଷାଳୟକୁ ଆସିବା କୁହାଯାଉଛି। ଅନ୍ୟପକ୍ଷରେ ୨୦୧୨ ମସିହାରେ ଆସିଥିବା ସନ୍ ଅଫ୍ ସର୍ଦ୍ଦାରର ଏହା ହେଉଛି ଦ୍ୱିତୀୟ ଭାଗ। ଯାହାକି ଏବେ ୧୩ ବର୍ଷ ପରେ ଆସୁଛି। ତେବେ ପ୍ରଥମ ଭାଗଟି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ■

# ସୋନମଙ୍କ କେଶ ଦାନ





ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ଥାଆନ୍ତି ବଲିଉଡ୍ ଅଭିନେତ୍ରୀ ସୋନମ କପୁର। ଏବେ ପୁଣି ସେ ତାଙ୍କ କେଶ କଟା ଯୋଗୁଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏଥର କେଶ କାଟିବା ପାଇଁ ନୁହେଁ, ବରଂ କେଶ ଦାନ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି। ସୋନମ କିଛି ଦିନ ତଳେ ନିଜ ସାମାଜିକ ଗଣମାଧ୍ୟମରେ ନିଜ କେଶ କଟାର ଏକ ଭିଡିଓ ସେୟାର୍ କରିଥିଲେ। ଯାହାକି ସାମ୍ନାକୁ ଆସିବା ପରେ ସମସ୍ତଙ୍କ ନଜରକୁ ଆସିଛି। ସୋନମ କହିଛନ୍ତି, ବହୁଦିନ ହେବ ସେ ନିଜ କେଶ କାଟି ତାହାକୁ ଚ୍ୟାରିଟିରେ ଦାନ କରିବା କଥା ଯୋଜନା କରୁଥିଲେ। ଏହା ଶେଷରେ ସଫଳ ହୋଇଛି। ସୋନମ୍ ପାର୍ଲରରେ ନିଜ କେଶ ଛୋଟ କରିଥିବା ଦେଖାଯାଇଛି। ସେ ପ୍ରାୟ ୧୨ ଇଞ୍ଚ କେଶ କାଟି ତାହାକୁ ଦାନ କରିବାର ନିର୍ଣ୍ଣୟ ନେଇଛନ୍ତି। ସେହିପରି ସୋନମ ତାଙ୍କର ସୁନ୍ଦର କେଶ ପାଇଁ ତାଙ୍କ ବାପା ଅନିଲ କପୁରଙ୍କୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି। ଅନ୍ୟପଟେ ସୋନମଙ୍କ ଏହି ନିଷ୍ପତ୍ତିରେ ତାଙ୍କ ପ୍ରଶଂସକଙ୍କମାନେ ଖୁବ୍ ଖୁସି ହୋଇଛନ୍ତି। ■

# ବ୍ରହ୍ମପୁରରେ 'ଲଢ଼େଇ'



ପୂର୍ବରୁ ବ୍ରହ୍ମପୁରରେ ଏକାଧିକ ସିନେମାର ସୁଟିଂ ହୋଇଛି। ସେଥି ମଧ୍ୟରୁ 'ପୁନର୍ମିଳନ', 'ଅନୁରାଧା', 'କବି ସମ୍ରାଟ ଉପେନ୍ଦ୍ରଭଞ୍ଜ', 'ଅଲିଭାଦାଗ' ଅନ୍ୟତମ। ବ୍ରହ୍ମପୁର ସହରରେ ଅନେକ ଆକର୍ଷଣୀୟ ଓ ମନୋରମ ସ୍ଥାନ ରହିଛି। ସେଠାକାର ଚଳଣି, ସଂସ୍କୃତି ଓ ପରମ୍ପରା ଏଯାଏଁ ଲୋକଲୋଚନକୁ ଆସିପାରି ନାହିଁ। ଚଳଚ୍ଚିତ୍ର ମାଧ୍ୟମରେ ସେସବୁକୁ ଦର୍ଶକଙ୍କ ଆଗକୁ ଆଣିବାକୁ ପ୍ରୟାସ କରିଛନ୍ତି ନିର୍ଦ୍ଦେଶକ ଅଶୋକ ପତି। ତାଙ୍କ ନିର୍ଦ୍ଦେଶିତ ଆଗାମୀ ଚଳଚ୍ଚିତ୍ର 'ଲଢ଼େଇ'ର ଅଣି ଭାଗ ସୁଟିଂ ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ କରାଯାଇଛି। ଏମିତି କୌଣସି ଜାଗା ନାହିଁ, ଯେଉଁଠି ସୁଟିଂ ହୋଇ ନାହିଁ। ରାମ ଲିଙ୍ଗେଶ୍ୱର ଷ୍ଟାଚ୍ୟୁ, ଇନ୍ଦିରା ଗାନ୍ଧୀ ଛକ, ଧବଳେଶ୍ୱର ନୋଳିଆ ବସ୍ତି, ଅନ୍ନପୂର୍ଣ୍ଣା ଓ ଗିରିଜା ହୋଟେଲ, ହନୁମାନ ସାହି, ବିଏମ୍‌ସି ହାଇ ସ୍କୁଲ ଆଦି ପ୍ରମୁଖ ସ୍ଥାନରେ ସୁଟିଂ ହୋଇଛି। ଏହାସହ ଏହାର ୟୁନିଟ୍ ସେଠାରେ ୧୪ ଦିନ ଧରି ଡେରା ପକାଇ ଥିଲା। କେବଳ ସେତିକି ନୁହେଁ, ଏହି ଚଳଚ୍ଚିତ୍ରରେ ବ୍ରହ୍ମପୁର ସହରର ଅଧିକାଂଶ କଳାକାରଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି। ଡି.ଏସ୍.ଆର୍ ଏଣ୍ଟରପ୍ରାଇଜେସ୍ ନିବେଦିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ' ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସିବ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି। ଦୃଶ୍ୟ ଗ୍ରହଣରେ ଅଛନ୍ତି କୁଳଡ଼ି। ସିନେମାର ନାୟକ ଓ ନାୟିକା ଭୂମିକାରେ ଅଛନ୍ତି ଲୋହିତାକ୍ଷ ଓ ଅଭିଲିପ୍ସା। ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ। ତେବେ ଏକଦା ବ୍ରହ୍ମପୁରରେ ସର୍ବାଧିକ ସିନେମା ହଲ୍ ଥିଲା। ଦକ୍ଷିଣ ଓଡ଼ିଶାର ଲୋକମାନେ ସିନେମା ଦେଖିବାକୁ ବେଶୀ ପସନ୍ଦ କରନ୍ତି। ତେଣୁ ନିଜ ଚଳଚ୍ଚିତ୍ର ଜରିଆରେ ଦକ୍ଷିଣ ଓଡ଼ିଶାକୁ ଟାର୍ଗେଟ କରିଛନ୍ତି ନିର୍ଦ୍ଦେଶକ ଅଶୋକ ପତି। ■

# କପିଲଙ୍କ ଫି' ୫ କୋଟି




ଲୋକପ୍ରିୟ କମେଡି ଶୋ' 'ଦ ଗ୍ରେଟ୍ ଇଣ୍ଡିଆନ୍ କପିଲ ଶୋ' ସିଜନ୍-୩' ପାଇଁ କପିଲ ଶର୍ମା ଚର୍ଚ୍ଚାରେ ଥାଆନ୍ତି। ଏବେ କିନ୍ତୁ ଏଥିରେ ତାଙ୍କ ପାରିଶ୍ରମିକ କେତେ ରହିଛି, ସେ ବାବଦରେ ଦର୍ଶକେ ଜାଣିବାକୁ ଚାହିଁଛନ୍ତି। ଯାହାକି ଏବେ ସାମ୍ନାକୁ ଆସିଛି। ଏହି ଶୋ'ର ପ୍ରତ୍ୟେକ ଅଧ୍ୟାୟ ଲାଗି ସେ ୫ କୋଟି ଟଙ୍କା ଦାବି କରିଛନ୍ତି। ଏହିପ୍ରକାରେ ଉକ୍ତ ସିଜନ୍‌ରେ ସେ ସମୁଦାୟ ୧୯୫ କୋଟି ଟଙ୍କା ଆୟ କରିବା କୁହାଯାଉଛି। ସେହିପରି ଏହି ଶୋ' ଲାଗି କମେଡିଆନ୍ ସୁନୀଲ ଗ୍ରୋଭର ପ୍ରତି ଅଧ୍ୟାୟକୁ ୨୫ ଲକ୍ଷ ଟଙ୍କା ନେବେ। ଏହାବାଦ୍ କୃଷ୍ଣା ଅଭିଷେକଙ୍କୁ ପ୍ରତି ଏପିସୋଡ୍ ପାଇଁ ୧୦ ଲକ୍ଷ ଟଙ୍କା ଦିଆଯିବ ସହ କିକୁ ଶାରଦାଙ୍କୁ ୭ ଲକ୍ଷ ଟଙ୍କା ଏବଂ ରାଜୀବ ଠାକୁରଙ୍କୁ ୬ ଲକ୍ଷ ଟଙ୍କା ଦିଆଯାଉଛି। କପିଲ ଶୋ'ର ସିଜନ୍ ୩ରେ ବିଚାରପତି ଆସନ ଅଳଙ୍କୃତ କରିଥିବା ଅର୍ଚ୍ଚନା ପୁରନ୍ ପ୍ରତି ଏପିସୋଡ୍ ଲାଗି ୧୦ ଲକ୍ଷ ଟଙ୍କା ନେବା କହିଛନ୍ତି। ସେହିପରି ଏହି ନୂଆ ସିଜନ ମାଧ୍ୟମରେ ନବଜୋତ ଫେରିଛନ୍ତି। ସେ ଏହି ଶୋ'ର ପ୍ରତ୍ୟେକ ଅଧ୍ୟାୟ ଲାଗି ୩୦ ଲକ୍ଷ ଟଙ୍କା ନେବେ। ଏହି ସିଜନ୍ ନେଟ୍‌ଫ୍ଲିକ୍ସରେ ପ୍ରସାରିତ ହେଉଛି। ■



ପରଦା ପଛର କାହାଣୀ

# ପ୍ରଥମ ହିନ୍ଦୀ ଭୂତ ଫିଲ୍ମ

ଦିନକୁ ଦିନ ହିନ୍ଦୀ ତଥା ସାଉଥ୍ ଫିଲ୍ମ ଜଗତରେ ହରର ଫିଲ୍ମର କ୍ରେଜ୍ ବଢ଼ି ବଢ଼ି ଚାଲିଛି। ଫିଲ୍ମ ନିର୍ମାତାମାନେ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଏଥିରେ ଭରପୂର କମେଡି ଦୃଶ୍ୟ ରଖୁଛନ୍ତି। ତେବେ ହିନ୍ଦୀ ସିନେମା ଜଗତରେ ପ୍ରଥମ ହରର ଫିଲ୍ମ କେବେ ଆରମ୍ଭ ହୋଇଥିଲା? ସେ ନେଇ ଅନେକ ଜାଣି ନ ଥିବେ। ଭାରତର ପ୍ରଥମ ହରର ଫିଲ୍ମ ଥିଲା 'ମହଲ'। କମଲ ଅମରୋହୀ ନିର୍ଦ୍ଦେଶିତ ଏହି ଫିଲ୍ମ ୧୯୪୯ ମସିହାରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁ ଥିଲା। କାହାଣୀ, ଦୃଶ୍ୟ, ଚରିତ୍ର, ଗୀତ ସବୁ କିଛି ସୁପରହିଟ୍ ହୋଇଥିଲା। ୨ ଘଣ୍ଟା ୪୫ ମିନିଟ୍ ଅବଧିର ଏହି ଫିଲ୍ମରେ ଲୋକପ୍ରିୟ ଅଭିନେତା ଅଶୋକ କୁମାର, ଅଭିନେତ୍ରୀ ମଧୁବାଲାଙ୍କ ସମେତ ଏମ୍. କୁମାର, ଲାଲା ପାଣ୍ଡେଙ୍କ ଭଳି କଳାକାର ପ୍ରମୁଖ ଚରିତ୍ରରେ ଚମତ୍କାର ଅଭିନୟ କରିଥିଲେ। ବମ୍ବେ ଟକିଜ୍ ବ୍ୟାନରରେ ନିର୍ମିତ ଏହି ଫିଲ୍ମ ସେ ସମୟର ଦାମୀ ଫିଲ୍ମ ମଧ୍ୟରୁ ଅନ୍ୟତମ ଥିଲା। ନାମୀଦାମୀ ଅଭିନେତା ଅଭିନେତ୍ରୀ, ଆକର୍ଷଣୀୟ ସେଟ୍, ଚିରସବୁଜ ଗୀତ ସହିତ ଗୋଟିଏ ଗୋଟିଏ ଦୃଶ୍ୟକୁ ଖୁବ୍ ସୁନ୍ଦର ଭାବରେ କମଲ ଅମରୋହୀ ସୁଟ୍ କରିଥିଲେ। ଫିଲ୍ମର କାହାଣୀ ରହସ୍ୟ ଓ ପୁନର୍ଜନ୍ମ ଉପରେ ପର୍ଯ୍ୟବସିତ। କାହାଣୀର ଆରମ୍ଭ ହରି ଶଙ୍କରଙ୍କଠାରୁ ହୋଇଥିଲା। ସେ ଏକ ମହଲ କିଣିବାକୁ ପ୍ରବେଶ କରନ୍ତି। ମହଲର ଜଣେ ଚୌକିଦାର ତାଙ୍କୁ ସେଠାରେ ପୂର୍ବରୁ ରହୁଥିବା ଦୁଇ ପ୍ରେମୀଯୁଗଳଙ୍କ ଦୁଃଖ କାହାଣୀ ଶୁଣାନ୍ତି। ସେମାନଙ୍କ ମୃତ୍ୟୁ କିପରି ହୋଇଥିଲା ତାହା କୁହନ୍ତି। ଏମିତି ରହସ୍ୟ ଘେରରେ ଫିଲ୍ମର କାହାଣୀ ଆଗକୁ ଗତିଶୀଳ ହୋଇଛି। ଭୂତର ଆବିର୍ଭାବ, ରହସ୍ୟ, ରୋମାଞ୍ଚଭରା କାହାଣୀ ଯୋଗୁଁ 'ମହଲ' ଦର୍ଶକୀୟ ପ୍ରଶଂସା ଲାଭ କରିଥିଲା। ସେହି ସମୟରେ ଏହି ଫିଲ୍ମ ୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଯାହାର ବର୍ତ୍ତମାନ ମୂଲ୍ୟ ୧୫ କୋଟିରୁ ଊର୍ଦ୍ଧ୍ୱ ବୋଲି କୁହାଯାଉଛି। ଏହି ଫିଲ୍ମଟି ରେକର୍ଡ ସଂଖ୍ୟକ ୧.୨୫ କୋଟି ଟଙ୍କା ଆୟ କରିଥିଲା। ଯାହାର ଏବେର ମୂଲ୍ୟ ୨୮ କୋଟି ବୋଲି କୁହାଯାଉଛି। ତେବେ ଭୂତ ଆଧାରିତ ପ୍ରଥମ ହିନ୍ଦୀ ଫିଲ୍ମ ଭାବେ 'ମହଲ' ବେଶ୍ ଲୋକପ୍ରିୟ ହୋଇଥିଲା। ■



# ଶୃଙ୍ଖଳା, ନିୟନ୍ତ୍ରଣ ଅଭାବରୁ ହାରିଲା ଭାରତ

## ୭୨ ରନ୍‌ରେ ୧୩ ୱିକେଟ • ଅଧାଡଜନେ କ୍ୟାଚ୍ ଡ୍ରପ୍

ଲିଡ୍ସ,୨୫।୬ (ଏଜେନ୍ସି):



ସ୍ଥାନୀୟ ହେଡିଂଲେରେ ଜୁନ୍ ୨୦ରୁ ୨୪ ତାରିଖଯାଏ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୫ଜଣ ବ୍ୟାଟର ଶତକ ହାସଲ କରିଥିଲେ ମଧ୍ଯ ଭାରତକୁ ୫ ୱିକେଟରେ ହରାଇଛି ଘରୋଇ ଇଂଲଣ୍ଡ ଦଳ। ରେକର୍ଡକୁ ଦେଖିଲେ ଭାରତ ବିଶ୍ୱରେ ପ୍ରଥମ ଦଳ ଯିଏକି ଗୋଟିଏ ଟେଷ୍ଟରେ ୫ଟି ଶତକ ହାସଲ କରିବା ପରେ ପରାଜୟ ବରଣ କରିଛି। ଏହି ରେକର୍ଡ ପୂର୍ବରୁ ଅଷ୍ଟ୍ରେଲିଆ (୪ଟି ଶତକ) ନାମରେ ରହିଥିଲା। କିନ୍ତୁ ତଥ୍ୟ ବା ରେକର୍ଡ ନୁହେଁ ଏହି ଟେଷ୍ଟରେ ଭାରତୀୟ ଖେଳାଳିମାନେ କ୍ରିକେଟ ଖେଳିବାରେ ଯେପରି ଶୃଙ୍ଖଳା ଓ ନିୟନ୍ତ୍ରଣ ରଖିବା କଥା ତାହା ରଖିବାରେ ସମର୍ଥ ହୋଇନାହାନ୍ତି। ଯେଉଁଥିଲାଗି ଭାରତ ରେକର୍ଡ ରନ୍ କରିବା ସତ୍ତ୍ୱେ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ କ୍ରିକେଟର ୩ଟିଯାକ ବିଭାଗ ବ୍ୟାଟିଂ, ବୋଲିଂ କିମ୍ବା ଫିଲ୍ଡିଂ ସବୁଥିରେ ଭାରତୀୟ ଖେଳାଳିମାନେ ଶୃଙ୍ଖଳିତ ପ୍ରଦର୍ଶନ କରିପାରି ନାହାନ୍ତି କିମ୍ବା ନିୟନ୍ତ୍ରଣ ରଖିବାରେ ଅସମର୍ଥ ହୋଇଛନ୍ତି। ଯାହା ଫଳରେ ଭାରତ ପ୍ରଦତ୍ତ ୩୭୧ ରନ୍‌ର ଟାର୍ଗେଟକୁ ଇଂଲଣ୍ଡ ୫ ୱିକେଟ ହରାଇ ସହଜରେ ହାସଲ କରିନେଇଥିଲା।

ଫିଲ୍ଡିଂ: ଏଠାରେ ଭାରତ ଯେଉଁ ଦୁଇଟି ବିଭାଗରେ ସବୁଠାରୁ ଖରାପ ଖେଳ ପ୍ରଦର୍ଶନ କରିଛି, ତାହା ମଧ୍ୟରେ ଫିଲ୍ଡିଂ ଓ ବୋଲିଂରେ ଖେଳାଳିମାନେ ଅଧିକ ବିଶୃଙ୍ଖଳିତ ପ୍ରଦର୍ଶନ କରିଛନ୍ତି। ଏହି ପିଚ୍‌ରେ ବୋଲରଙ୍କୁ ବିଶେଷ ସହାୟତା ମିଳି ନ ଥିଲା। ଏହା ସତ୍ତ୍ୱେ ସେମାନେ ଭଲ ବୋଲିଂ କରନ୍ତୁ କିମ୍ବା ଇଂଲଣ୍ଡ ବ୍ୟାଟର ଖରାପ ପ୍ରଦର୍ଶନ କରି ଆଉଟ ହେବାର ସୁଯୋଗ ଦିଅନ୍ତୁ, ତାହାକୁ କାର୍ଯ୍ୟକାରୀ କରି ପାରି ନ ଥିଲେ ଭାରତୀୟ ଫିଲ୍ଡର। ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂରେ ଭାରତୀୟ ଫିଲ୍ଡରମାନେ ୫ଟି କ୍ୟାଚ୍ ହାତଛଡ଼ା କରି ନ ଥିଲେ ଖେଳର ସ୍ଥିତି ନିଶ୍ଚିତ ଭାବେ ଅଲଗା ହୋଇଥାନ୍ତା। ଏହା ମଧ୍ୟରୁ ଓପନର ଯଶସ୍ୱୀ ଜୟସ୍ୱାଲ ବୁମ୍‌ରାଙ୍କ ବୋଲିଂରେ ୩ଟି ଓ ଶେଷ ଦିନରେ ମହମ୍ମଦ୍ ସିରାଜଙ୍କ ବୋଲିଂରେ ଆଉ ଏକ କ୍ୟାଚ୍ ହାତଛଡ଼ା କରିଥିଲେ। ଏହାର ଫାଇଦା ମିଳିଥିଲା ଇଂଲଣ୍ଡକୁ। କ୍ୟାଚ୍ ଡ୍ରପ୍ ହେବା ଫଳରେ ହ୍ୟାରୀ ବ୍ରୁକ୍ ୦ରୁ ୯୯ ଓ ଦ୍ୱିତୀୟ ଇନିଂସରେ ବେନ୍ ଡକେଟ ୯୭ରୁ ୧୪୯ ରନ୍ କରିଥିଲେ। ଏହା ପରେ ବେନ୍ ଷ୍ଟୋକ୍‌ସ ଦେଇଥିବା ଅନ୍ୟ ଏକ ଅଣପାରମ୍ପରିକ କ୍ୟାଚ୍‌କୁ ମଧ୍ୟ କ୍ଲୋଜ୍ ଇନ୍ ଫିଲ୍ଡର ଧରିବା ତ ଦୂରର କଥା ଆଟେମ୍ପଟ ମଧ୍ୟ କରି ନ ଥିଲେ। ଏଭଳି ଫିଲ୍ଡିଂ ଭାରତର ପରାଜୟରେ ଅନ୍ୟତମ ମୁଖ୍ୟ କାରଣ ଭାବେ ବିବେଚିତ ହେଉଛି।

ବୋଲିଂ: ଇଂଲଣ୍ଡ ଇନିଂସ ଆରମ୍ଭରେ ଭାରତର ବୋଲରମାନେ କିଛି ଭଲ ପ୍ରଦର୍ଶନ ଦେଇଥିଲେ। କିନ୍ତୁ ଶେଷ ଭାଗରେ ସେମାନେ ନିଜ ଉପରେ ନିୟନ୍ତ୍ରଣ ହରାଇଥିଲେ। ମ୍ୟାଚ୍‌ର ୫ମ ତଥା ଶେଷ ଦିନର ଉଦାହରଣ ନିଆଗଲେ ଭାରତୀୟ ବୋଲରଙ୍କ ଦୁର୍ବଳତା ସ୍ପଷ୍ଟ ହୋଇଥାଏ। ଇଂଲଣ୍ଡକୁ ମ୍ୟାଚ୍ ଜିତିବାକୁ ୩୦ ରନ୍ ଆବଶ୍ୟକ ହେଉଥିଲାବେଳେ ପ୍ରଥମଥର ଟେଷ୍ଟ ଦଳର ନେତୃତ୍ୱ ନେଉଥିବା ଗିଲ୍ ୭-୨ରେ ଅଫ୍‌ସାଇଡ୍ ଫିଲ୍ଡ ସଜାଇଥିଲେ। ଜୋ ରୁଟ୍‌ଙ୍କୁ ବୋଲିଂ କରୁଥିଲେ ଶାର୍ଦ୍ଦୁଳ ଠାକୁର। ଏହି ଓଭରରେ ସେ ତାଙ୍କ ପ୍ରଥମ ବଲ୍‌ରୁ ଅଫ୍ ସାଇଡ୍‌ରେ ପକାଇବା ପରିବର୍ତ୍ତେ ମିଡଲ ଷ୍ଟମ୍ପରେ ଫୁଲ୍ ବଲ ପକାଇଥିଲେ। ରୁଟ୍ ଏହାକୁ ଫାଇନ୍ ଲେଗକୁ ଗ୍ଲାନ୍ସ କରି ସିଙ୍ଗଲ ନେଇଥିଲେ। କିନ୍ତୁ ଏଥିରେ କି ଲାଭ ମିଳିଲା। ଯୋଜନା ହେବ ଗୋଟିଏ ପ୍ରକାରର, ବୋଲିଂ କରିବେ ଅନ୍ୟ ପ୍ରକାରରେ। ଏହା ଆଦୌ ଠିକ୍ ନୁହେଁ। ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କୁ ବାଦ୍ ଦେଲେ ଅନ୍ୟ ପେସ୍ ବୋଲରମାନେ ଆଦୌ ଭଲ ପ୍ରଦର୍ଶନ ଦେଇ ପାରି ନ ଥିଲେ। ଜଣେ ଅଲରାଉଣ୍ଡରଭାବେ ଖେଳୁଥିବା ଶାର୍ଦ୍ଦୁଳ ଗୋଟିଏ ଓଭରରେ ୨ଟି ୱିକେଟ ନେବା ଛଡ଼ା ଅନ୍ୟ ସବୁବେଳେ ନିଜ ଉପରେ ନିୟନ୍ତ୍ରଣ ହରାଇଥିଲେ। 'ଆମ ବୋଲିଂର ଦୁର୍ବଳତା ପଦାରେ ପଡ଼ିଯାଇଛି। ଏହାର ପ୍ରମୁଖ କାରଣ ହେଲା ବିଦେଶ ମାଟିରେ ଖେଳିବାର ଅଭିଜ୍ଞତାର ଅଭାବ। ପ୍ରତ୍ୟେକ ଟେଷ୍ଟ ପରେ ଯଦି ଆମେ ବୋଲରମାନଙ୍କୁ ଦୋଷ ଦେବା ଆରମ୍ଭ କରିବା ତେବେ ସେମାନେ ଅଭିଜ୍ଞ ହୋଇ ପାରିବେ ନାହିଁ ବୋଲି କହନ୍ତି ଭାରତୀୟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର। ଏଣୁ ଆମକୁ ଧୈର୍ଯ୍ୟ ଓ ସଂଯମ ରକ୍ଷା କରିବାକୁ ପଡ଼ିବ। ଏଜବାଷ୍ଟନରେ ଜୁଲାଇ ୨ରୁ ଆରମ୍ଭ ହେବ ଦ୍ୱିତୀୟ ଟେଷ୍ଟ। ଏଠାରେ ବ୍ୟାଟରଙ୍କ ରେକର୍ଡ ଭଲ ନୁହେଁ। ବୋଲର ଶୃଙ୍ଖଳିତ ପ୍ରଦର୍ଶନ କଲେ ଭାରତ ଏହି ସିରିଜ୍‌କୁ ବରାବର ସ୍ଥିତିକୁ ଆଣିପାରିବ।

ବ୍ୟାଟିଂ: ଏହି ଟେଷ୍ଟରେ ବ୍ୟାଟରମାନେ ଯେଉଁ ସଫଳତା ପାଇଛନ୍ତି, ତାହା ଅନ୍ୟ କୌଣସି ଟେଷ୍ଟରେ ମିଳି ନାହିଁ। ପ୍ରଥମ ଇନିଂସରେ ୩ ଜଣ ଓ ଦ୍ୱିତୀୟ ଇନିଂସରେ ୨ ଜଣ ବ୍ୟାଟର ଶତକ ହାସଲ କରିଛନ୍ତି। ବ୍ୟାଟିଂ ଅର୍ଡରରେ ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ, ନଂ-୪ ଅଧିନାୟକ ଶୁବମନ ଗିଲ୍, ନଂ-୫ରେ ଋଷଭ ପନ୍ତ ୨ଟି ଶତକ ହାସଲ କରିଛନ୍ତି। କିନ୍ତୁ ଅନ୍ୟ ବ୍ୟାଟର ଫ୍ଲପ୍ ହୋଇଥିଲେ। ପ୍ରଥମ ଇନିଂସରେ ୪୧ ରନ୍‌ରେ ଶେଷ ୭ଟି ଓ ଦ୍ୱିତୀୟ ଇନିଂସରେ ୩୧ ରନ୍‌ରେ ଶେଷ ୬ଟି ୱିକେଟ ହରାଇବା କୌଣସି ଟେଷ୍ଟ ଦଳ ଲାଗି ଆଦୌ ଶୁଭଙ୍କର ନୁହେଁ। ଏମାନେ ଯଦି କିଛି ସମୟ ଟିକ୍ତି ରହିଥାନ୍ତେ ତେବେବି ଫଳାଫଳ ଭିନ୍ନ ହୋଇଥାନ୍ତା। ଅନ୍ତର୍ଜାତୀୟ ସ୍ତରରେ ଗୋଟିଏ ଦଳ ୭୨ ରନ୍‌ରେ ୧୩ ୱିକେଟ ହରାଇବା ଏକ ଦୁଃସ୍ୱପ୍ନ ନା ବିଶୃଙ୍ଖଳା ତାହାର ମୂଲ୍ୟାୟନ କରିବା କଷ୍ଟକର। ସେ ଯାହା ହେଉ ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ନୂଆ ଅଧିନାୟକ ଶୁବମନ ଗିଲ୍ ଯଦି କିଛି ଲକ୍ଷ୍ମଣଗାର ବା ନିର୍ଦ୍ଦିଷ୍ଟ ନିୟମ ନ କରନ୍ତି, ତେବେ ଭାରତ ସଫଳତା ପାଇବା କଷ୍ଟକର। ଏଠାରେ ସୂଚନାଯୋଗ୍ୟ ବିଭିନ୍ନ ଦେଶରେ ଭାରତ ଖେଳିଥିବା ୯ଟି ଟେଷ୍ଟ ମଧ୍ୟରୁ ଏହି ମ୍ୟାଚ୍‌କୁ ମିଶାଇ ୭ଟିରେ ପରାଜିତ ହୋଇଛି। ଖେଳରେ ଶୃଙ୍ଖଳା ଓ ଖେଳାଳିଙ୍କ ପ୍ରଦର୍ଶନରେ ନିୟନ୍ତ୍ରଣ ନ ରହିଲେ ଇଶ୍ୱର ସହଯୋଗ କଲେ ବି ଭାରତ ଟେଷ୍ଟ ମ୍ୟାଚ୍ ଜିତିବା କଷ୍ଟକର ହୋଇ ପଡ଼ିବ।

### ଟେଷ୍ଟ ପରାଜୟରେ ସର୍ବାଧିକ ରନ୍

| ଦେଶ | ରନ୍ | ପ୍ରତିଦ୍ୱନ୍ଦ୍ୱୀ | ଗ୍ରାଉଣ୍ଡ | ସିଜନ |
|---|---|---|---|---|
| ଇଂଲଣ୍ଡ | ୮୬୧ | ଅଷ୍ଟ୍ରେଲିଆ | ହେଡିଂଲେ | ୧୯୪୮ |
| ପାକିସ୍ତାନ | ୮୪୭ | ଇଂଲଣ୍ଡ | ରାୱଲପିଣ୍ଡି | ୨୦୨୨/୨୩ |
| ନ୍ୟୁଜିଲାଣ୍ଡ | ୮୩୭ | ଇଂଲଣ୍ଡ | ଟ୍ରେଣ୍ଟବ୍ରିଜ୍ | ୨୦୨୨ |
| ଭାରତ | ୮୩୫ | ଇଂଲଣ୍ଡ | ହେଡିଂଲେ | ୨୦୨୫ |
| ଇଂଲଣ୍ଡ | ୮୧୭ | ଅଷ୍ଟ୍ରେଲିଆ | ଆଡିଲେଡ୍ | ୧୯୨୦/୨୧ |
| ଅଷ୍ଟ୍ରେଲିଆ | ୮୦୪ | ଦ.ଆଫ୍ରିକା | ଆଡିଲେଡ୍ | ୧୯୧୦/୧୧ |

### ଭାରତ ବିପକ୍ଷରେ ସର୍ବାଧିକ ରନ୍ ଚେଜ୍

| ଦେଶ | ଟାର୍ଗେଟ | ଗ୍ରାଉଣ୍ଡ | ସିଜନ |
|---|---|---|---|
| ଇଂଲଣ୍ଡ | ୩୭୮ | ଏଜ୍‌ବାଷ୍ଟନ | ୨୦୨୨ |
| ଇଂଲଣ୍ଡ | ୩୭୧ | ହେଡିଂଲେ | ୨୦୨୫ |
| ଅଷ୍ଟ୍ରେଲିଆ | ୩୩୯ | ପର୍ଥ | ୧୯୭୭/୭୮ |
| ୱେଷ୍ଟଇଣ୍ଡିଜ୍ | ୨୭୬ | ଦିଲ୍ଲୀ | ୧୯୮୭/୮୮ |
| ଦକ୍ଷିଣ ଆଫ୍ରିକା | ୨୪୦ | ୱାଣ୍ଡରର୍ସ | ୨୦୨୧/୨୨ |
| ନ୍ୟୁଜିଲାଣ୍ଡ | ୨୧୩ | ୱେଲିଂଟନ | ୧୯୯୮/୯୯ |

## ସ୍ୱଦେଶ ଫେରିଲେ ହର୍ଷିତ ରାଣା

ଲିଡ୍ସ,୨୫।୬ (ଏଜେନ୍ସି): ଭାରତୀୟ ପେସ୍ ବୋଲରଙ୍କ ଅସୁସ୍ଥତା ଯୋଗୁଁ ଇଂଲଣ୍ଡରେ ଅଟକି ରହିଥିବା ଅନ୍ୟତମ ଯୁବ ଫାଷ୍ଟ ବୋଲର ହର୍ଷିତ ରାଣାଙ୍କୁ ସ୍ୱଦେଶ ପଠାଇ ଦିଆଯାଇଛି। ଇଂଲଣ୍ଡଠାରୁ ହାରିଯିବା ପରେ ମନୋନୀତ ଖେଳାଳିମାବେ ବସ୍ ଯୋଗେ ବର୍ମିଂହାମ୍ ଯାଇଥିଲେ। କିନ୍ତୁ ରାଣା ଲଣ୍ଡନ ଫେରିଆସିଥିଲେ। ସୂଚନାଯୋଗ୍ୟ ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଭାରତର କିଛି ବୋଲର ଅନ୍‌ଫିଟ୍ ଥିଲେ। ମ୍ୟାଚ୍ ପୂର୍ବରୁ ସେମାନେ ଫିଟ୍ ହେବେ କି ନାହିଁ ଆଶଙ୍କାରେ ଥିବା ଭାରତୀୟ ଦଳର ହେଡ୍ କୋଚ୍ ହର୍ଷିତଙ୍କୁ ଅଟକାଇଥିଲେ। ହର୍ଷିତ ଭାରତ-ଏ' ଦଳରେ ସାମିଲ ହୋଇ ଇଂଲଣ୍ଡ ଲାୟନ୍ସ ସହ ଖେଳିଥିଲେ। ଏବେ ଭାରତ ପ୍ରଥମ ଟେଷ୍ଟ ହାରିଯିବା ପରେ ସମସ୍ତ ଫାଷ୍ଟ ବୋଲର ଫିଟ୍ ହୋଇଯାଇଛନ୍ତି। ଏଣୁ ହର୍ଷିତଙ୍କର ଆଉ ଆବଶ୍ୟକତା ନାହିଁ ବୋଲି ଗମ୍ଭୀର କହିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜିତି ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଏଜ୍‌ବାଷ୍ଟନରେ ଜୁଲାଇ ୨ରୁ ଆରମ୍ଭ ହେବ।

## 'ସହଜ କ୍ୟାଚ୍ କେହି ହାତଛଡ଼ା କରନ୍ତି ନାହିଁ'

ନୂଆଦିଲ୍ଲୀ,୨୫।୬ (ଏଜେନ୍ସି): ଇଂଲଣ୍ଡଠାରୁ ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ କ୍ରିକେଟ ଦଳ ସମାଲୋଚିତ ହେଉଛି। ଏହା ସତ୍ତ୍ୱେ ଏହି ଦଳ ଉପରେ ଆସ୍ଥା ଓ ବିଶ୍ୱାସ ରଖିବାକୁ ଭାରତୀୟ ବରିଷ୍ଠ କ୍ରିକେଟ ଦଳର ପୂର୍ବତନ ଚୟନକର୍ତ୍ତା କିରଣ ମୋରେ କହିଛନ୍ତି। କିନ୍ତୁ ଦୁର୍ବଳ ଫିଲ୍ଡିଂ ଯୋଗୁଁ ଭାରତୀୟ ଦଳ ପ୍ରଥମ ଟେଷ୍ଟରେ ହାରିବା ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ତାଙ୍କ ମତରେ ଆମେ ପ୍ରଥମ ୨ ଦିନ ଅତ୍ୟନ୍ତ ଭଲ ଖେଳିଥିଲୁ। କିନ୍ତୁ ମ୍ୟାଚ୍‌ର ଶେଷ ଦିନରେ ଇଂଲଣ୍ଡ ଯେତେବେଳେ ରନ୍ ଚେଜ୍ କରୁଥିଲା ସେତେବେଳେ ଫିଲ୍ଡିଂ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଆମେ ଏହି ସମୟରେ ଚମତ୍କାର ବୋଲିଂ କରି ବୋଲରଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ମିସ୍ ଫିଲ୍ଡିଂ କରିଥିଲେ। କିନ୍ତୁ ଯେଉଁଗୁଡିକ ଅତି ସହଜ କ୍ୟାଚ୍ ତାହାକୁ କେହି ହାତଛଡ଼ା କରନ୍ତି ନାହିଁ। କ୍ୟାଚ୍ ଡ୍ରପ୍ ହେବା ଦଳର ପରାଜୟ ଓ ବିଜୟରେ ପାର୍ଥକ୍ୟ ଆଣିଥାଏ ବୋଲି ସେ କହିଥିଲେ। ଏହି ଟେଷ୍ଟରେ ଭାରତ ୮୩୫ ରନ୍ ଓ ୫ଟି ଶତକ କରିବା ସତ୍ତ୍ୱେ ଦଳ ପରାଜିତ ହୋଇଥିଲା।

## ବୁମ୍‌ରାଙ୍କୁ ବିଶ୍ରାମ ଦେବା ପୂର୍ବରୁ ୨ଥର ଚିନ୍ତାକର

### ଗମ୍ଭୀରଙ୍କୁ ରବି ଶାସ୍ତ୍ରୀଙ୍କ ଚେତାବନୀ

ଲଣ୍ଡନ,୨୫।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୩ଟି ଟେଷ୍ଟ ଖେଳିବେ ବୋଲି କହିଥିଲେ। ଏବେ ସେ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳିବା ପରେ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ନେଇପାରନ୍ତି। ବୁମ୍‌ରାଙ୍କୁ ବିଶ୍ରାମ ଦେବା ପୂର୍ବରୁ ଦୁଇଥର ଚିନ୍ତା କରିବାକୁ ଭାରତୀୟ ଦଳର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ବର୍ତ୍ତମାନର ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କୁ ଚେତାବନୀ ଦେଇ କହିଛନ୍ତି। ପ୍ରଥମ ଟେଷ୍ଟରେ ବୁମ୍‌ରାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ପ୍ରଭାବ ବିସ୍ତାର କରି ପାରି ନ ଥିଲେ। ଏଣୁ ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ଦେଲେ ଭାରତ ୦-୨ରେ ସିରିଜ୍ ପଛୁଆ ହେବା ନିଶ୍ଚିତ। ଏଭଳି ହେଲେ ଭାରତୀୟ ଦଳ ଚାପରେ ରହିବ ଓ ସିରିଜ୍‌କୁ ଫେରିବା କଷ୍ଟକର ହେବ ବୋଲି ଶାସ୍ତ୍ରୀ କହିଛନ୍ତି। ସେହିପରି ଅନ୍ୟତମ କିଂବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ମତରେ ଦ୍ୱିତୀୟ ଟେଷ୍ଟରେ କୁଲଦୀପ ଯାଦବ ଖେଳିବା ଉଚିତ। ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ କୁଲଦୀପଙ୍କ ରିଷ୍ଟ ସ୍ପିନ୍ ବେଶ ପ୍ରଭାବ ପକାଇବ ବୋଲି ଗାଭାସ୍କର କହିଛନ୍ତି।

## ଅଷ୍ଟ୍ରେଲିଆର ଲଡ୍ଡୁଆ ବ୍ୟାଟିଂ

ବ୍ରିଜ୍‌ଟାଉନ୍, ୨୫।୬ (ଏଜେନ୍ସି): ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଶେଷ ଖବର ସୁଦ୍ଧା ୩ ୱିକେଟ୍‌ରେ ୧୦୯ ରନ୍ କରିଛି। ଏହି ସମୟରେ ଉସ୍‌ମାନ୍ ଖୱାଜା ୪୬ ଓ ଟ୍ରାଭିସ୍ ହେଡ ୫୦ ରନ୍ କରି ବ୍ୟାଟିଂ କରୁଥିଲେ। ଦଳ ୨୨ ରନ୍‌ରେ ୩ଟି ୱିକେଟ୍ ହରାଇ ବିପଦରେ ପଡିଥିଲା। ୱେଷ୍ଟଇଣ୍ଡିଜ୍ ଦଳ ପକ୍ଷରୁ ଶାମରା ଯୋଶେଫ୍ ୨ଟି ଓ ଜେଡେନ୍ ସିଲ୍ସ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

## ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ୨୨୦/୮

କଲମ୍ବୋ,୨୫।୬ (ଏଜେନ୍ସି): ସ୍ଥାନୀୟ ସିଂହଲୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ବୁଧବାର ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୨୨୦ ରନ୍ ସଂଗ୍ରହ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପକ୍ଷରୁ ସଦ୍‌ମାନ ଇସ୍‌ଲାମ ସର୍ବାଧିକ ୪୬, ମୁସଫିକର ରହିମ ୩୫, ଲିଟନ ଦାସ ୩୪, ମେହଦୀ ହାସନ ମିରାଜ ୩୧ ରନ୍ କରିଥିଲେ। ଘରୋଇ ଶ୍ରୀଲଙ୍କା ପକ୍ଷରୁ ଦୁଇ ପେସ୍ ବୋଲର ଅସିଥା ଫର୍ଣ୍ଣାଣ୍ଡୋ, ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଡେବ୍ୟୁଟାଣ୍ଟ ବାମହାତୀ ସ୍ପିନର ସୋନାଲ ଦିନୁଶା ୨ଟି ଲେଖାଏଁ ୱିକେଟ ପାଇଛନ୍ତି।

## ଜାତୀୟ ସନ୍ତରଣ: ପ୍ରତ୍ୟାଶାଙ୍କୁ କାଂସ୍ୟ

ଭୁବନେଶ୍ୱର,୨୫।୬ (ସମିସ): ଓଡ଼ିଶାର ପ୍ରତ୍ୟାଶା ରାୟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୭୮ତମ ଜାତୀୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତାରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୨ ମିନିଟ୍ ୨୪.୭୭ ସେକେଣ୍ଡ ସମୟ ନେଇ ଏହି ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କର୍ଣ୍ଣାଟକର ଦୁଇ ସନ୍ତରଣକାରୀ ବିନୀତା ନାରାୟଣ ଓ ନାଇଶା ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଏହାଛଡ଼ା ଆଜିର ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ କୌଣସି ପଦକ ମିଳିନାହିଁ। ପୂର୍ବରୁ ସ୍ୱର୍ଣ୍ଣପଦକ ଜିତିଥିବା ସ୍ରିଷ୍ଟି ଉପାଧ୍ୟାୟ ଆଜି ଅନୁଷ୍ଠିତ ୫୦ ମିଟ୍‌ର ବଟରଫ୍ଲାଇରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ।



### ୨୮ରୁ ସର୍ବଭାରତୀୟ କବାଡି ପ୍ରତିଯୋଗିତା

## ଓଡ଼ିଶା ଦଳର ଉତ୍ତରାଖଣ୍ଡ ଯାତ୍ରା



କଟକ, ୨୫।୬ (ସମିସ):

ଉତ୍ତରାଖଣ୍ଡର ହରିଦ୍ୱାରଠାରେ ଆସନ୍ତା ୨୮ରୁ ଜୁଲାଇ ପହିଲା ପର୍ଯ୍ୟନ୍ତ ୧ମ ସର୍ବଭାରତୀୟ ୧୮ ବର୍ଷରୁ କମ୍ କବାଡି ପ୍ରତିଯୋଗିତା ଆୟୋଜନ ହେବ। ଏଥି ନିମନ୍ତେ ରାଜ୍ୟ କବାଡି ସଂଘ ପକ୍ଷରୁ ଘୋଷିତ ଉଭୟ ବାଳିକା ଓ ବାଳକ ଦଳ ଆଜି ଉତ୍ତରାଖଣ୍ଡ ଯାତ୍ରା କରିଛି। ମ୍ୟାନେଜର କୁନାଲ ଭୋଇ ଓ କୋଚ ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ଗଠିତ ଓଡିଶା ବାଳକ ଦଳରେ ସ୍ୱସ୍ତିକ ସ୍ୱରୂପ ମେହେର (ଅଧିନାୟକ)ଙ୍କ ସହ ପ୍ରବୀଣ ପ୍ରଧାନ, ଆକାଶ ମୁଣ୍ଡା, ଅମନ ସ୍ୱାଇଁ, ସୁସ୍ମିତ ସାହୁ, ସତ୍ୟଜିତ ସିଂ, ସତ୍ୟପ୍ରକାଶ ଦଳେଇ, ଶୁଭମ୍ ଦାସ, ଶକ୍ତିପ୍ରସାଦ ସେଠୀ, ବାଦଲ ଖଟୁଆ, ଚିକୁ ସେଠୀ, ପଦମ୍ ଥାପ୍ପା, ରୂପଧର ମାଝୀ ଓ ମାସୁମ ସତନାମୀ ସ୍ଥାନ ପାଇଛନ୍ତି।

ସେହିପରି ମ୍ୟାନେଜର ପୂଜା ଲାକ୍ରା ଓ କୋଚ ହରପ୍ରିୟା ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଓଡିଶା ବାଳିକା ଦଳରେ ଅନନ୍ୟା ସ୍ୱାଇଁ (ଅଧିନାୟିକା)ଙ୍କ ସହ ପ୍ରିୟଙ୍କା ପ୍ରଧାନ, ଲକ୍ଷ୍ମୀପ୍ରୀୟା ପାଣ୍ଡେ, ମନକା ମୁର୍ମୁ, ଶ୍ରାବଣୀ ମହାକୁଡ, ଅର୍ଚ୍ଚିତା ଦାସ, ଏ.କରିସ୍ମା ପାତ୍ର, ଗାୟତ୍ରୀ ବେହେରା, ପ୍ରଜ୍ଞାଶ୍ରୀ ଦାସ, ସିରିନ ପାତ୍ର, ସ୍ୱାତୀ ମହାନ୍ତି, ଅର୍ଚ୍ଚିତା ଜେନା, ଚିନୁ ଅମାନ୍ତ ଓ ଲିଜା ନାହାକ ସ୍ଥାନ ପାଇଛନ୍ତି। ପ୍ରତିଯୋଗିତା ନିମନ୍ତେ ଗତ ୮ ତାରିଖରୁ ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଚୟନ ଶିବିର ଜାରି ରହିଥିଲା। ଏଥିରୁ ଖେଳାଳି ବଛାଯାଇଛନ୍ତି ବୋଲି ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା କହିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS